




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-347 ◆BHUBANESWAR ◆SUNDAY ◆15 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୪୭ ◆ଭୁବନେଶ୍ୱର ◆ରବିବାର ◆୧୫ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଭୂତାଣୁ ପରେ ବୀଜାଣୁ ଭୟ

# ଡେଉଁଛି ଡାଇରିଆ

## କଟକ, ଢେଙ୍କାନାଳକୁ ମାଡ଼ିଲା; ଭୁବନରେ ନେଲା ପ୍ରଥମ ମୁଣ୍ଡ

**କିଛି ଦିନର ବ୍ୟବଧାନ ପରେ ସାରାଦେଶ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କରୋନା ଭୂତାଣୁ ପୁଣିଥରେ ସଂକ୍ରମଣ ବଢ଼ାଇ ଚାଲିଥିବା ବେଳେ ଏବେ ରାଜ୍ୟବାସୀଙ୍କୁ ଘାରିଛି ବୀଜାଣୁ ଭୟ । ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଡାଇରିଆ (ଝାଡ଼ାବାନ୍ତି) କାୟା ମେଲାଇ ଚାଲିଛି । ପଡ଼ୋଶୀ ଜିଲ୍ଲା କେନ୍ଦୁଝର ଓ ଭଦ୍ରକକୁ ଝାଡ଼ାବାନ୍ତି ମାଡ଼ିବା ପରେ ଶନିବାର କଟକ ଓ ଢେଙ୍କାନାଳ ଜିଲ୍ଲାରେ ଝାଡ଼ାବାନ୍ତିର ପ୍ରକୋପ ଦେଖିବାକୁ ମିଳିଛି । ଇତିମଧ୍ୟରେ ଯାଜପୁର ଜିଲ୍ଲାରେ ରୋଗୀଙ୍କ ମଳ ନମୁନାରୁ କଲେରା (ହଇଜା) ବୀଜାଣୁ ଠାବ ହେବା ରାଜ୍ୟବାସୀଙ୍କ ଚିନ୍ତା ବଢ଼ାଇଛି ।**



■ ଭୁବନେଶ୍ୱର/ କଟକ/ ଯାଜପୁର/ ଭୁବନ, ୧୪।୬ (ସମିସ): ୫ ଦିନ ତଳେ ଯାଜପୁରରେ ପାଦ ଥାପିଥିବା ଝାଡ଼ାବାନ୍ତି (ଡାଇରିଆ) ଏବେ ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଦ୍ରୁତ ଗତିରେ ମାଡ଼ି ଚାଲିଛି । ଯାଜପୁରରେ ସ୍ଥିତି ପୂରା ବେକାବୁ ହୋଇପଡ଼ିଥିବା ବେଳେ ପାର୍ଶ୍ୱବର୍ତ୍ତୀ ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ ଓ କଟକ ଜିଲ୍ଲାରେ ଶହଶହ ଆକ୍ରାନ୍ତ ହୋଇଛନ୍ତି । କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ଏହାର କାରଣ କିମ୍ବା ଉତ୍ପତ୍ତିର ବିନ୍ଦୁବିସର୍ଗ ଏ ପର୍ଯ୍ୟନ୍ତ ପାଇପାରୁନାହିଁ । ଫଳରେ ଲୋକଙ୍କ ମଧ୍ୟରେ ଭୟ ବଢ଼ିବାରେ ଲାଗିଛି । ଡାଇରିଆର ହଟ୍‌ସ୍ପଟ୍ ପାଲଟିଥିବା ଯାଜପୁରରୁ ଆଜି ପୁଣି ୫୬ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଗତ

**ଯାଜପୁରରେ ଭୋଜିଭାତ କଟକଣା**

**ଢାବାରେ ଚଢ଼ଉ; ୫ ହୋଟେଲ ସିଲ୍**

**ଯାଞ୍ଚ କରିବ ୧୪ ଜଣିଆ କେନ୍ଦ୍ରୀୟ ଟିମ୍**

୨୪ ଘଣ୍ଟାରେ, ଜିଲ୍ଲାର ଦାନଗଦି ଅଞ୍ଚଳର ଆଉ ୪୬ ଆକ୍ରାନ୍ତ ହୋଇଥିବା ବେଳେ ଡାଇରିଆରୁ ବର୍ତ୍ତିଯାଇଥିବା ଏକମାତ୍ର ବ୍ଲକ୍ ବିଞ୍ଝାରପୁର ଆଜି ଖାତା ଖୋଲିଛି । ବ୍ଲକ୍‌ରୁ ଆଜି ୧୦ ଡାଇରିଆ ରୋଗୀ ବାହାରିଛନ୍ତି । ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେହିପରି ଡାଇରିଆରେ ଆକ୍ରାନ୍ତ ହୋଇଥିବା ଉଚ୍ଚବାଲି ପଞ୍ଚାୟତ ତାରାଇଲୋ ଗ୍ରାମର ଗେହ୍ଲେଇ ▶ପୃଷ୍ଠା-୭

## ବାଙ୍କୀ, କଟକ ସଦରରେ ୫୦ ଆକ୍ରାନ୍ତ

■ କଟକ, ୧୪।୬ (ସମିସ): ଯାଜପୁର, ଭଦ୍ରକ, କେନ୍ଦୁଝର ପରେ କଟକ ଜିଲ୍ଲାରେ ଏବେ ଝାଡ଼ାବାନ୍ତି । କଟକ ସଦର ଅଞ୍ଚଳର ୪୨ମୌଜା ଅନ୍ତର୍ଗତ ଝିଙ୍କିରିଆ ପଞ୍ଚାୟତରେ କିଛି ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିଭଳି ବାଙ୍କୀର ଘୋଳପୁର ଗାଁରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଝିଙ୍କିରିଆ ପଞ୍ଚାୟତରେ ପ୍ରାୟ ୨୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୪ ଗୁରୁତରଙ୍କୁ କଟକ ବଡ଼ମେଡିକାଲକୁ ନିଆଯାଇଥିଲା । ଚିକିତ୍ସିତ ହେବା ପରେ ସେମାନେ ସୁସ୍ଥ ହୋଇଛନ୍ତି । ଡାକ୍ତରୀ ଟିମ୍ ଘର ଘର ବୁଲି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି । ବାଙ୍କୀ ବ୍ଲକ ଘୋଳପୁର ଗ୍ରାମର ତଳସାହିରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି । ଏବେ ସୁଦ୍ଧା ୨୬ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କୁ ଆଠଗଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ଅପରପକ୍ଷେ ସ୍ଥିତି ପରଖିବାକୁ ଆଜି ଏକ ଡାକ୍ତରୀ ଟିମ୍ ଘଟଣାସ୍ଥଳକୁ ଯାଇଥିଲେ । ଝାଡ଼ାବାନ୍ତି ▶ପୃଷ୍ଠା-୭


## ରାଜଧାନୀରେ ବି ଝାଡ଼ାବାନ୍ତି


■ ଭୁବନେଶ୍ୱର, ୧୪।୬(ସମିସ): ରାଜଧାନୀ ଭୁବନେଶ୍ୱରକୁ ଘାରିଛି ଡାଇରିଆ ଭୟ । ଘାଟିକିଆ ଅଞ୍ଚଳରେ ଶତାଧିକ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି । ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ପାଣି ଯାଞ୍ଚ କରାଯାଇଛି । ପଳାଶୁଣି, ପାଣ୍ଡରା, ପଟିଆ, ପାତ୍ରପଡ଼ା, ଗଜପତି ନଗର ସମେତ ୯ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପଠାଯାଇଛି । କଳିଙ୍ଗବିହାର ଅଞ୍ଚଳରେ ଏକ ଆପାର୍ଟମେଣ୍ଟରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ଘରୋଇ ହସ୍ପିଟାଲ୍ ଚିକିତ୍ସିତ ହେଉଥିବା ଖବର ମିଳିଛି । ପାନୀୟ ଜଳରେ ସ୍ୱେରେଜ ଜଳ ମିଶୁଥିବାରୁ ଜଳ ଦୂଷିତ ହେଉଛି । ଏହାକୁ ପିଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି ।

**୯ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କଲା ବିଏମ୍‌ସି**

### ପ୍ରକାଶ ପାଇଲା ନିଟ୍ ପରୀକ୍ଷାଫଳ

## ରାଜସ୍ଥାନର ମହେଶ ଟପ୍ପର


ମହେଶ କୁମାର


ସ୍ନେହାଶିଷ ଦାସ


**ଗତବର୍ଷ ତୁଳନାରେ ଓଡ଼ିଶାର ଫଳାଫଳ ନୈରାଶ୍ୟଜନକ**

**୬୦ ତମ ର୍‍ୟାଙ୍କ୍ ରଖି ସ୍ନେହାଶିଷ ରାଜ୍ୟ ଟପ୍ପର୍**

**ଓଡ଼ିଆ ଭାଷାରେ ପରୀକ୍ଷା ଦେଇଥିଲେ ୮୧୨ ଛାତ୍ରଛାତ୍ରୀ**

■ ଭୁବନେଶ୍ୱର, ୧୪।୬ (ସମିସ): ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର ମେଡିକାଲ ଆଶାୟୀମାନଙ୍କ ନିଟ୍ ୟୁଜି (ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ଅଣ୍ଡରଗ୍ରାଜୁଏଟ୍) ପରୀକ୍ଷା ୨୦୨୫ର ଫଳାଫଳ ଘୋଷଣା କରିଛି । ରାଜସ୍ଥାନର ମହେଶ କୁମାର ୯୯.୯୯ ପର୍ସେଣ୍ଟାଇଲ୍ ସ୍କୋର୍ ରଖି ଦେଶରେ ଟପ୍ପର ହୋଇଥିବାର ଗୌରବ ହାସଲ କରିଛନ୍ତି । ତାଙ୍କ ପଛକୁ ମଧ୍ୟପ୍ରଦେଶର ଉତ୍କର୍ଷ ଆୱାଦିଆ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମହାରାଷ୍ଟ୍ରର ତ୍ରିସଙ୍ଗ ଯୋଶୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ସ୍ନେହାଶିଷ ଦାସ ୯୯.୯୯ ପର୍ସେଣ୍ଟାଇଲ୍ ସ୍କୋର ରଖି ଓଡ଼ିଶାରୁ ପ୍ରଥମ ହୋଇଥିବା ବେଳେ ସର୍ବଭାରତୀୟ ତାଲିକାରେ ୬୦ ତମ ର୍‍ୟାଙ୍କରେ ରହିଛନ୍ତି । ୨୦୨୫ ନିଟ୍ ପରୀକ୍ଷାଫଳ ସହ ଏନ୍‌ଟିଏ ▶ପୃଷ୍ଠା-୭

## ସୁଶାନ୍ତ ସିଂହଙ୍କୁ ହତ୍ୟାର ପ୍ରମାଣ ନାହିଁ


**ସିବିଆଇ ଦେଲା କ୍ଲୋଜର୍ ରିପୋର୍ଟ**

■ ମୁମ୍ବାଇ, ୧୪।୬ (ଏଜେନ୍ସି): ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାର ଚୂଡ଼ାନ୍ତ କ୍ଲୋଜର ରିପୋର୍ଟ ସିବିଆଇ ଆଜି ଦାଖଲ କରିଛି । ୪ ବର୍ଷ ୬ ମାସ ପରେ ସିବିଆଇ ଏହି ରିପୋର୍ଟ ଦାଖଲ କରିଛି । ରିପୋର୍ଟରେ ସୁଶାନ୍ତଙ୍କ ହତ୍ୟାର କୌଣସି ପ୍ରମାଣ ନାହିଁ ବୋଲି କୁହାଯାଇଛି । ସୁଶାନ୍ତଙ୍କୁ ଆତ୍ମହତ୍ୟା ପାଇଁ ଉସୁକା ଯାଇଥିବାର କୌଣସି ପ୍ରମାଣ ମଧ୍ୟ ସିବିଆଇକୁ ମିଳିନାହିଁ । ୨୦୨୦ ଜୁନ୍ ୧୪ରେ ବାନ୍ଦ୍ରା ସ୍ଥିତ ନିଜ ଘରୁ ରହସ୍ୟଜନକ ଭାବେ ସୁଶାନ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ପ୍ରଥମେ ମହାରାଷ୍ଟ୍ର ପୁଲିସ ଏହାକୁ ଆତ୍ମହତ୍ୟା ବୋଲି କହି ଦେଇଥିଲା । ମାତ୍ର ଏହାକୁ ତୀବ୍ର ବିରୋଧ ▶ପୃଷ୍ଠା-୭

## ବିମାନ ଦୁର୍ଘଟଣାର ଯାଞ୍ଚ କରିବେ ୧୧ ଜଣିଆ କମିଟି

■ ଅହମଦାବାଦ, ୧୪।୬ (ଏଜେନ୍ସି): ବିମାନ ଚଳାଚଳ ମନ୍ତ୍ରାଳୟର ସଚିବ ଏସକେ ସିହ୍ନା କହିଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକବକ୍ସ ମିଳିଛି । ଏହାକୁ ଖୋଜିବା ପାଇଁ ଶହେ କର୍ମଚାରୀ ଏବଂ ୪୦ ଇଞ୍ଜିନିୟର ଲାଗିଥିଲେ । ବିମାନ କିପରି ଦୁର୍ଘଟଣାଗ୍ରସ୍ତ ହେଲା ତାହାର



ଯାଞ୍ଚ ପାଇଁ ଏକ ୧୧ ଜଣିଆ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରାଯାଇଛି । ଦୁର୍ଘଟଣାର କାରଣ ଖୋଜିବା ସହିତ ତିନି ମାସ ମଧ୍ୟରେ ଏହା ରିପୋର୍ଟ ପ୍ରଦାନ କରିବ । ସୋମବାର ଏହି କମିଟିର ପ୍ରଥମ ବୈଠକ ବସିବ ବୋଲି ବେସାମରିକ ବିମାନ ▶ପୃଷ୍ଠା-୭

## ଚର୍ମ କର୍କଟ ରୋକିବ ଚିଲିକା ଶୈବାଳ

### ୨୦ ବର୍ଷ ଗବେଷଣା ପରେ ସାମ୍ନାକୁ ଆସିଲା ତଥ୍ୟ

■ ଭୁବନେଶ୍ୱର, ୧୪।୬ (ସମିସ): ଓଡ଼ିଶାର ବିଶ୍ୱ ପ୍ରସିଦ୍ଧ ଚିଲିକା ହ୍ରଦର ଜୈବ ବିବିଧତା ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟ କରିଛି । ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ସ୍ଥାନରୁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନର ଆବିଷ୍କାର କରିଛନ୍ତି । ଏହି ହ୍ରଦରେ ପ୍ରାକୃତିକ ଭାବେ ବଢ଼ୁଥିବା ଲାଲ୍ ଶୈବାଳରେ ଥିବା ଉପାଦାନ


**ଜୈବିକ ସନ୍‌ସ୍କ୍ରିନ୍ ଭାବେ ହେବ ବ୍ୟବହାର**

ବୈଜ୍ଞାନିକମାନେ ଚିଲିକା ହ୍ରଦର ଭୂୟସୀ ପ୍ରଶଂସା କରିଛନ୍ତି । ଗବେଷଣାରେ ବ୍ୟବହୃତ ଲାଲ ଶୈବାଳ ହେଉଛି 'ଗ୍ରାସିଲାରିଆ ଭେରୁକୋସା' ପ୍ରଜାତିର ତଥା 'ରୋଡୋଫାଇଟା' ଗୋଷ୍ଠୀର ବୋଲି ଜଣାପଡ଼ିଛି । ଏଥିରେ ମିଳୁଥିବା 'ମାଇକୋସ୍ପୋରିନ୍-ଆମିନୋ ଏସିଡ୍' ସୂର୍ଯ୍ୟ କିରଣରୁ ନିର୍ଗତ ଅତି ବାଇଗଣୀ ରଶ୍ମିକୁ ପ୍ରତିହତ କରିବାର କ୍ଷମତା ରଖୁଛି । ଏହି ରଶ୍ମି ମନୁଷ୍ୟ ଶରୀରର ଚର୍ମରେ ଥିବା କୋଷଗୁଡ଼ିକୁ କ୍ଷତି ପହଞ୍ଚାଇଥାନ୍ତି । ଏଥିଯୋଗୁଁ କର୍କଟ ରୋଗର ଆଶଙ୍କା ସୃଷ୍ଟି ହୋଇଥାଏ । ଏହି

ଅତି ବାଇଗଣୀ ରଶ୍ମି କିରଣରୁ ଚର୍ମକୁ ରକ୍ଷା କରିବ । ଏଥିସହ ଚର୍ମ କର୍କଟ ରୋଗକୁ ରୋକିବାରେ ମଧ୍ୟ ବେଶ ସହାୟ ହେବ । ଚିଲିକାରୁ ଏଭଳି ଅନନ୍ୟ ଉପାଦାନର ଆବିଷ୍କାର ହୋଇଥିବାରୁ ଭାରତୀୟ ▶ପୃଷ୍ଠା-୭

### ରଜରେ ଲଜ୍ଜା

## ଭିନ୍ନକ୍ଷମଙ୍କୁ ଦୁଷ୍କର୍ମ

■ ବଲଙ୍ଗା, ୧୪।୬(ସମିସ): ରଜରେ ଲଜ୍ଜା । ପିପିଲି ଓ ପୁରୀ ପରେ ଆଜି ବଲଙ୍ଗା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ବଲଙ୍ଗା ପୁଲିସ୍ ଏନେଇ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲା, ରବି ତ୍ରିପାଠୀ (୫୬) । ଅପରପକ୍ଷେ, ପୁଲିସ୍ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇ ୧୬୪ ଧାରାରେ ବୟାନ ରେକର୍ଡ କରିଛି ।

ସୂଚନାନୁଯାୟୀ, ପୀଡ଼ିତା ଯୁବତୀଜଣଙ୍କ ୯୦ ପ୍ରତିଶତ ଭିନ୍ନକ୍ଷମ । ଶୁକ୍ରବାର ରାତିରେ ପରିବାରଲୋକ ଏକ ବାହାଘର ଭୋଜିକୁ ଯାଇଥିବା ବେଳେ ପୀଡ଼ିତାଜଣଙ୍କ ଏକୁଟିଆ ଘରେ ଥିଲେ । ଏହି ସମୟରେ ରବି ତାଙ୍କ ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିଲା । ▶ପୃଷ୍ଠା-୭

## ବର୍ଷପୂର୍ତ୍ତିରେ ମହାନଦୀ ଚିନ୍ତା


■ ଭୁବନେଶ୍ୱର, ୧୪।୬ (ସମିସ): ମରି ମରି ଆସୁଛି ଓଡ଼ିଶାର ଜୀବନରେଖା ମହାନଦୀ । ଓଡ଼ିଶାକୁ ଅବାରିତ ଜଳଧାରା ପ୍ରବାହରେ ରୋକ ଲଗାଇଛି ପଡ଼ୋଶୀ ଛତିଶଗଡ଼ । ଉପରମୁଣ୍ଡରେ ଏକାଧିକ ଡ୍ୟାମ୍ ଓ ବ୍ୟାରେଜ୍ ନିର୍ମାଣ କରି ଛତିଶଗଡ଼ ସରକାର ଏକପ୍ରକାର ମହାନଦୀର ତଣ୍ଟି ଚିପି ଦେଇଛନ୍ତି । ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ଦୀର୍ଘଦିନରୁ ରହିଥିବା ବିବାଦ ଟ୍ରିପଲ୍ ଇଞ୍ଜିନ ସରକାରରେ ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା । ନିର୍ବାଚନ ପ୍ରଚାର ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତିରୁ ମହାନଦୀକୁ ନେଇ ଓଡ଼ିଶାର ଜନସାଧାରଣ ବହୁ ଆଶାବାଦୀ ଥିଲେ । ହେଲେ ଇତିମଧ୍ୟରେ ବର୍ଷଟିଏ ବିତିଯାଇଥିଲେ ହେଁ ରାଜ୍ୟ ସରକାରଙ୍କ ପକ୍ଷରୁ ମହାନଦୀ ଜଳ ବିବାଦର ସମାଧାନ ନେଇ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଗଲା ନାହିଁ । ଏବେ ଶାସନର

### ୬ ମାସ ହେବ ଟ୍ରିବ୍ୟୁନାଲରେ ଶୁଣାଣି ହୋଇନି

**ବୈଷୟିକ ମୂଲ୍ୟାଙ୍କନ କରିବେ ରାଜ୍ୟ ସରକାର**

**୯ଟି ବିନ୍ଦୁ ଉପରେ ତଥ୍ୟ ମାଗିଲା ଜଳ ସଂପଦ ବିଭାଗ**

**ସରକାରଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଲେ ବିଶେଷଜ୍ଞ**



ବର୍ଷପୂର୍ତ୍ତି ବେଳକୁ ରାଜ୍ୟ ସରକାର ତରବରିଆ ଭାବେ ମହାନଦୀର ମୂଲ୍ୟାଙ୍କନ କରିବାକୁ ଆଗଭର ହୋଇଛନ୍ତି । ରାଜ୍ୟ ବିଜେପି ସରକାରଙ୍କ ଏହି ନିଷ୍ପତ୍ତି କେବଳ ଲୋକଦେଖାଣିଆ ଏବଂ ବାସ୍ତବତାଠାରୁ ବହୁ ଦୂରରେ ବୋଲି ବିଶେଷଜ୍ଞ ମହଲ ମତବ୍ୟକ୍ତ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭାଗର ବିଭିନ୍ନ ଅଧିକାରୀଙ୍କୁ ମୋଟ ୯ଟି ବିଷୟରେ ଆବଶ୍ୟକ ତଥ୍ୟ ମଗାଯାଇଛି । ବୈଷୟିକ ମୂଲ୍ୟାଙ୍କନ ପାଇଁ ସର୍ବୋଚ୍ଚ ଯନ୍ତ୍ରୀ ତଥ୍ୟ ମାଗିଛନ୍ତି, ତନ୍ମଧ୍ୟରେ ମହାନଦୀ ▶ପୃଷ୍ଠା-୭




# ଇରାନ ଆକ୍ରମଣକୁ ଜୋରଦାର କଲା ଇସ୍ରାଏଲ

## ଇରାନର ଏୟାର ଡିଫେନ୍ସ ସିଷ୍ଟମ ଧ୍ୱସ୍ତ, ଆଉ ୭୮ ନିହତ



- ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ବର୍ଷା
- ତେଲ୍‌ଆଭିଭ୍ ସେନା ମୁଖ୍ୟାଳୟ କ୍ଷତିଗ୍ରସ୍ତ
- ପରମାଣୁ ଚୁକ୍ତି ସ୍ୱାକ୍ଷର ନ କଲେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଜୋରଦାର ହେବ: ଟ୍ରମ୍ପ

ତେହରାନ, ୧୪।୬: ଗତକାଲି ଇରାନ ଉପରେ ଇସ୍ରାଏଲର ଅଚାନକ ଓ ଅପ୍ରତ୍ୟାଶିତ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟ ଆରମ୍ଭ ହୋଇଯାଇଛି ଯୁଦ୍ଧ । ଆକ୍ରମଣ ଜବାବରେ ଇସ୍ରାଏଲ ଉପରେ ଇରାନ ହମଲା କରିଥିବା ବେଳେ ଇସ୍ରାଏଲ ମଧ୍ୟ ଆକ୍ରମଣ ଜାରି ରଖିଛି । ଏହାକୁ ନେଇ ମଧ୍ୟପ୍ରାଚ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବିଭିନ୍ନ ଦେଶ ଉଭୟ ଇରାନ ଓ ଇସ୍ରାଏଲକୁ ସଂଯମ ପାଇଁ ନିବେଦନ କରିଛନ୍ତି । କିନ୍ତୁ ଇସ୍ରାଏଲ ସ୍ପଷ୍ଟ କରିଦେଇଛି ଯେ ଇରାନର ସମସ୍ତ ପରମାଣୁ ଓ ସାମରିକ ପ୍ରତିଷ୍ଠାନ ଧୂଳିସାତ ନହେବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ । ଆମେରିକା ମଧ୍ୟ ଧମକ ଦେଇଛି ଯେ ପରମାଣୁ ଚୁକ୍ତି ନକଲେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଆହୁରି ତୀବ୍ର ହେବ । ଅନ୍ୟପକ୍ଷରେ ଇରାନ ଧମକ ଦେଇଛି ଯେ ଯୁଦ୍ଧରେ ଇସ୍ରାଏଲକୁ ସହାୟତା କରୁଥିବା ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସକୁ ଏହା ଟାର୍ଗେଟ କରିବ । ମଧ୍ୟପ୍ରାଚ୍ୟରେ ରହିଥିବା ଏହିସବୁ ଦେଶର ସାମରିକ ପ୍ରତିଷ୍ଠାନ ଉପରେ ଏହା ଆକ୍ରମଣ କରିବ ।

ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣରେ ଇରାନର ବ୍ୟାପକ କ୍ଷତି ହୋଇଛି । ଗତରାତିରେ ଇସ୍ରାଏଲ କରିଥିବା ତୃତୀୟ ପର୍ଯ୍ୟାୟ ଆକ୍ରମଣରେ ୭୮ ଜଣ ପ୍ରାଣ ହରାଇଥିବା ବେଳେ ୩୨୦ ଜଣ ଆହତ ହୋଇଛନ୍ତି । ନିହତମାନଙ୍କ ମଧ୍ୟରେ ଦୁଇ ଜଣ ବରିଷ୍ଠ ସାମରିକ ଅଧିକାରୀ ରହିଛନ୍ତି । ଇରାନ ପକ୍ଷରୁ କୁହାଯାଇଛି ଯେ ଏକ ଆବାସିକ ବିଲ୍ଡିଂ ଉପରେ ହୋଇଥିବା ଆକ୍ରମଣରେ ୬୦ ଜଣ ପ୍ରାଣ ହରାଇଥିବା ବେଳେ ସେଥିମଧ୍ୟରୁ ୨୦ ଶିଶୁ ରହିଛନ୍ତି । ଏହାସହିତ ଇସ୍ରାଏଲ ଆକ୍ରମଣରେ ପ୍ରାୟ ୪୦୦ ଲୋକ ପ୍ରାଣ ହରାଇଲେଣି । ଇସ୍ରାଏଲ କ୍ଷେପଣାସ୍ତ୍ର ମାଡ଼ କରିବା ସହିତ ଲଢୁଆ ବିମାନରୁ ବୋମା ବର୍ଷା ଜାରି ରଖିଛି । ଅନ୍ୟପକ୍ଷରେ ଇରାନ ମଧ୍ୟ ଇସ୍ରାଏଲ ଉପରେ ଗତରାତିରେ ୨୦୦ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରିଛି । ଅନେକ କ୍ଷେପଣାସ୍ତ୍ର ରାଜଧାନୀ ତେଲ୍‌ଆଭିଭରେ ପଡ଼ିଛି । କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲ ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଏଥିରେ ତିନିଜଣ ପ୍ରାଣ ହରାଇଥିବା ବେଳେ ୭୦ରୁ ଅଧିକ ଆହତ ହୋଇଛନ୍ତି । ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ପରେ ଇସ୍ରାଏଲ ବାସିନ୍ଦାମାନଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ଲାଗି କୁହାଯାଇଛି । ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କୁ ମଧ୍ୟ ନିରାପଦ ସ୍ଥାନକୁ ନିଆଯାଇଛି ।

ଇତିମଧ୍ୟରେ ଇସ୍ରାଏଲ ଧମକ ଦେଇଛି ଇରାନ ଆକ୍ରମଣ ଜାରି ରଖିଲେ ରାଜଧାନୀ ତେହରାନ ଉପରେ ଆକ୍ରମଣକୁ ଜୋରଦାର କରାଯିବ । ତେହରାନକୁ ଜଳିବାରୁ କେହି ଅଟକାଇପାରିବେ ନାହିଁ । ଇରାନର ସମସ୍ତ ଏୟାର ଡିଫେନ୍ସ ସିଷ୍ଟମକୁ ଧ୍ୱଂସ କରିଦିଆଯାଇଛି । ଇସ୍ରାଏଲୀ ଲଢୁଆ ବିମାନ ବିନା ବାଧାରେ ତେହରାନ ଯାଇ ଆକ୍ରମଣ କରିପାରିବେ । ଗତକାଲି ଇସ୍ରାଲର ପ୍ରଥମ ପର୍ଯ୍ୟାୟ ଆକ୍ରମଣରେ ୨୦୦ ଲଢୁଆ ବିମାନ ୩୦୦ରୁ ଅଧିକ ବୋମା ବର୍ଷା କରିଥିବା ବେଳେ ପରମାଣୁ କେନ୍ଦ୍ର ସମେତ ପ୍ରାୟ ୧୦ଟି ସାମରିକ ପ୍ରତିଷ୍ଠାନ ଧ୍ୱଂସ କରିଦେଇଥିଲେ । ଏଥିରେ ସେନାଧ୍ୟକ୍ଷ ସମେତ ୨୦ରୁ ଅଧିକ ଜେନେରାଲ ଏବଂ ଅନେକ ପରମାଣୁ ବୈଜ୍ଞାନିକ ପ୍ରାଣ ହରାଇଥିଲେ । ଇସ୍ରାଏଲରୁ ତେହରାନ ମଧ୍ୟରେ ଦୂରତା ୧୫୦୦ କିଲୋମିଟର ହୋଇଥିବା ବେଳେ ଇସ୍ରାଏଲର ୧୨ରୁ ଅଧିକ ଯୁଦ୍ଧ ବିମାନ ବିନା କୌଣସି ବାଧାରେ ତେହରାନ ଉପରେ ଉଡ଼ି ବୋମା ବର୍ଷା କରିଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି । ଏହାର ଜବାବରେ ଇସ୍ରାଏଲ ଉପରେ ଇରାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା । ଯୁଦ୍ଧ ଚାଲିଥିବା ବେଳେ ଉଭୟ ଇରାନ ଏବଂ ଇସ୍ରାଏଲ ସେମାନଙ୍କର ବାୟୁସୀମାକୁ ଯାତ୍ରୀ ବିମାନ ପାଇଁ ବନ୍ଦ କରିଦେଇଛନ୍ତି ।

ତେଣେ ଆମେରିକା ପକ୍ଷରୁ କୁହାଯାଇଛି ଯେ ଇସ୍ରାଏଲ ଚଳାଇଥିବା ଆକ୍ରମଣରେ ଏହାର କୌଣସି ହାତ ନାହିଁ । କିନ୍ତୁ ମିଳିଥିବା ଖବର ଅନୁସାରେ ଇରାନ ଉପରେ ଆକ୍ରମଣରେ ଇସ୍ରାଏଲକୁ ସହାୟତା କରୁଛି ଆମେରିକା । ଇରାନ କ୍ଷେପଣାସ୍ତ୍ରକୁ ଆକାଶମାର୍ଗରେ ନିଷ୍କ୍ରିୟ କରିବାରେ ଆମେରିକାର ସେନା ଇସ୍ରାଏଲକୁ ସହାୟତା କରୁଛି । ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଇରାନ ପରମାଣୁ ଚୁକ୍ତିରେ ସ୍ୱାକ୍ଷର ନକଲେ ଇସ୍ରାଏଲ ଏହାର ଆକ୍ରମଣକୁ ଜୋରଦାର କରିବ । ସଂଯମ ରକ୍ଷା କରିବା ଲାଗି ବ୍ରିଟେନ ଓ ଫ୍ରାନ୍ସ ଉଭୟ ଇରାନ ଓ ଇସ୍ରାଏଲକୁ ଅନୁରୋଧ କରିଥିବା ବେଳେ ଇରାନ କହିଛି ଯେ ଯେଉଁମାନେ ଇସ୍ରାଏଲକୁ ସମର୍ଥନ କରୁଛନ୍ତି ମଧ୍ୟପ୍ରାଚ୍ୟରେ ଥିବା ସେମାନଙ୍କର ସାମରିକ ପ୍ରତିଷ୍ଠାନ ଉପରେ ଏହା ଆକ୍ରମଣ କରିବ ।

## ଧ୍ୱଂସ ହୋଇଥିବା ଇରାନର ୪ ପରମାଣୁ କେନ୍ଦ୍ର

ତେଲ ଆଭିଭ, ୧୪।୬ (ଏଜେନ୍ସି): ଇସ୍ରାଏଲ ଶୁକ୍ରବାର ସକାଳେ ୨୦୦ ଲଢୁଆ ବିମାନରୁ କ୍ଷେପଣାସ୍ତ୍ର ମାଡ଼ କରି ଇରାନର ୪ଟି ପରମାଣୁ ଏବଂ ୨ଟି ସାମରିକ ଠିକଣାକୁ ଧ୍ୱଂସ କରିଦେଇଛି । ଅନେକ ପ୍ରମୁଖ ସେନା ଅଧିକାରୀଙ୍କ ଘରକୁ ମଧ୍ୟ ନିଶାଣ କରାଯାଇଛି । ଏଥିରେ ସେନାମୁଖ୍ୟ, ସ୍ୱତନ୍ତ୍ର ବାହିନୀର ମୁଖ୍ୟ ସମେତ ୨୦ ପ୍ରମୁଖ ଅଧିକାରୀ ଏବଂ ୬ ଜଣ ପରମାଣୁ ବୈଜ୍ଞାନିକ ନିହତ ହୋଇଛନ୍ତି । ଇସ୍ରାଏଲ କେବଳ ୪ଟି ବଡ଼ ପରମାଣୁ କେନ୍ଦ୍ର, ଅସ୍ତ୍ରଶସ୍ତ୍ର ରଖାଯାଇଥିବା କାରଖାନା ଏବଂ ବଡ଼ ସାମରିକ ଅଧିକାରୀ ରହୁଥିବା ରେସିଡେନସିଆଲ କମ୍ପ୍ଲେକ୍ସକୁ ନଷ୍ଟ କରିଦେଇଛି । ତେହରାନରୁ ପ୍ରାୟ ୨୫୦ କିମି ଦୂରରେ ରହିଛି ନତାଞ୍ଜ ପରମାଣୁ କେନ୍ଦ୍ର । ୨୦୦୨ରେ ପ୍ରଥମ ଥର ପାଇଁ ଏହାର ଫଟୋ ସାମ୍ନାକୁ ଆସିଥିଲା । ଏହି ସାଇଟରେ ୯ଟି ପରମାଣୁ ବୋମା ପ୍ରସ୍ତୁତି ଲାଗି ୟୁରାନିୟମ ରଖାଯାଇଥିଲା ବୋଲି କୁହାଯାଉଛି । ଏଠାରେ ଆଡଭାନ୍ସ ସେଣ୍ଟ୍ରିଫ୍ୟୁଜ ଲାଗିଥିଲା । ଏହା ମାଧ୍ୟମରେ ୟୁରାନିୟମ-୨୩୫କୁ ସଫା କରାଯାଉଥିଲା । ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତିରେ ବିଶୁଦ୍ଧ ୟୁରାନିୟମ ଜରୁରୀ । ସେଥିପାଇଁ ଏପରି କରାଯାଉଥିଲା । ଗତ ମାର୍ଚ୍ଚ ସୁଦ୍ଧା ଇରାନ ପାଖରେ ୨୭୫ କେଜି ୟୁରାନିୟମ ଥିଲା । ଏହାକୁ ୬୦ ପ୍ରତିଶତ ବିଶୁଦ୍ଧ କରାଯାଇଥିଲା । ଏହି ଦେଶ ଅସ୍ତ୍ରଶସ୍ତ୍ର ନିର୍ମାଣର ନିକଟତର ହୋଇ ଯାଇଥିଲା । ପୂର୍ବରୁ ନେତନ୍ୟାହୁ ଇରାନକୁ ସବୁଠାରୁ ବଡ଼ ପରମାଣୁ ବିପଦ କହିଥିଲେ । ଏଠାରେ ଥିବା ଭୂତଳ ସାଇଟକୁ ଇରାନ ୭.୬ ମିଟରର ମୋଟା କଂକ୍ରିଟ କାନ୍ଥରେ ଢାଙ୍କି ଦେଇଥିଲା । ଏହା ସତ୍ତ୍ୱେ ଇସ୍ରାଏଲ ଆକ୍ରମଣରେ ମୁଖ୍ୟ ଟ୍ରାନ୍ସଫର୍ମର କ୍ଷତି ହୋଇଛି । ତେବେ ଇରାନର ଏହି ପରମାଣୁ କେନ୍ଦ୍ର ଭୂତଳକୁ ୮୦ ମିଟର ଗଭୀରତା ପର୍ଯ୍ୟନ୍ତ ବ୍ୟାପିଛି । ତଳକୁ ୨୬ ମହଲା ପର୍ଯ୍ୟନ୍ତ ଯାଇଛି । ଇରାନର ସିମେଣ୍ଟ ଟେକ୍ନୋଲୋଜି ମଧ୍ୟ ବିଶ୍ୱ ପ୍ରସିଦ୍ଧ । ଏହି ପରମାଣୁ କେନ୍ଦ୍ରର ବିଶେଷ କ୍ଷତି ହୋଇ ନ ଥିବା କୁହାଯାଉଛି । ଏହି ପରମାଣୁ କେନ୍ଦ୍ରରୁ କୌଣସି ପ୍ରକାରର ବିକିରଣ ହୋଇନାହିଁ ବୋଲି ଆଇଏଇଏ ପକ୍ଷରୁ ରିପୋର୍ଟ ଜାରି କରାଯାଇଛି ।


ସେହିପରି ରାଜଧାନୀରେ ତେହରାନ ନ୍ୟୁକ୍ଲିୟର ରିସର୍ଚ୍ଚ ସେଣ୍ଟର (ଟିଏନଆରସି) ରହିଛି । ୧୯୬୭ରେ ଆମେରିକା ସହାୟତାରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା । ଏଠାରେ ୬୦୦ ଗ୍ରାମ ପର୍ଯ୍ୟନ୍ତ ପ୍ଲୁଟୋନିୟମ ଉତ୍ପାଦନ କରିହେବ । ଏହା ପରମାଣୁ ଅସ୍ତ୍ରଶସ୍ତ୍ର ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ । ଏହା ସବୁଠୁ ଅଧିକ ସୁରକ୍ଷିତ ଅଞ୍ଚଳରେ ମଧ୍ୟ ଥିଲା । ଏଠାରେ ଆକ୍ରମଣ କରି ଇସ୍ରାଏଲ ଇରାନକୁ ଚେତାଇ ଦେଇଛି । କୌଣସି କେନ୍ଦ୍ର ସୁରକ୍ଷିତ ନୁହେଁ ବୋଲି ବାର୍ତ୍ତା ଦେଇଛି । ସେହିପରି ଇସଫହାନରେ ୟୁରାନିୟମ କନଭର୍ସନ ଫାସିଲିଟି ରହିଛି । ଏଠାରେ ଅଶୋଧିତ ୟୁରାନିୟମକୁ ଗ୍ୟାସରେ ପରିବର୍ତ୍ତିତ କରାଯାଉଥିଲା । ଏଠାରେ ଅନେକ ଅସ୍ତ୍ରଶସ୍ତ୍ର କେନ୍ଦ୍ର ମଧ୍ୟ ଥିଲା । ତେଣୁ ଇସ୍ରାଏଲ ଏହାକୁ ଧ୍ୱଂସ କରିଦେଇଛି । ଏହା ବ୍ୟତୀତ ଇରାକର ହେଭି ୱାଟର ରିଆକ୍ଟରକୁ ଇସ୍ରାଏଲ ନିଶାଣ କରିଥିଲା । ଏଠାରେ ପ୍ଲୁଟୋନିୟମ ପ୍ରସ୍ତୁତ କରାଯାଉଥିଲା । ଅନୁସନ୍ଧାନ ଏବଂ ରେଡିଓ ଆଇସୋଟପ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଉଥିଲା । ଗବେଷଣାକୁ ରୋକିବା ଲାଗି ଏହାକୁ ଇସ୍ରାଏଲ ଧ୍ୱଂସ କରିଦେଲା ।

## ଜଣେ ଥିଲେ ମନୀଷା



ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଅନେକଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛି । ଏଥିରେ ୧୨ କ୍ରୁ ସଦସ୍ୟଙ୍କ ସହିତ ୨୨୯ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ଏହି କ୍ରୁ ସଦସ୍ୟଙ୍କ ମଧ୍ୟରେ ଥିଲେ ନେପାଳର ମନୀଷା ଥାପା । ବିହାରରେ ପଢ଼ିଥିବା ମନୀଷା ସ୍ୱପ୍ନର ଉଡ଼ାଣ ଭରିଥିଲେ । ଦେଶର ପ୍ରତିଷ୍ଠିତ ଏୟାରଲାଇନ୍ସ ଏୟାର ଇଣ୍ଡିଆରେ ଚାକିରି କରିଥିଲେ । ସେ ଇଣ୍ଡିଗୋ ଏୟାରଲାଇନ୍ସରେ ଗ୍ରାଉଣ୍ଡ ସପୋର୍ଟିଂ ଷ୍ଟାଫ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ । ଏହା ପରେ ସେ ଆକାଶା ଏବଂ ଏୟାର ଇଣ୍ଡିଆରେ କ୍ରୁ ସଦସ୍ୟ ଭାବେ ସାମିଲ ହୋଇଥିଲେ । ସେ ଲଣ୍ଡନ ଏବଂ ଅଷ୍ଟ୍ରେଲିଆ ଯାଉଥିବା ବିମାନରେ ସେବା ଦେଉଥିଲେ । ମନୀଷା ପାଠପଢାରେ ଧୂରନ୍ଧର ଥିଲେ । ସେ ନିଜ ଲକ୍ଷ୍ୟ ପୂରଣ କରିବା ପାଇଁ ଦିନରାତି ପରିଶ୍ରମ କରୁଥିଲେ । ସହଯୋଗୀମାନେ ମନୀଷାଙ୍କୁ ପ୍ରେରଣା ଭାବେ ଦେଖୁଥିଲେ । ସେ ନିଜ ବାପାମାଆଙ୍କ ସ୍ୱପ୍ନ ସାକାର କରିବା ପାଇଁ ଚାହୁଁଥିଲେ ।

## ନଭେମ୍ବରରେ ହୋଇଥାନ୍ତା ରୋଶନୀଙ୍କ ନିର୍ବନ୍ଧ




ନଭେମ୍ବରରେ ମର୍ଚ୍ଚାଣ୍ଟ ନେଭି ଅଧିକାରୀଙ୍କ ସହ ନିର୍ବନ୍ଧ ହୋଇଥାନ୍ତା । ମାର୍ଚ୍ଚରେ ବିବାହ ଧାର୍ଯ୍ୟ ହୋଇ ସାରିଥିଲା । ଏଥିପାଇଁ ଘର ଲୋକେ ଜୋରସୋର୍‌ରେ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ । ମାତ୍ର ଏହା ପୂର୍ବରୁ ସବୁ ସ୍ୱପ୍ନ ଛାରଖାର ହୋଇଗଲା । ବିମାନ ଦୁର୍ଘଟଣାରେ ଏୟାର ହୋଷ୍ଟେସ ତଥା ଟ୍ରାଭେଲ ଇନଫ୍ଲୁଏନ୍ସର ରୋଶନୀ ସୋନଘାରେ (୨୬ଙ୍କ ଜୀବନ ଚାଲିଗଲା । କିଛି ମିନିଟ ମଧ୍ୟରେ ସବୁ ଖୁସି ଦୁଃଖରେ ବଦଳି ଗଲା । ଥାନେ ଅନ୍ତର୍ଗତ ଡୋମ୍ବିଭଲିରେ ରହୁଥିବା ସୋନଘାରେ ପରିବାର ଏହା ଗଭୀର ଆଘାତ ଦେଇଛି । ତିନି ଦିନ ତଳେ ଡ୍ୟୁଟିକୁ ଯାଇଥିବା ଝିଅ ଆଉ ଅଫେରା ରାଇଜକୁ ଚାଲିଯାଇଛି ।

## ବିବାହର ଦୁଇ ଦିନ ପରେ ଚାଲିଗଲା ଜୀବନ



ଭଦୋଦରାର ୨୬ ବର୍ଷୀୟ ଭାବିକ ମାହେଶ୍ୱରୀ ଲଣ୍ଡନରେ ଚାକିରି କରୁଥିଲେ । ଦୁଇ ସପ୍ତାହ ତଳେ ଭାରତ ଆସିଥିଲେ । ଏହି ସମୟରେ ପରିବାର ତାଙ୍କ ବିବାହ ସ୍ଥିର କରିଥିଲେ । ଗତ ୧୦ ତାରିଖରେ ସେ କୋର୍ଟରେ ବିବାହ କରିଥିଲେ । ବିମାନ ଦୁର୍ଘଟଣା ସବୁ କିଛି ଛଡ଼ାଇ ନେଲା । ନବ ବିବାହିତାଙ୍କ ମଥାର ସିନ୍ଦୂର ଛଡ଼ାଇ ନେଲା । ଭାବିକଙ୍କ ପିତା ଅର୍ଜୁନ ମାହେଶ୍ୱରୀ କହିଛନ୍ତି ଯେ ପୁଅ ଗତ ୧୨ ତାରିଖରେ ବିମାନ ବୁକ୍ କରିଥିଲେ । ବୋହୂ ମଧ୍ୟ ତାଙ୍କୁ ବିଦାୟ ଦେବାକୁ ଅହମଦାବାଦ ବିମାନବନ୍ଦରକୁ ଯାଇଥିଲେ । ବିମାନ ଦୁର୍ଘଟଣାର ଖବର ଆସିବା ପର୍ଯ୍ୟନ୍ତ ବୋହୂ ଘରକୁ ମଧ୍ୟ ଫେରି ନ ଥିଲେ ।

## ରୋଜଗାରିଆ ଝିଅକୁ ହରାଇଲା ପରିବାର



ଅହମଦାବାଦ, ୧୪।୬ (ଏଜେନ୍ସି): ଦୁର୍ଘଟଣାରେ ପ୍ରାଣ ହରାଇଥିବା କ୍ରୁ ସଦସ୍ୟଙ୍କ ମଧ୍ୟରେ ମଣିପୁର ହିଂସା ପୀଡ଼ିତ ୨୬ ବର୍ଷୀୟ ଲାମନୁନ୍ଥେମ୍ ସିଙ୍ଗସନ୍ ସାମିଲ ଅଛନ୍ତି । ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ । ସେ ଜଣେ ରୋଷେୟା ଥିଲେ । ମଣିପୁରରେ ହିଂସା ଯୋଗୁଁ ତାଙ୍କ ପରିବାରକୁ ଘରୁ ଛାଡ଼ିବାକୁ ପଡିଥିଲା । ସେ ଶେଷ ଥର ପାଇଁ ଗତ ୧୧ ତାରିଖରେ ନିଜ ବିଧବା ମାଆଙ୍କ ସହ କଥା ହୋଇଥିଲେ । ଦୁହେଁ ଫୋନରେ ଏକାଠି ପ୍ରାର୍ଥନା କରିଥିଲେ । ସମ୍ପର୍କୀୟ ଭାଇ ଲୁନ୍ କିପଜେନ୍ କହିଛନ୍ତି ଯେ ସିଙ୍ଗସନ୍‌ଙ୍କ ବଡ଼ ଭାଇ କିଛି କାମ କରୁନାହାନ୍ତି । ସେ ଏକ ଗମ୍ଭୀର ରୋଗରେ ପୀଡିତ । ଆଉ ଦୁଇ ଭାଇ ପାଠ ପଢୁଛନ୍ତି । ସମସ୍ତଙ୍କୁ ଅସହାୟ କରି ଭଉଣୀ ଚାଲି ଯାଇଛି । ଦୁର୍ଘଟଣା ଖବର ମାଆଙ୍କୁ ଗଭୀର ଆଘାତ ଦେଇଛି । ସେ ଖାଇବା ପିଇବା ବନ୍ଦ କରିଦେଇଛନ୍ତି । ଝିଅର ଫେରିବା ବାଟକୁ ଚାହିଁ ରହିଛନ୍ତି ।

# ଆମେରିକା ମହିଳା ସାଂସଦ, ସ୍ୱାମୀଙ୍କୁ ହତ୍ୟା

## ଗୁଳିମାଡ଼ରେ ଅନ୍ୟ ଜଣେ ସାଂସଦ ଓ ପତ୍ନୀ ଗୁରୁତର



ୱାଶିଂଟନ, ୧୪।୬ (ଏଜେନ୍ସି): ଆମେରିକାର ଚାଞ୍ଚଲ୍ୟ ଖେଳିଯାଇଛି । ଦେଶରେ ହିଂସା ଜାରି ରହିଥିବାବେଳେ ଶନିବାର ସକାଳେ ମିନେସୋଟା ରାଜ୍ୟରେ ଡେମୋକ୍ରାଟିକ ପାର୍ଟିର ୨ ସାଂସଦଙ୍କ ଘରେ ପଶି ଗୁଳିମାଡ଼ କରାଯାଇଛି । ଏହି ଗୁଳିକାଣ୍ଡରେ ପୂର୍ବତନ ବାଚସ୍ପତି ତଥା ସାଂସଦ ମେଲିସା ହର୍ଟମାନ ଏବଂ ତାଙ୍କ ସ୍ୱାମୀ ମାର୍କ ପ୍ରାଣ ହରାଇଛନ୍ତି । ଷ୍ଟେଟ ସିନେଟର ଜନ୍ ହୋଫମାନ ଏବଂ ତାଙ୍କ ପତ୍ନୀ ୟେଭେଟ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କ ଦେହରେ ଅନେକ ଗୁଳି ବାଜିଛି । ଏବେ ଦୁଇ ଜଣଙ୍କ ଚିକିତ୍ସା ଜାରି ରହିଛି । ଉଭୟଙ୍କ ଅସ୍ତ୍ରୋପଚାର ହୋଇଛି । ଦୁଇ ଜଣଙ୍କ ଜୀବନ ବଞ୍ଚିଯିବ ବୋଲି ଡାକ୍ତର ଆଶାବାଦୀ ଅଛନ୍ତି । ମିନେପୋଲିସର ଉତ୍ତର ଜିଲ୍ଲାରେ ଥିବା ଚେମ୍ପଲିନ ଏବଂ ବ୍ରୁକଲିନରେ ଏହି ଗୁଳିକାଣ୍ଡ ହୋଇଛି । ଆକ୍ରମଣକାରୀ ପୁଲିସ ପୋଷାକ ପିନ୍ଧି ଆସିଥିଲା । ପୋଷାକ ଦେଖି ଯେ କେହି ବି ତାକୁ ପୁଲିସ ଅଧିକାର ଭାବିବ । ସେ ଆସିଥିବା କାର୍‌କୁ ପୁଲିସ ଗିରଫ କରିଛି । ଏହି କାର୍‌ରୁ ଅନେକ ସାଂସଦଙ୍କ ନାମ ତାଲିକା ମିଳିଛି । ଏହି ତାଲିକା ଅନୁଯାୟୀ ଆକ୍ରମଣକାରୀ ସାଂସଦଙ୍କୁ ନିଶାଣ କରୁଛି ବୋଲି କୁହାଯାଉଛି । ତେଣୁ ତାଲିକାରେ ନାମ ଥିବା ସାଂସଦଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି ।

ଏବେ ବି ଆକ୍ରମଣକାରୀ ଫେରାର ଅଛି । ଆକ୍ରମଣ ପଛର କାରଣ ଜାଣିବା ଲାଗି ଏବଂ ଆକ୍ରମଣକାରୀକୁ ଚିହ୍ନଟ କରିବା ପାଇଁ ପ୍ରୟାସ ଜାରି ରହିଛି । ତାକୁ ଧରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ ଆରମ୍ଭ କରାଯାଇଛି ବୋଲି ଗଭର୍ଣ୍ଣର ଟିମ ୱାଲ୍‌ଜ କହିଛନ୍ତି । ଦୁଇ ସାଂସଦଙ୍କ ଆକ୍ରମଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେ ଉଲ୍ଲେଖ କରିଛନ୍ତି । ମେଲିସା ଜଣେ ଭଲ ସାଂସଦ ଥିଲେ । ତାଙ୍କ ସ୍ଥାନ କେହି ନେଇପାରିବେ ନାହିଁ ବୋଲି ୱାଲଜ କହିଛନ୍ତି । ପୁଲିସ ସୂଚନା ଅନୁଯାୟୀ ଆକ୍ରମଣର ଶିକାର ହୋଇଥିବା ଦୁଇ ସାଂସଦଙ୍କ ଘର ମଧ୍ୟରେ ଦୂରତା ମାତ୍ର ୧୨ କିମି ଥିଲା । ହାଫମାନ ଏବଂ ତାଙ୍କ ପତ୍ନୀ ଚେମ୍ପଲିନରେ ରହୁଥିଲେ । ଭାରତୀୟ ସମୟ ସକାଳ ୧୧ଟା ୩୦ରେ ଉଭୟଙ୍କୁ ଗୁଳିମାଡ଼ କରାଯାଇଥିଲା । ହାଫମାନ ୨ଟି ଏବଂ ୟେଭେଟଙ୍କୁ ତିନୋଟି ଗୁଳି ବାଜିଛି ।



## ହିମାଚଳରେ ଭୂସ୍ଖଳନ; ଧସିଗଲା ପାହାଡ଼

ନୂଆଦିଲ୍ଲୀ, ୧୪।୬ (ଏଜେନ୍ସି): ମୌସୁମୀ ପୁଣି ସକ୍ରିୟ ହୋଇ ଉଠିଛି । ଏହାର ପ୍ରଭାବରେ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ହୋଇଛି । ଏଥିଯୋଗୁଁ ଚମ୍ବା ଜିଲ୍ଲାର ବସ କୁଣ୍ଡି ସୁନାରା ମାର୍ଗରେ ଥିବା ଏକ ପାହାଡ ସମ୍ପୂର୍ଣ୍ଣ ଧସିଯାଇଛି । ଏହାର ଅବଶେଷ ରାସ୍ତା ଉପରକୁ ଖସି ପଡ଼ିଛି । ତେବେ ସୌଭାଗ୍ୟର ବିଷୟ ଏହି କି ଯେ ଏଥିରେ କେହି ମୃତାହତ ହୋଇନାହାନ୍ତି । କୌଣସି ଗାଡ଼ି ଏହା ସଂସ୍ପର୍ଶରେ ଆସିନାହିଁ । ଲୋକେ ବିପଦ ଦେଖି ଆଗୁଆ ସତର୍କ ହୋଇ ଯାଇଥିଲେ । ଟ୍ରାଫିକକୁ ବନ୍ଦ କରି ଦେଇଥିଲେ । ଏହା ପରେ ଦେଖୁ ଦେଖୁ ସମ୍ପୂର୍ଣ୍ଣ ପାହାଡ ରାସ୍ତାକୁ ଖସି ପଡ଼ିଥିଲା । ୫ ମିନିଟ ପର୍ଯ୍ୟନ୍ତ ଧୂଳି ଧୂଆଁ ଉଡିବାରେ ଲାଗିଥିଲା । ଏହା ସମ୍ପୂର୍ଣ୍ଣ ଅଞ୍ଚଳକୁ ଆଚ୍ଛାଦିତ କରିଦେଇଥିଲା । ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ଅନ୍ୟପକ୍ଷରେ ମହାରାଷ୍ଟ୍ର ପୁନେରେ ଶୁକ୍ରବାର ରାତିରେ ପ୍ରବଳ ବର୍ଷା ହୋଇଛି । ଏଥିଯୋଗୁଁ ପିମ୍ପରି ଚିଞ୍ଚୱାଡ ସହରରେ ବନ୍ୟା ଭ୍ରମ ସୃଷ୍ଟି ହୋଇଛି । ନଳାରେ ୪ରୁ ୫ଟି ଗାଡ଼ି ଭାସି ଯାଇଛି । ସେହିପରି ହରିୟାଣାରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସ୍ଥିତିକୁ ଦେଖି ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି । ମହିଳାଙ୍କୁ ଦ୍ୱିପହରେ ରୋଷେଇ ନ କରିବାକୁ ସରକାର ପରାମର୍ଶ ଦେଇଛନ୍ତି । ଶୋଷ ନ ଲାଗୁଥିଲେ ବି ପାଣି ପିଇବାକୁ କହିଛନ୍ତି ।

## ପାଇଲଟଙ୍କ ଶେଷ ବାର୍ତ୍ତା | ବିମାନ ଉପରକୁ ଉଠୁନି; କେହି ବଞ୍ଚିବୁନି

ଅହମଦାବାଦ, ୧୪।୬ (ଏଜେନ୍ସି): ୨୦୨୫ ଜୁନ୍ ୧୨ । ଏହି ଦିନକୁ କେହି ବି ସହଜରେ ଭୁଲି ପାରିବେ ନାହିଁ । ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଗୁରୁବାର ଦ୍ୱିପହର ୧ଟା ୩୯ରେ ଅହମଦାବାଦ ବିମାନବନ୍ଦରରୁ ବ୍ରିଟେନ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା । ଏହାର କିଛି ସେକେଣ୍ଡ ମଧ୍ୟରେ ବିମାନ ୬୨୫ ଫୁଟ ଉଚ୍ଚତାରେ ପହଞ୍ଚି ଯାଇଥିଲା । ୧୭୪ ନଟ୍ସର ସ୍ପିଡ୍ ହାସଲ କରିଥିଲା । ମାତ୍ର ଏହି ସମୟରେ ଅଚାନକ ସ୍ଥିତି ବଦଳି ଯାଇଥିଲା । ହଠାତ୍ ବିମାନ ଦ୍ରୁତଗତିରେ ତଳକୁ ଖସିବାରେ ଲାଗିଥିଲା । ଏହା ଦେଖି ପାଇଲଟ ସୁମିତ ସଭରୱାଲ ଏବଂ ସହଯୋଗୀ ପାଇଲଟ କ୍ଲାଇଭ କୁନ୍ଦର ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି) କୁ ଏମର୍ଜେନ୍ସି କଲ୍ କରିଥିଲେ । 'ମେଡେ ମେଡେ ମେଡେ' କହିଥିଲେ । ପାଇଲଟ ସୁମିତ ସଭରୱାଲ କହିଥିଲେ ଯେ ଥ୍ରଷ୍ଟ ମିଳୁନାହିଁ । ବିମାନ ଉପରକୁ ଉଠି ପାରୁନାହିଁ । ଏହା ତଳକୁ ଖସିବାରେ ଲାଗିଛି । କେହି ବଞ୍ଚିବୁ ନାହିଁ । ମେଡେ ମେଡେ ମେଡେ । ଏହି ବାର୍ତ୍ତା ପାଇବା ପରେ ଏଟିସି ପକ୍ଷରୁ ବିମାନକୁ ଯୋଗାଯୋଗ କରାଯାଇଥିଲା । କିନ୍ତୁ କୌଣସି ଉତ୍ତର ମିଳିପାରି ନ ଥିଲା । ଏହାର କିଛି ସେକେଣ୍ଡ ମଧ୍ୟରେ ବିମାନବନ୍ଦରରୁ ଦୁଇ କିମି ଦୂର ମେଧାନିନଗର ସ୍ଥିତ ମେଡିକାଲ କଲେଜ ପରିସରରେ ବିମାନ ଖସି ପଡ଼ିଥିଲା । ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ଶନିବାର ଏହି ସୂଚନା ଦିଆଯାଇଛି ।

ଏହି ଦିନଟି ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇ ଯାଇଛି । ଏ ପର୍ଯ୍ୟନ୍ତ ୨୭୫ ମୃତଦେହ ଉଦ୍ଧାର କରାଗଲାଣି ।

ବିମାନର ମୁଖ୍ୟ ପାଇଲଟ ସୁମିତଙ୍କ ପାଖରେ ୮, ୨୦୦ ଘଣ୍ଟାରୁ ଅଧିକ ଉଡ଼ାଣ ଅଭିଜ୍ଞତା ଥିଲା । ସେହିପରି ସହଯୋଗୀ ପାଇଲଟ ପାଖରେ ମଧ୍ୟ ୧୧୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ରହିଥିଲା । ଏହାସତ୍ତ୍ୱେ ଏଭଳି କ'ଣ ହୋଇଥିଲା ଯେ ୨ ମିନିଟରୁ କମ୍ ସମୟ ମଧ୍ୟରେ ଭାରତର ସବୁଠୁ ଭୟାନକ ବିମାନ ଦୁର୍ଘଟଣା ଘଟିଥିଲା ବୋଲି ପ୍ରଶ୍ନ ଉଠୁଛି । ଏହି ବିମାନ ପ୍ୟାରିସ-ଦିଲ୍ଲୀ-ଅହମଦାବାଦର ଉଡ଼ାଣକୁ ସଫଳତାର ସହ ଶେଷ କରିଥିଲା ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ।



ଅନ୍ୟପକ୍ଷରେ ବିମାନ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ୨୭୫ରେ ପହଞ୍ଚି ଯାଇଛି । ମୃତଦେହ ରଖିବା ପାଇଁ ୧୭୦ କଫିନ ଅର୍ଡର କରାଯାଇଛି । ଏୟାର ଇଣ୍ଡିଆର ମ୍ୟାନେଜର ଫୋନ କରି ଏ ନେଇ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି । ଏହାମଧ୍ୟରେ ଅହମଦାବାଦ ସିଭିଲ ହସ୍ପିଟାଲର ଡେପୁଟି ସିଭିଲ ସୁପରିଟେଣ୍ଡେଣ୍ଟ ରଜନୀଶ ପଟେଲ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୨୪୮ ମୃତଦେହର ଡିଏନଏ ନମୁନାକୁ ପୁଣିଥରେ ଯାଞ୍ଚ କରାଗଲାଣି । ଏଥିରୁ ୧୧ ଡିଏନ୍‌ଏ ସମ୍ପର୍କୀୟଙ୍କ ସହ ମିଶିଛି । ଆଜି ଜଣେ ମହିଳାଙ୍କ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ଏବେ ସୁଦ୍ଧା ୯ ମୃତଦେହ ହସ୍ତାନ୍ତର କରାଗଲାଣି । ୮ ଜଣ ଆହତଙ୍କ ଚିକିତ୍ସା ଜାରି ରହିଥିବା ବେଳେ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ଏହା ପୂର୍ବରୁ ବିଜେ ମେଡିକାଲରେ ଫସିଥିବା ବିମାନର ପଛ ଭାଗ ବାହାର କରାଯାଉଥିବା ବେଳେ ଏକ ମୃତଦେହ ମିଳିଥିଲା । ଏହି ମୃତଦେହ ଏୟାର ହୋଷ୍ଟେସଙ୍କର ହୋଇପାରେ ବୋଲି କୁହାଯାଉଛି । ଅନ୍ୟପଟେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ସମ୍ପର୍କୀୟଙ୍କ ଅନ୍ତରୀଣ ସହାୟତା ଭାବେ ପ୍ରଥମେ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଏୟାର ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି । ତତ୍କାଳ ସହାୟତା ଭାବେ ଆହତ ଏବଂ ମୃତକଙ୍କ ପରିବାରକୁ ଏହି ଅର୍ଥ ପ୍ରଦାନ କରାଯିବ ।

## ସରଣ୍ଡାରେ ସର୍ଚ୍ଚ ଅପରେସନ ବେଳେ ଆଇଇଡି ବିସ୍ଫୋରଣ

# ସିଆର୍‌ପିଏଫ୍ ଏଏସ୍‌ଆଇ ସହିଦ

ରାଉରକେଲା, ୧୪।୬ (ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି (ଲ୍ୟାଣ୍ଡମାଇନ୍) ବିସ୍ଫୋରଣରେ ଜଣେ ସିଆର୍‌ପିଏଫ୍ ଯବାନ ସହିଦ ହୋଇଛନ୍ତି। ତାଙ୍କ ଦୁଇଗୋଡ଼ ଉଡିଯିବା ସହ ଶରୀର ଖଣ୍ଡଖଣ୍ଡ ହୋଇଯାଇଛି। ସେ ହେଲେ, ସିଆର୍‌ପିଏଫ୍ ଏଏସ୍‌ଆଇ ସତ୍ୟବାନ କୁମାର ସିଂ(୩୪)। ତାଙ୍କ ଘର ଉତ୍ତରପ୍ରଦେଶରେ। ସେ ଝାଡ଼ଖଣ୍ଡରେ ସିଆର୍‌ପିଏଫ୍‌ର ୧୩୪ ବାଟାଲିୟନ୍‌ରେ ଏଏସ୍‌ଆଇ



ଭାବେ କାର୍ଯ୍ୟରତ ଥିଲେ। ଶନିବାର ସକାଳେ ସୁନ୍ଦରଗଡ଼ ଜିଲ୍ଲାର ଲଙ୍ଗଲକଟା ଅଞ୍ଚଳରେ ଚାଲିଥିବା ସର୍ଚ୍ଚ ଅପରେସନ୍‌ରେ ସେ ସହିଦ ହୋଇଛନ୍ତି।

ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ବାଙ୍କୋ-ଲଙ୍ଗଲକଟା ଅଞ୍ଚଳରେ ସିଆର୍‌ପିଏଫ୍ ଯବାନମାନେ ସର୍ଚ୍ଚ ଅପରେସନ କରୁଥିଲେ। ଭୋର୍ ପ୍ରାୟ ୫ଟା ୪୫ରେ ଲଙ୍ଗଲକଟା ନିକଟ ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା ଏକ ଲ୍ୟାଣ୍ଡମାଇନ୍ ହଠାତ୍ ବିସ୍ଫୋରଣ ହୋଇଥିଲା। ଏଥିରେ ସିଆର୍‌ପିଏଫ ଏଏସ୍‌ଆଇ ସତ୍ୟବାନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନିତେଶ ୱାଧୱାନୀ ହସ୍ପିଟାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ପରେ ସହିଦ ସତ୍ୟବାନଙ୍କ ପାର୍ଥିବ ଶରୀରକୁ ସମ୍ମାନର ସହ ହସ୍ପିଟାଲରୁ ସ୍ୱତନ୍ତ୍ର ବିମାନରେ ରାଞ୍ଚି ଓ ସେଠାରୁ ତାଙ୍କ ଜନ୍ମମାଟି ଉତ୍ତରପ୍ରଦେଶକୁ ପଠାଯାଇଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ଗତ ମଇ ୨୭ ତାରିଖରେ କେ. ବଲାଙ୍ଗ ଥାନା ବାଙ୍କୋ ପଥର ଖଣି ନିକଟରୁ ୩୦/୪୦ ଜଣ ସଶସ୍ତ୍ର ମାଓବାଦୀ ବଡଗାଁରୁ ଯାଉଥିବା ୫ ଟନ୍ ବିସ୍ଫୋରକ ବୋଝେଇ ଏକ ଭ୍ୟାନକୁ ଲୁଟି ନେଇଥିଲେ। ଏହି ଘଟଣା ପରେ ଓଡ଼ିଶା - ଝାଡ଼ଖଣ୍ଡ ପୁଲିସର ମିଳିତ ସର୍ଚ୍ଚ ଅପରେସନ କରାଯାଇ ତିରିଲପୋଷି ନିକଟରୁ ୩ଟି ପର୍ଯ୍ୟାୟରେ ମାଟି ତଳେ ମାଓବାଦୀମାନେ ପୋତି ଲୁଚାଇ ରଖିଥିବା ୩.୮ ଟନ୍ ବିସ୍ଫୋରକ ଜବତ କରାଯାଇଥିଲା। ତେବେ ଏବେ ବି ୧୨୦୦ କେଜିର ବିସ୍ଫୋରକ ସାମଗ୍ରୀ ମାଓବାଦୀମାନେ କେଉଁଠି ଲୁଚାଇ ରଖିଛନ୍ତି ତାର ଟେର ପାଉନି ପୁଲିସ। ଏବେ ସରଣ୍ଡା ଜଙ୍ଗଲରେ ଏହି ସର୍ଚ୍ଚ ଅପରେସନ ଜାରି ରହିଛି। ଆଜି ସତ୍ୟବାନ ସହିଦ ହେବା ଘଟଣା ଉଭୟ ଓଡ଼ିଶା ଓ ଝାଡଖଣ୍ଡ ରାଜ୍ୟ ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ଏବେ ସର୍ଚ୍ଚ ଅପରେସନକୁ ସ୍ଥଗିତ ରଖି ପୁଲିସ ନୂଆ ରଣନୀତି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ସମସ୍ତ ଯବାନ ଏବେ ଅପରେସନରୁ ଫେରି ଆସିଥିବା ସୂଚନା ମିଳିଛି।

## ଦଇତାପତି-ଶ୍ରୀମନ୍ଦିର ପ୍ରଶାସନ ବୈଠକ

# ଅଣସେବକ ରଥ ଚଢ଼ିଲେ ଫୌଜଦାରୀ ମାମଲା

ପୁରୀ, ୧୪।୬(ସମିସ): ଆସୁଛି ରଥଯାତ୍ରା। ପରେ ପରେ ବାହୁଡ଼ା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ ରହିଛି। ତେଣୁ ଏହି ସବୁ ପର୍ବପର୍ବାଣୀ ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ, ସେନେଇ ଶନିବାର ଦଇତାପତି ସେବକଙ୍କ ସହିତ ଆଲୋଚନା କରିଛି ଶ୍ରୀମନ୍ଦିର ପ୍ରଶାସନ। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଦଇତାପତି ନିଯୋଗ ସଭାପତି, ସମ୍ପାଦକଙ୍କ ସହ ବାଡ଼ଗ୍ରାହୀ ଓ ଯୁବ ଦଇତାପତି ଯୋଗ ଦେଇଥିଲେ। ଚଳିତବର୍ଷ ଗୋଟିଏ ଦିନରେ ନବଯୌବନ ଓ ନେତ୍ରୋତ୍ସବ ଥିବାରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି।

ଗତବର୍ଷ ଆଡ଼ପ ପହଣ୍ଡି ବେଳେ ବଡ଼ଠାକୁର ବଳଭଦ୍ର ପଡ଼ି ଯାଇଥିଲେ। ଏବର୍ଷ ଯେପରି ପହଣ୍ଡି ସମୟରେ କୌଣସିପ୍ରକାର ଅଘଟଣ ନ ଘଟିବ, ତା' ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଭଳି ଅଘଟଣକୁ ଏଡ଼ାଇବା ପାଇଁ ସମ୍ପୃକ୍ତ ସେବକଙ୍କୁ ନେଇ ଗଠିତ ହୋଇଛି ପହଣ୍ଡି ଟିମ୍। ତିନିଜଣିଆ କମିଟିର ପରାମର୍ଶ ଅନୁଯାୟୀ ହେବ ପହଣ୍ଡି କାର୍ଯ୍ୟ। ରଥ ଉପରେ ଓ ପହଣ୍ଡି ସମୟରେ ମୋବାଇଲ୍ ସମ୍ପୂର୍ଣ୍ଣ ବାରଣ ହେବ। ନୀତି ଶୃଙ୍ଖଳା ଓ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଦଇତାପତି ସେବକମାନେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶୃଙ୍ଖଳିତ ପହଣ୍ଡି ଉପରେ ବିଶେଷ



ଭାବେ ଆଲୋଚନା ହୋଇଥିଲା। ଗତବର୍ଷ ପହଣ୍ଡି ଅଘଟଣର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ତିନିଜଣିଆ କମିଟିର ଯେଉଁ ପରାମର୍ଶ ଆସିଛି, ତାକୁ ମାନିବା ପାଇଁ କୁହାଯାଇଛି। ପହଣ୍ଡିରେ

■ ଶୃଙ୍ଖଳିତ ପହଣ୍ଡିକୁ ଗୁରୁତ୍ୱ; ରଥ ଉପରକୁ ମୋବାଇଲ୍ ମନା
■ ଏଥର ଗୋଟିଏ ଦିନରେ ନେତ୍ରୋତ୍ସବ ଓ ନବ ଯୌବନ ଦର୍ଶନ

ପ୍ରାଧିକୃତ ସେବକ ହିଁ ରହିବେ। ରଥ ପାଇଁ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯିବ, ଯେଉଁମାନେ ତଦାରଖ କରିବେ। ସେହିପରି କୌଣସି ସେବକ ରଥ ଉପରେ ମୋବାଇଲ୍ ଫୋନ୍ ବ୍ୟବହାର କରିପାରିବେ ନାହିଁ। ସହାୟକମାନେ କେବଳ ଆବଶ୍ୟକ ସମୟରେ ହିଁ ରଥ ଉପରକୁ ଯିବେ। ଅନ୍ୟ ସମୟରେ ଗଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥ ଉପରକୁ ଛଦ୍ମବେଶୀ ଚଢ଼ିଲେ, ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ହେବ। ସ୍ନାନପୂର୍ଣ୍ଣିମାରେ ଭକ୍ତମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଛୁଇଁବା ଘଟଣାର ତଦନ୍ତ ଚାଲିଛି। ଭିଡିଓ ଫୁଟେଜ୍‌ର ଯାଞ୍ଚ ପରେ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ସେହିପରି ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧା ପାଇଁ ଉତ୍ତରଦ୍ୱାର ଦେଇ ରାମ୍ପ ନିର୍ମାଣ ଶେଷ ହୋଇଛି। ନୀଳାଦ୍ରିବିଜେ ପରେ ସମ୍ପୃକ୍ତ ସେବାୟତଙ୍କ ସହ ଏ ବିଷୟରେ ଆଲୋଚନା କରାଯିବ। ଯେପରି କୌଣସି ପରମ୍ପରା ବିରୋଧୀ କାର୍ଯ୍ୟ ନ ହେବ ତାକୁ ବିଚାର କରି ଏହି ବ୍ୟବସ୍ଥା ଆରମ୍ଭ ହେବ ବୋଲି ଡ. ପାଢ଼ୀ କହିଛନ୍ତି।

ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ଆମ ନିଯୋଗ ତରଫରୁ ପହଣ୍ଡିରେ ନିୟୋଜିତ ସେବକଙ୍କ ତାଲିକା କରିସାରିଛୁ। ବରିଷ୍ଠ ଓ ଯୁବକମାନେ କିଏ କେଉଁ ଦଳରେ ରହିବେ ଖସଡ଼ା ପ୍ରସ୍ତୁତ କରିଛୁ। ମୋବାଇଲ୍ ପ୍ରବେଶ କଟକଣା ସହ ଅଣସେବାୟତ କିପରି ନ ଚଢ଼ିବେ ତାକୁ ଗୁରୁତ୍ୱ ଦେବୁ। ଯୁବ ଦଇତାପତି ଅମିତ ଦାସମହାପାତ୍ର କହିଛନ୍ତି, ୧୫୦ ଜଣ ପହଣ୍ଡିରେ ସାମିଲ୍ ହେବେ। ଗୋଟିପହଣ୍ଡି ଥିବାରୁ ଦଇତାପତି ସେବକଙ୍କୁ ଚାରି ଦଳରେ ବିଭକ୍ତ କରାଯାଇଛି। ପହଣ୍ଡିବେଳେ ଅତିରିକ୍ତ ସୁରକ୍ଷାବଳୟ ସହ ଶୃଙ୍ଖଳିତ ପହଣ୍ଡିକୁ ଗୁରୁତ୍ୱ ଦିଆଯିବ।

## ଛୁଆକୁ ଦେଖିବା ଆଗରୁ ଚାଲିଗଲା ବାପାର ଜୀବନ

# ବାଇକ୍‌କୁ ପଛରୁ ପିଟିଲା ଟ୍ରକ୍; ୨ ମୃତ

ନୂଆପଡ଼ା, ୧୪।୬ (ସମିସ): ନିଜର ନବଜାତ ସନ୍ତାନକୁ ଆଖି ପୂରେଇ ଦେଖିବା ଆଗରୁ ଚାଲିଗଲା ବାପାର ଜୀବନ। ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୦ କିଲୋମିଟର ଦୂର ଦଲଦଲି ଗାଁ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ଏକ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି।

### ଡାକ୍ତରଖାନାରେ ଉତ୍ତ୍ୟକ୍ତଲୋକଙ୍କ ଧାରଣା

ମୃତକଦ୍ୱୟ ହେଲେ, ସ୍ଥାନୀୟ ଦିଆମୁଣ୍ଡା ଗାଁର କ୍ଷମାସାଗର ଧରୁଆ (୨୫) ଓ ପୂରନ୍ଦର ଧରୁଆ (୪୫)। ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଏହି ଘଟଣାକୁ ନେଇ ଆଜି ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଦୁର୍ଘଟଣା ରୋକିବା ଦିଗରେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବାକୁ ଦାବି କରି ଉତ୍ତ୍ୟକ୍ତ ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଧାରଣା ଦେଇଥିଲେ। ତେବେ ପ୍ରଶାସନ ତରଫରୁ ଦୁଇ ପରିବାରକୁ ରେଡ୍‌କ୍ରସ୍ ତରଫରୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନାନୁଯାୟୀ, କ୍ଷମାସାଗରଙ୍କ ସ୍ତ୍ରୀ ବୃନ୍ଦା ତରବୋଡ଼ ହସ୍ପିଟାଲରେ ଏକ ସନ୍ତାନ ପ୍ରସବ କରିଥିଲେ। ତାଙ୍କୁ ଭ୍ୟାନ୍ ଯୋଗେ କ୍ଷମାସାଗରଙ୍କ ଶ୍ୱଶୁରଘର ଦଲଦଲିକୁ ନିଆଯାଇଥିଲା। ଗାଡ଼ି ପଛପଛେ କ୍ଷମାସାଗର ନିଜର ସହଯୋଗୀ ପୂରନ୍ଦରଙ୍କ ସହ ଏକ ବାଇକ୍‌ରେ ଦଲଦଲିକୁ ଆସୁଥିଲେ। ତେବେ ଗାଁ ନିକଟରେ ପହଞ୍ଚିବା ବେଳେ ପଛପଟୁ ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ସକାଳେ ଦୁହିଁଙ୍କ ପରିବାରଲୋକଙ୍କ ସହ ଗ୍ରାମବାସୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଦାବି କରି ଧାରଣା ଦେଇଥିଲେ।

ଧାରଣାରେ ଆଦିବାସୀ କଲ୍ୟାଣ ସଙ୍ଘର ଜିଲ୍ଲା ସଭାପତି ଭାନୁ ପ୍ରତାପ ସିଂ ମାଝୀ, ସାଧାରଣ ସମ୍ପାଦକ ଭକ୍ତବନ୍ଧୁ ଧରୁଆ, ଶ୍ରମିକ ନେତା ଯଦୁମଣି ପାଣିଗ୍ରାହୀ ସାମିଲ ହୋଇ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଜାତୀୟ ରାଜପଥରେ ଘଟୁଥିବା ଦୁର୍ଘଟଣାର ସ୍ଥାୟୀ ପ୍ରତିକାର କରିବାକୁ ଦାବି କରିଥିଲେ। ଖବର ପାଇ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହ ଧାରଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରଲୋକଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସ ପାଣ୍ଠିରୁ ଦୁଇ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ୨୦ରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୪।୬(ସମିସ): ରାଜ୍ୟ ବିଜେପି ସରକାରଙ୍କ ଶାସନର ଏକ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସୁଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଏକ ରୋଡ୍ ଶୋରେ ଯୋଗଦେବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଶନିବାର ସୂଚନା ଦେଇଛନ୍ତି। ଶ୍ରୀ ନାଏକ କହିଛନ୍ତି ଯେ ୨୦ ତାରିଖ ଅପରାହ୍ନ ୩ଟାରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବା ପରେ

■ ଭୁବନେଶ୍ୱରରେ ରୋଡ୍ ଶୋ, ଜନତା ମଇଦାନରେ ସମ୍ବୋଧନ
■ ଅନ୍ତ୍ୟୋଦୟ ଯୋଜନା ହିତାଧିକାରୀଙ୍କୁ କରିବେ କାର୍ଯ୍ୟାଦେଶ ବଣ୍ଟନ



ପ୍ରଧାନମନ୍ତ୍ରୀ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବା ସହ ଭୁବନେଶ୍ୱରରୁ ଜନତା ମଇଦାନ ଯାଏଁ ଆୟୋଜିତ ରୋଡ୍ ଶୋ'ରେ ସାମିଲ ହେବେ। ଜନତା ମଇଦାନରେ ଅନୁଷ୍ଠିତ ବିଶାଳ ସମାବେଶରେ ପ୍ରଧାନମନ୍ତ୍ରୀ ଉପସ୍ଥିତ କର୍ମୀ ଏବଂ ରାଜ୍ୟବାସୀଙ୍କୁ ସମ୍ବୋଧନ କରିବେ ବୋଲି ଜଣାପଡ଼ିଛି। ମନ୍ତ୍ରୀ ଶ୍ରୀ ନାଏକ ଆହୁରି ମଧ କହିଛନ୍ତି ଯେ ଏହି ଅବସରରେ ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବାଣ୍ଟିବେ। ଏଥିସହିତ ପ୍ରଧାନମନ୍ତ୍ରୀ କିଛି ନୂଆ ଯୋଜନା ଘୋଷଣା କରିବାର ସମ୍ଭାବନା ରହିଛି। ବିଶେଷକରି ଏହି ଅବସରରେ ମହାପୁରୁଷ ଆଦର୍ଶ ଗାଁ ଯୋଜନା ଘୋଷଣା ହୋଇପାରେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ସଫଳ କରିବା ପାଇଁ ଉଭୟ ସରକାର ଏବଂ ଦଳୀୟ ସଂଗଠନ ଜୋର୍‌ଦାର୍ ପ୍ରସ୍ତୁତି ଚଳାଇଛନ୍ତି। ସାଂଗଠନିକ ସ୍ତରରେ ଏଥିପାଇଁ ଦଳୀୟ ବିଧାୟକଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇଥିବା ମଧ ଜଣାପଡ଼ିଛି।

## ଏଏସ୍‌ଆଇକୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

# ରତ୍ନଭଣ୍ଡାର ମରାମତି ଶୀଘ୍ର ସାର

ପୁରୀ, ୧୪।୬ (ସମିସ): ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଆଗାମୀ ରଥଯାତ୍ରା ସମୟରେ ମିଳିବାକୁ ଥିବା ଅବଧି (ଜୁନ୍ ୨୮ରୁ ଜୁଲାଇ ୬) ମଧ୍ୟରେ ବାକିଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ସମାପନ ପାଇଁ ଚିଠିରେ ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି। ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନେବାକୁ ଚିଠିରେ ଦର୍ଶାଇଛନ୍ତି। ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏଏସ୍‌ଆଇ ଉପମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି।

ଅରୁଣ ସ୍ତମ୍ଭ ନିକଟରେ ଖଣ୍ଡୋଲାଇଟ୍ ପଥର ବଦଳାଇବା ଏବଂ ବର୍ତ୍ତମାନ ସୁଦ୍ଧା ରତ୍ନଭଣ୍ଡାରର ସଂରକ୍ଷଣ ଆଦି କାମ ପାଇଁ ଏଏସ୍‌ଆଇକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ମୁଖ୍ୟ ପ୍ରଶାସକ। ଏଥିସହ ୩ଟି ବିନ୍ଦୁ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଆକର୍ଷଣ ମଧ କରିଛନ୍ତି। ସେଗୁଡ଼ିକ ହେଉଛି, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଉତ୍ତରଦ୍ୱାରଠାରେ ରାମ୍ପ ନିର୍ମାଣ ଏଏସ୍‌ଆଇ ପରାମର୍ଶ ତଥା ମାର୍ଗଦର୍ଶନରେ ଶେଷ ହୋଇଛି। ଏଏସ୍‌ଆଇର ନିର୍ଦ୍ଦେଶକ (ସଂରକ୍ଷଣ)ଙ୍କ ଅନୁଧ୍ୟାନ ପରେ ନାଟମଣ୍ଡପକୁ ବାତାନୁକୂଳିତ କରାଯିବା ନେଇ ପରିବର୍ତ୍ତିତ ଡିଜାଇନ ଦାଖଲ କରାଯିବା ସହ ଏ ସଂକ୍ରାନ୍ତରେ ଏଏସ୍‌ଆଇର ସହମତି ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିର ଓ ବେଢ଼ାରେ ଥିବା ପାର୍ଶ୍ୱ ମନ୍ଦିରଗୁଡ଼ିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏଏସ୍‌ଆଇ ପରାମର୍ଶଦାତାଙ୍କ ସହ ଆଲୋଚନା ହୋଇଛି। ବିସ୍ତୃତ ରିପୋର୍ଟ ପାଇବା ପରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର୍ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ। ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ପାଇଁ ଏଏସ୍‌ଆଇର ସହଯୋଗ କାମନା କରିବା ସହ ଅନୁରୋଧ କରାଯାଇଥିବା ସମସ୍ତ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଧାର୍ଯ୍ୟ ସମୟସୀମା ଭିତରେ ସାରିବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

# ଛାତିରେ ଛୁରି ଭୁସି ସାଙ୍ଗକୁ ହତ୍ୟା



ଗଣିଆ,୧୪।୬(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍ ଅନ୍ତର୍ଗତ କିଶୋରପ୍ରସାଦ ପଞ୍ଚାୟତର ପାଣ୍ଡରାସିଂହା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ରଜ ମଉଜ ସମୟରେ ସାଙ୍ଗକୁ ଛୁରି ଭୁସି ହତ୍ୟା କରିଛି ସାଙ୍ଗ। ଏହି ଘଟଣା ଗଣିଆରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ମିଳିଥିବା ସୂଚନାନୁସାରେ, ଶନିବାର ଅପରାହ୍ନରେ ଖଲିସରା କ୍ଲବ୍ ମଣ୍ଡପ ଉପରେ ପୁରୁଷୋତ୍ତମ ପ୍ରଧାନ (୩୭) ବସିଥିବା ବେଳେ ତାଙ୍କ ସାଙ୍ଗ ତଥା ସେହି ଗ୍ରାମର ଗଙ୍ଗାଧର ରାଉତ ଓରଫ ସୁନିଆ (୪୨) ଅତ୍ୟଧିକ ମଦ୍ୟପାନ କରି କ୍ଲବ୍ ମଣ୍ଡପକୁ ଯାଇଥିଲା। ଦୁଇଜଣଙ୍କ ମଧ୍ୟରେ କୌଣସି କାରଣ ନେଇ କଥା କଟାକଟି ହୋଇଥିଲା। ଏପରିକି, ଉଭୟେ ଉଭୟଙ୍କୁ ଗାଳିଗୁଲଜ କରିବା ସହିତ ମାରପିଟ୍ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗଙ୍ଗାଧର ପାଖରେ ପଡ଼ିଥିବା ଏକ ଠେଙ୍ଗାରେ ପୁରୁଷୋତ୍ତମଙ୍କୁ ପଟିଥିଲା। ପୁରୁଷୋତ୍ତମ ମାଡ଼ ଖାଇ ଗ୍ରାମର ମନୋରଞ୍ଜନ ପ୍ରଧାନଙ୍କୁ ଧରି ଭଦ୍ରଲୋକଙ୍କ ନିକଟକୁ ଯାଇ ଏହାର ସମାଧାନ କରିବାକୁ ଯିବା ପାଇଁ ବାହାରିଥିଲେ। କିନ୍ତୁ ଗଙ୍ଗାଧର ଭଦ୍ରଲୋକଙ୍କ ପାଖକୁ ଗଲେ ଜୀବନରେ ମାରିଦେବ ବୋଲି କହି ନିଜ ଘରକୁ ଦୌଡ଼ିଯାଇ ଗୋଟିଏ ଛୁରି ଆଣି ପୁରୁଷୋତ୍ତମଙ୍କ ଛାତିକୁ ଭୁସି ଦେଇ ଦୌଡ଼ି ପଳାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାକୁ ଗୋଡ଼ାଇ କାବୁ କରିବା ସହ ଗଣିଆ ଥାନାକୁ ଖବର ଦେଇଥିଲେ। ଗ୍ରାମବାସୀମାନେ ସଙ୍ଗେସଙ୍ଗେ ପୁରୁଷୋତ୍ତମଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗଣିଆ ଥାନା ଅଧିକାରୀ ଶବକୁ ଜବତ କରି ୮୧/୨୫ରେ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଅଭିଯୁକ୍ତକୁ ଆଣି ଗଣିଆ ଥାନାରେ ଅଟକ ରଖିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହିତ ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଓ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସ୍‌ଆଇ ମନୋରଞ୍ଜନ ପ୍ରଧାନ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଶବକୁ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବଢ଼ୁଛି ନାରୀ-ଶିଶୁ ନିର୍ଯାତନା

# ବର୍ଷକରେ ୨୮ ହଜାର ମହିଳା ଓ ଶିଶୁ ନିର୍ଯାତିତ

ଭୁବନେଶ୍ୱର,୧୪।୬(ସମିସ): ପ୍ରତିଦିନ ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ଖବର ସାମ୍ନାକୁ ଆସୁଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଯେଉଁ ଜିଲ୍ଲା ଅଧିକ ଶିକ୍ଷିତ ସେଠାରେ ନାରୀ ନିର୍ଯାତନା ଅଧିକ। ଅନ୍ୟପକ୍ଷରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ନାରୀ ଓ ଶିଶୁ ନିର୍ଯାତନା ହାର କମ୍ ରହିଛି। ଗୋଟିଏ ବର୍ଷରେ ପାଖାପାଖି ୨୮ ହଜାର ମହିଳା ଓ ଶିଶୁ ନିର୍ଯାତିତ ହୋଇଛନ୍ତି। ଏମାନଙ୍କ ସଂଖ୍ୟା ଯାଜପୁର ଜିଲ୍ଲାରେ ସର୍ବାଧିକ ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

ଗତବର୍ଷ ରାଜ୍ୟରେ ପାଖପାଖି ୨୮ ହଜାର ନାରୀ ଓ ଶିଶୁ ନିର୍ଯାତନା ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ଯାଜପୁର ଜିଲ୍ଲାରେ ଏହି ସଂଖ୍ୟା ଦୁଇ ହଜାରରୁ ଅଧିକ ରହିଛି। ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, କଟକ, ଜଗତସିଂହପୁର, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ ଜିଲ୍ଲାରେ ଏଭଳି ନିର୍ଯାତନା ସଂଖ୍ୟା ହଜାରରୁ ଅଧିକ ରହିଛି। ଏହି ଜିଲ୍ଲାଗୁଡ଼ିକରେ ମହିଳାମାନେ ଘରୋଇ ହିଂସା ଓ ଯୌତୁକ ହିଂସାର ଶିକାର ହେଉଥିବା ବେଳେ ଶିଶୁମାନେ ପାଶବିକ ଅତ୍ୟାଚାର ସହିତ ଅପହରଣର ଶିକାର ହେଉଛନ୍ତି। ଆଦିବାସୀ ଅଧ୍ୟୁଷିତ ନୂଆପଡ଼ା, ମାଲକାନଗିରି, ଗଜପତି, ବୌଦ୍ଧ,

■ ଶିକ୍ଷିତ ଜିଲ୍ଲାରେ ନାରୀ ଓ ଶିଶୁ ନିର୍ଯାତନା ଅଧିକ
■ ଆଦିବାସୀ ଅଞ୍ଚଳରେ ନିର୍ଯାତନା ହାର କମ୍

କଳାହାଣ୍ଡି ଆଦି ଜିଲ୍ଲାରେ ଏହି ନିର୍ଯାତନା ହାର ଅପେକ୍ଷାକୃତ କମ୍ ରେକର୍ଡ କରାଯାଇଛି। ଏହି ସବୁ ଜିଲ୍ଲାରେ ଅପରାଧ ସଂଖ୍ୟା ୭ଶହ ରହିଛି।

ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ହାର କମାଇବା ପାଇଁ ୬ଶହରୁ ଅଧିକ ଥାନାରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟ କରୁଛି। ଏହିସବୁ ଥାନାରେ ମହିଳା ଓ ଶିଶୁମାନଙ୍କ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ପଞ୍ଜୀକରଣର ବ୍ୟବସ୍ଥା ରହିଛି। ସେହିଭଳି ମହିଳାମାନେ ଏଠାକୁ ଆସି ସହଜରେ ମଧ ନିଜର ଅଭିଯୋଗ ଦରଜ କରିପାରିବେ। କିନ୍ତୁ ଏବେ ଏହି ସବୁ ଥାନାରେ ଥିବା ମହିଳା ଶିଶୁ ଡେସ୍କ କାମ କରୁନି। ମନଇଚ୍ଛା ଏହି ଡେସ୍କରେ ପୁରୁଷ ପୁଲିସ ବସୁଛନ୍ତି। ଜଣେ ମହିଳା ନିର୍ଯାତନାର ଶିକାର ହୋଇ ଥାନାକୁ ଗଲେ ସେମାନେ ପୁରୁଷ ପୁଲିସର ସମ୍ମୁଖୀନ ହେଉଛନ୍ତି। ଯାହାଫଳରେ ମହିଳା ଜଣଙ୍କ ଲାଜରେ କିଛିବି ପାଟି ଖୋଲିପାରୁନି। ଅନେକ ସମୟରେ ମହିଳା ଅଭିଯୋଗ ଧରି ଘରକୁ ଫେରି ଆସୁଛନ୍ତି। ବିଶେଷ କରି ସହର ଥାନା ଗୁଡ଼ିକକୁ ଛାଡ଼ିଦେଲେ ଗ୍ରାମାଞ୍ଚଳ ଥାନା ମାନଙ୍କରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି।

ସେହିଭଳି ଓଡ଼ିଶାରେ ୩୪ଟି ଶିଶୁ ବନ୍ଧୁ ପୁଲିସ୍ ଷ୍ଟେସନ ପ୍ରତିଷ୍ଠା କରାଯାଇଛି। ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ସାଇବର ଅପରାଧର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଅଧୀନରେ ଶିଶୁ ଏବଂ ମହିଳା ଅନଲାଇନ୍ ନିର୍ଯାତନା ମନିଟରିଂ ୟୁନିଟ୍ କାର୍ଯ୍ୟ କରୁଛି। ବିପଦରେ ପଡିଥିବା ମହିଳାମାନଙ୍କୁ ଠିକ୍ ସମୟରେ ତ୍ୱରିତ ଏବଂ ସମ୍ବେଦନଶୀଳ ସହାୟତା ପାଇଁ ଡାଏଲ-୧୧୨ କାର୍ଯ୍ୟ କରୁଛି। ଏହାବାଦ୍ ମହିଳା ଓ ଶିଶୁ ନିର୍ଯାତନା ରୋକିବାପାଇଁ ବିଭିନ୍ନ ଅନୁଷ୍ଠାନ ଜରିଆରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଳାଉଛନ୍ତି। ଏ ବାବଦରେ ମଧ ରାଜକୋଷରୁ ଅର୍ଥ ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ରାଜ୍ୟରେ ମହିଳା ଓ ଶିଶୁ ନିର୍ଯାତନାରେ ସେଭଳି ଉଲ୍ଲେଖନୀୟ ସୁଧାର ଆସୁନାହିଁ। ବିଶେଷ କରି ଶିଶୁ ନିର୍ଯାତନା ପୁଲିସର ମୁଣ୍ଡ ବିନ୍ଧା କାରଣ ପାଲଟିଛି। କାରଣ ଅଧିକାଂଶ ଶିଶୁ ଏବେ ଦୁଷ୍କର୍ମ ଏବଂ ହତ୍ୟାର ଶିକାର ହେଉଛନ୍ତି। ଏହା ପଛରେ ପୁଣି ନିଜ ସମ୍ପର୍କୀୟଙ୍କ ହାତ ରହୁଛି।

Vidyadhan
Transforming lives through education
A Shibulal Family Philanthropic Initiative

ଓଡ଼ିଶା ଦଶମ ପାସ୍ ଛାତ୍ର/ଛାତ୍ରୀ ମାନଙ୍କ ପାଇଁ ଛାତ୍ରବୃତ୍ତି - 2025

କୁମାରୀ ଶିବୁଲାଲ ଏବଂ ଏସ୍ ଡି ଶିବୁଲାଲ୍ (ସହ-ପ୍ରତିଷ୍ଠାତା ତଥା ପୂର୍ବତନ ସିଇଓ ଇନଫୋସିସ୍) ଦ୍ୱାରା ସ୍ଥାପିତ ସରୋଜିନୀ ଦାମୋଦରନ୍ ଫାଉଣ୍ଡେସନ୍ ଦ୍ୱାରା ବିଦ୍ୟାଧନ୍ ଏକ ପାନ୍ ଇଣ୍ଡିଆ ଉଚ୍ଚଶିକ୍ଷା ବୃତ୍ତି ଅଟେ | 1999 ରୁ ଏବେ ପର୍ଯ୍ୟନ୍ତ ବିଦ୍ୟାଧନ୍ 63000 ରୁ ଅଧିକ ଛାତ୍ରବୃତ୍ତି ବଣ୍ଟନ କରିସାରିଛନ୍ତି। ବର୍ତ୍ତମାନ ଓଡିଶାର 700 ଜଣ ଛାତ୍ରଙ୍କ ସହ ବିଦ୍ୟାଧନ୍ ରେ 13000 ରୁ ଅଧିକ ବିଦ୍ୱାନ ଅଛନ୍ତି।



BSE & CBSE board both students can apply

ମନୋନୀତ ଛାତ୍ର/ଛାତ୍ରୀ ପ୍ଲସ୍-୨ ପାଇଁ ବାର୍ଷିକ 10,000 / - ଟଙ୍କା ସ୍କଲାରସିପ୍ ପାଇବାକୁ ଯୋଗ୍ୟ ହେବେ | ଯଦି ସେମାନେ ଭଲ ଅଧ୍ୟୟନ ଜାରି ରଖନ୍ତି, ତେବେ ସେମାନଙ୍କ ଆଗ୍ରହର ଯେ କୌଣସି ଡିଗ୍ରୀ ପାଠ୍ୟକ୍ରମ ପାଇଁ ବର୍ଷକୁ 15,000 ରୁ 75,000 ମଧ୍ୟରେ ଛାତ୍ରବୃତ୍ତି ପ୍ରଦାନ କରାଯିବ |

For Inquiries: vidyadhan.odisha@sdfoundationindia.com

Call for Doubt/Inquiries : +91 8068333500/ 08068333500

ଛାତ୍ରମାନେ ସିଧାସଳଖ ୱେବସାଇଟରେ ମାଗଣାରେ ଆବେଦନ କରିପାରିବେ | ଆମ ତରଫରୁ ଛାତ୍ର ଚୟନ କରିବାକୁ ଅନ୍ୟ କୋଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଅନୁମତି ଦିଆଯାଇ ନାହିଁ |

Apply Online: www.vidyadhan.org

Application Start: 15th May 2025 Application Close: 30th June 2025

ଯୋଗ୍ୟତା ମାନଦଣ୍ଡ
- ପରିବାରର ବାର୍ଷିକ ଆୟ 2 ଲକ୍ଷ ରୁ କମ୍
- 2025 ରେ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନେ
- 80% or 8 CGPA ଠାରୁ ଅଧିକ (65% or 6.5 CGPA ଭିନ୍ନକ୍ଷମ ଛାତ୍ରମାନଙ୍କ ପାଇଁ )

ଆବଶ୍ୟକ ଡକ୍ୟୁମେଣ୍ଟ୍
- ଫଟୋଗ୍ରାଫ୍
- ଦଶମ ମାର୍କସିଟ୍
- ଆୟ ପ୍ରମାଣପତ୍ର

Regn-273/99-2000, 9th Main, 5th Block, Jayanagar, Bangalore

Vidyadhan India

■ ରଥଖଳାରୁ...

# ଉଠିଲା ତୃତୀୟ ଭୂଇଁ



ପୁରୀ, ୧୪।୬ (ସମିସ): ଆଉ ମାତ୍ର ୧୨ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଚତୁର୍ଦ୍ଧା ବିଗ୍ରହଙ୍କ ଏହି ନବଦିନାତ୍ମକ ଯାତ୍ରା ଲାଗି ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ରଥଖଳାରେ ରଥ କାମ ମଧ୍ୟ ସରି ସରି ଆସୁଛି। ମହାରଣା, ଭୋଇ, ରୂପକାର, ଚିତ୍ରକର, କମାର ସେବକ ନିଜ ନିଜ କାମରେ ଲାଗି ପଡ଼ିଛନ୍ତି। ଶନିବାର ସୁଦ୍ଧା ପ୍ରତ୍ୟେକ ରଥରେ ଦୁଇଟି ଲେଖାଏଁ ଡମକ ଉଠି କଣ୍ଟା ବାଡ଼ାଯିବା ପରେ ତୃତୀୟ ଭୂଇଁ ସଂଯୋଗ କରାଯାଇଛି। ଏହାପରେ ପୋଟଳ ଖମ୍ବା, ପୋଟଳ ପାରେଣୀ ଓ ପୋଟଳ ଓରା ଖଞ୍ଜାଯାଇଛି। ସେହିପରି ତିନି ରଥର ୨ଟି ଲେଖାଏଁ କତରା (ଆଗ ଓ ପଛ) ନିର୍ମାଣ ସରିଛି। ରଥଖଳାରେ ମୂଳ କଇଁଚି ନିର୍ମାଣ ଚାଲିଛି। ଏତଦ୍‌ବ୍ୟତୀତ ଶନିବାର ପ୍ରତ୍ୟେକ ରଥରେ ତାଗ ବାଡ଼ିଆ ମଧ୍ୟ ଆରମ୍ଭ କରାଯାଇଛି। ଚାରପରିଚ୍ଛା ଗୋଟିଏ ଲେଖାଏଁ କାମ ହୋଇଛି। ସେହିପରି ରୂପକାର ସେବକମାନେ ଧ୍ୱଜିଦଣ୍ଡା ନିର୍ମାଣ ଶେଷ କରି ଯୋଗାଇ ଦେଇଛନ୍ତି। ଚିତ୍ରକର ସେବକମାନେ ସଫା ହୋଇ ରହିଥିବା ତିନିରଥ ପାର୍ଶ୍ୱ ଦେବଦେବୀ ମୂର୍ତ୍ତି, ସକ୍ଷୀ, ଓଲଟ ଶୁଆ ଏବଂ ଦେବଦେବୀ ଆସ୍ଥାନ ଫ୍ରେମ୍‌ଗୁଡ଼ିକରେ ରଙ୍ଗ ଦେଉଛନ୍ତି। ପ୍ରତ୍ୟେକ ରଥର ଦଣ୍ଡା ଏବଂ ଗୁଜଗୁଡ଼ିକରେ ରଙ୍ଗ ହେବା ପୂର୍ବରୁ ଧଳା ପ୍ରାଇମର ଦେଇଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ପୋଟଳ ପାଇଁ ପୋଟଳ ନଦା କଣ୍ଟା ତିଆରି କରୁଛନ୍ତି।

## ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନାକୁ ନେଇ ବଢୁଛି ଅସନ୍ତୋଷ

# ସରକାରଙ୍କୁ ଘେରିଲେ ବିଜେଡି, କଂଗ୍ରେସ

■ କାର୍ଡରେ ଥିବା ଜଟିଳ ନିୟମ କାରଣରୁ ରୋଗୀ ହନ୍ତସନ୍ତ
■ ସ୍ୱାସ୍ଥ୍ୟସେବାରେ ରାଜ୍ୟବାସୀଙ୍କୁ ଧୋକା ଦେଇଛନ୍ତି ସରକାର

ଭୁବନେଶ୍ୱର,୧୪।୬(ସମିସ): ଏପ୍ରିଲ ୧୧ ତାରିଖରେ ଓଡ଼ିଶାରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଆୟୁଷ୍ମାନ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ହିତାଧିକାରୀ ସଂଖ୍ୟା ୧କୋଟି ଟପିଛି। ମାତ୍ର ରାଜ୍ୟରେ ଆୟୁଷ୍ମାନ ଭାରତ ଲାଗୁ ହେବା ଦିନଠାରୁ ଓଡ଼ିଶାବାସୀ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ନେଇ ପ୍ରତିଦିନ ବିଭିନ୍ନ ଅଭିଯୋଗ ଆସୁଛି। କାର୍ଡ ସଂଖ୍ୟା ବଢୁଥିଲେ ମଧ୍ୟ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ଉପଲବ୍ଧ ହେଉନଥିବା ବେଳେ ପୂର୍ବପରି ବଡ଼ବଡ଼ ହସ୍ପିଟାଲରେ ସହଜରେ ଚିକିତ୍ସା ଉପଲବ୍ଧ ହେଉନାହିଁ। ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଆୟୁଷ୍ମାନ ଯୋଜନା ମାଧ୍ୟମରେ ଧୀରେଧୀରେ ଲୋକଙ୍କୁ ଶ୍ମଶାନ ଆଡ଼କୁ ଠେଲି ଦିଆଯାଉଛି ବୋଲି କହିଛନ୍ତି।

ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ବିଜେପି ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲୋକଙ୍କୁ ଧୋକା ଦେଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରୋଗୀଙ୍କୁ ସବୁ ଘରୋଇ ହସ୍ପିଟାଲରେ ସହଜରେ ଏବଂ ମାଗଣାରେ ଚିକିତ୍ସା ସେବା ମିଳୁଥିଲା। ମାତ୍ର ଆୟୁଷ୍ମାନ ଭାରତ ଯୋଜନାରେ ବହୁ ସମସ୍ୟା ଥିବାରୁ ଲୋକମାନେ ଚିକିତ୍ସା ସେବା ସହଜରେ ପାଇପାରୁନାହାନ୍ତି। ରୋଗୀ ଆଡମିସନ୍ ନେଲେ ମଧ୍ୟ ହସ୍ପିଟାଲରେ କାର୍ଡକୁ ଆପ୍ରୁଭାଲ ମିଳିବାରେ ବିଳମ୍ବ ହେଉଛି। ଆୟୁଷ୍ମାନ କାର୍ଡରେ ଏକାଧିକ ଜଟିଳ ନିୟମ ଥିବାରୁ ପ୍ରତିଦିନ ଲୋକମାନେ ହଇରାଣ ହେବା ସହ ଚିକିତ୍ସା ସେବା ପାଇବାରୁ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି।

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ବିଜେପି ସରକାର ଆସିବା ଦିନଠୁ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିଗିଡ଼ି ଯାଇଛି। ବିଜେଡି ସରକାର ସମୟରେ ବିଜୁ ସ୍ୱାସ୍ଥ୍ୟକାର୍ଡ ଯୋଜନାରେ ଗରିବ ଲୋକମାନେ ମାଗଣାରେ ଚିକିତ୍ସା ହୋଇ ଉପକୃତ ହେଉଥିବା ବେଳେ ଆୟୁଷ୍ମାନ ଯୋଜନାରେ ଲୋକେ ହଇରାଣ ହେଉଛନ୍ତି। ବିଶେଷକରି କାର୍ଡରେ ଥିବା ଏକାଧିକ ଜଟିଳ ପ୍ରକ୍ରିୟା ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନରେ ବାଧା ସୃଷ୍ଟି କରୁଛି ବୋଲି ସେ କହିଛନ୍ତି। ତେବେ ବିଜେପି ବିଧାୟକ ସରୋଜ ପାଢ଼ୀ ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଆୟୁଷ୍ମାନ ଭାରତ ଯୋଜନା ଠିକ୍ ଭାବେ କାମ କରୁଛି। କାର୍ଡକୁ ବ୍ୟବହାର କରି ସହଜରେ ଚିକିତ୍ସା ସେବା ପାଇପାରୁଥିବା ବେଳେ ଗାଁ ଗହଳିରେ ଲୋକେ ଏନେଇ ବହୁତ ଖୁସି ବୋଲି ସେ କହିଛନ୍ତି।

# ଛେଳିଚୋରକୁ ପିଟିପିଟି ହତ୍ୟା

**ଦମ୍ପତି ସମେତ ୩ ଗିରଫ, ପୁଅ ଫେରାର୍**

ଡୁରୁମୁଙ୍ଗା,୧୪।୬(ସମିସ): ଛେଳି ଚୋରକୁ ଗଛରେ ବାନ୍ଧି ପିଟିପିଟି ମାରିଦେଲେ। କେନ୍ଦୁଝର ଜିଲ୍ଲା ପାଟଣା ଥାନା ଶଙ୍ଖୁଆ ଗ୍ରାମରେ ଶୁକ୍ରବାର ରାତିରେ ଏପରି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଗ୍ରାମର ବିପିନ ବିହାରୀ ନାଏକ (୪୬)। ପାଟଣା ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ୍ ଏକ ଦମ୍ପତିଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଦେବର୍ଷି ପାତ୍ର(୫୫), ତାଙ୍କ ସ୍ତ୍ରୀ ବୀଣାପାଣି (୪୦) ଓ ଅନ୍ୟ ଜଣେ ମହିଳା ପଦ୍ମିନୀ ପାତ୍ର (୪୫)। ତେବେ ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ବୀଣାପାଣିଙ୍କ ପୁଅ ପପୁ ପାତ୍ର (୨୪) ଫେରାର୍ ହୋଇଯାଇଛି। ସୂଚନାନୁଯାୟୀ, ଦେବର୍ଷିଙ୍କ ଏକ ଛେଳିକୁ ଗତ ଗୁରୁବାର ବିପିନ ଚୋରି କରିନେଇଥିଲା। ଏହା ଜାଣିବା ପରେ ଦେବର୍ଷି, ବୀଣାପାଣି ଓ ପପୁ ଗତ ରାତି ପ୍ରାୟ ୯ଟାରେ ବିପିନଙ୍କୁ ଗାଁ ମୁଣ୍ଡରେ ଏକୁଟିଆ ପାଇ ମାଡ଼ି ବସିଥିଲେ। ସେଠାରେ ତାଙ୍କୁ ଏକ ଗଛରେ ବାନ୍ଧି ନିସ୍ତୁକ ପିଟିଥିଲେ। ଏଥିରେ ପଦ୍ମିନୀ ମଧ୍ୟ ସାମିଲ ହୋଇଥିଲେ। ତେବେ ଏଥିରେ ବିପିନ୍‌ଙ୍କ ମୃତ୍ୟୁ ହୋଇଯିବାରୁ ସେମାନେ ଶବକୁ ଶଙ୍ଖୁଆ ଗୋରାଣ୍ଡିଯୋଡ଼ି ରାସ୍ତାର ହାଇସ୍କୁଲ ନିକଟ ରାସ୍ତାକଡ଼ରେ ଫୋପାଡ଼ି ଦେଇଥିଲେ। ଆଜି ସକାଳୁ କିଛି ଗ୍ରାମବାସୀ ମୃତଦେହ ଦେଖି ପୁଲିସ୍‌କୁ ସୂଚନା ଦେଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତ ବିପିନଙ୍କ ପତ୍ନୀ ତିଳୋତ୍ତମାଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ପୁଲିସ୍ ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନାଧିକାରୀ ମାନସ ମହାକୁଡ଼ ସୂଚନା ଦେଇଛନ୍ତି।

# ୩ ଦିନ ମଧ୍ୟରେ ସକ୍ରିୟ ହେବ ମୌସୁମୀ

■ ମିଶନ୍ ମୌସୁମ କାର୍ଯ୍ୟକ୍ରମରେ ଆହୁରି ସଠିକ୍ ହେବ ପାଣିପାଗ ପୂର୍ବାନୁମାନ
■ ଏଆଇ କରୁଛି ପାଣିପାଗ ପୂର୍ବାନୁମାନ: ମୃତ୍ୟୁଞ୍ଜୟ

ଭୁବନେଶ୍ୱର, ୧୪।୬ (ସମିସ): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପାଣିପାଗ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରୟୋଗ ଆରମ୍ଭ ହୋଇସାରିଛି। ବିଭାଗ ମଧ୍ୟରେ ଏଆଇ ଆପ୍ଲିକେସନ୍‌ର ବ୍ୟବହାର ପାଇଁ ବର୍ତ୍ତମାନ ଗବେଷଣା ଜାରି ରହିଛି। ଏ କ୍ଷେତ୍ରରେ ଆଇଆଇଟି, ଆଇଆଇଆଇଟି, ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ସଂସ୍ଥା ସହ ଆମେ ସହଭାଗିତା ଭିତ୍ତିରେ କାମ କରୁଛୁ ବୋଲି କହିଛନ୍ତି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର। ଶନିବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ମହାପାତ୍ର ଭାରତୀୟ ପାଣିପାଗ କ୍ଷେତ୍ରରେ ଏଆଇର ଉପଯୋଗ ଏବଂ ବିପର୍ଯ୍ୟୟ ରୋକିବାରେ ବିଭାଗର ସଫଳତା ସମ୍ପର୍କରେ ବିଶଦ୍ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଏଆଇକୁ ପ୍ରୟୋଗ କରି ପାଣିପାଗ କ୍ଷେତ୍ରରେ ସତର୍କ ସୂଚନା ପ୍ରଦାନ କରାଯାଉଛି। ଏହାକୁ ଆଗାମୀ ଦିନରେ ଆହୁରି ତ୍ୱରାନ୍ୱିତ କରାଯିବ। ଆସନ୍ତା ୫ବର୍ଷ ମଧ୍ୟରେ ମିଶନ ମୌସୁମ କାର୍ଯ୍ୟକ୍ରମ ଅଧୀନରେ ଭାରତରେ ଦେଖାଦେଉଥିବା ସିଭିୟର ୱେଦର୍ (ଭୀଷଣ ପାଣିପାଗ)କୁ ଅଧିକରୁ ଅଧିକ ସଠିକତାର ସହ ନିରୂପଣ ପାଇଁ ଲକ୍ଷ୍ୟ ରଖାଯାଇଛି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ବିପର୍ଯ୍ୟୟ ରୋକିବା କ୍ଷେତ୍ରରେ ଭାରତୀୟ ପାଣିପାଗ ବିଭାଗ ଯେଉଁ ପଦକ୍ଷେପ ନେଇଛି, ତାହା ବିଶ୍ୱବ୍ୟାପୀ ଆଦୃତି ଲାଭ କରିବା ସହ ପ୍ରଶଂସିତ ହୋଇଛି। ବିପର୍ଯ୍ୟୟ ହ୍ରାସ କ୍ଷେତ୍ରରେ ସତର୍କ ସୂଚନା ପ୍ରଣାଳୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିକଟ ଅତୀତରେ ପାଣିପାଗ ବିଭାଗ ଏ କ୍ଷେତ୍ରରେ ଏକାଧିକ ପଦକ୍ଷେପ ନେବା କାରଣରୁ ଆମର ସତର୍କ ସୂଚନା ପ୍ରଣାଳୀରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ପ୍ରାୟ ୪୦ରୁ ୫୦ ପ୍ରତିଶତ ପୂର୍ବାନୁମାନର ସଠିକତା ବୃଦ୍ଧି ପାଇଛି। ବାତ୍ୟା କେଉଁଠାରେ, କେଉଁ ସମୟରେ ଏବଂ ଏହାର ତୀବ୍ରତା ସମ୍ପର୍କରେ ସଠିକ ସମୟରେ ସୂଚନା ପ୍ରଦାନ କରାଯାଉଛି। ଫଳରେ ବିପର୍ଯ୍ୟୟ ମୁକାବିଲା ପୂର୍ବାପେକ୍ଷା ସହଜ ହେବା ସହ ମୃତ୍ୟୁ ସଂଖ୍ୟାକୁ ହ୍ରାସ କରାଯାଇ ପାରିଛି ବୋଲି ସେ ସୂଚନା ଦେଇଛନ୍ତି।

ଅପରପକ୍ଷେ, ଦକ୍ଷିଣ-ପୂର୍ବ ମୌସୁମୀ ବାୟୁକୁ ନେଇ ମଧ୍ୟ ସୂଚନା ରଖିଛନ୍ତି ଡ. ମହାପାତ୍ର। ଏବେ ଦକ୍ଷିଣ ଓଡ଼ିଶାରେ ମୌସୁମୀ ବାୟୁ ସକ୍ରିୟ ରହିଛି। ଆସନ୍ତା ୨ରୁ ୩ଦିନ ମଧ୍ୟରେ ଏହା ରାଜ୍ୟରେ ସକ୍ରିୟ ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ୧୮ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ଆଗୁଆ ସୂଚନା ପ୍ରଦାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

# ସ୍ତ୍ରୀକୁ ଟାଙ୍ଗିଆରେ ହାଣି ଝୁଲି ପଡ଼ିଲା ସ୍ୱାମୀ

ପଦ୍ମପୁର,୧୪।୬(ସମିସ): ସ୍ତ୍ରୀକୁ ଟାଙ୍ଗିଆରେ ହାଣିବା ପରେ ବେକରେ ରଶି ଲଗାଇ ଝୁଲିପଡ଼ିଲା ସ୍ୱାମୀ। ପଦ୍ମପୁର ଥାନା ଭେଉଁରିଆ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସୂଚନାନୁସାରେ, ଗାଁର ଶ୍ୟାମସୁନ୍ଦର ଭୋଇ ଓ ତାଙ୍କ ସ୍ତ୍ରୀ ରତ୍ନୀ ଭୋଇଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ମଦ୍ୟପ ସ୍ୱାମୀ ଏଥିରେ ଉତ୍କ୍ଷିପ୍ତ ହୋଇ ସ୍ତ୍ରୀକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ପରିବାରଲୋକେ ଆହତ ରତ୍ନୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ପରେ ଶ୍ୟାମସୁନ୍ଦର ଘରେ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିଲା। ତେବେ କେଉଁ କାରଣରୁ ସ୍ତ୍ରୀଙ୍କୁ ଆକ୍ରମଣ ପରେ ନିଜେ ଆତ୍ମହତ୍ୟା କରିଛନ୍ତି, ସେ ବିଷୟରେ ଜଣାପଡ଼ିନାହିଁ। ପଦ୍ମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ରତ୍ନୀଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଛି। ମୃତ ଶ୍ୟାମସୁନ୍ଦରର ଶବ ପଦ୍ମପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ୨ଟି ନାବାଳକ ସନ୍ତାନ ରହିଥିବା ଜଣାପଡ଼ିଛି।

## ଅଣସର ସମୟର ନିଷିଦ୍ଧ ନିୟମ

# ଦଇତାପତିଙ୍କ ଘରକୁ ଆସି ନ ଥା'ନ୍ତି ବନ୍ଧୁବାନ୍ଧବ

ପୁରୀ,୧୪।୬(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିଛନ୍ତି ବିଶ୍ୱନିୟନ୍ତା। ଅଣସର ଘରେ ଚାଲିଛି ଗୁପ୍ତସେବା। ବେଶ୍ ନିଷ୍ଠା ଓ ଏକାଗ୍ରତାର ସହ ଗୋଷ୍ଠୀଗତ ଭାବେ ସେବା କରୁଛନ୍ତି ଦଇତାପତି। ତେବେ ଏହି ସମୟରେ ଦଇତାପତି ପରିବାରର କେତେକ ନିଷିଦ୍ଧ ନିୟମ ରହିଛି। ଅଣସର ସମୟରେ ଦଇତାପତି ପରିବାରର ବିବାହିତ ଝିଅମାନେ ବାପଘରକୁ ଆସନ୍ତି ନାହିଁ। ସେହିପରି ବନ୍ଧୁବାନ୍ଧବ ମଧ୍ୟ ଆସି ନ ଥା'ନ୍ତି। ଠାକୁର ଅଣସରରେ ଥିବା ବେଳେ ଏଭଳି କିଛି ନିୟମ ପାଳନ କରନ୍ତି ଦଇତାପତି ପରିବାର।

ଏ ସମ୍ପର୍କରେ ଦଇତାପତି ସେବକ କୁହନ୍ତି, ଅଣସରରେ ପ୍ରତ୍ୟେକ ଦଇତାପତି ପରିବାର ଶୁଦ୍ଧପୁତ ଭାବେ ରୁହନ୍ତି। ପବିତ୍ର ସ୍ନାନପୂର୍ଣ୍ଣିମା ପୂର୍ବରୁ ଘର, ପୋଷାକପତ୍ର ଇତ୍ୟାଦି ସଫା କରାଯାଏ। ରୋଷେଇ ଘର, ଠାକୁର ଘର ଭଲ ଭାବେ ଧୂଆ ହୋଇ ଧଉଳା ଯାଏ। ସ୍ନାନପୂର୍ଣ୍ଣିମା ଦିନ ସ୍ନାନ ଜଳ ଆସିବା ପରେ ବଡ଼ବଡ଼ିଆଙ୍କୁ ଲାଗି କରାଯାଏ। ଏହି ସ୍ନାନ ଜଳ ମାଟି ହାଣ୍ଡିରେ ପଡ଼ିବା ପରେ ହବିଷ୍ୟାନ୍ନ ପ୍ରସ୍ତୁତ ହୁଏ। ଦଇତାପତି ପରିବାରର ସ୍ତ୍ରୀ ଲୋକମାନେ ପାଟଶାଢ଼ି ପରିଧାନ କରି କାଠ ଚୁଲିରେ ହବିଷ୍ୟାନ୍ନ ତିଆରି କରିଥା'ନ୍ତି। ବର୍ତ୍ତମାନ ସମସ୍ତଙ୍କ ଘରେ କାଠ ଚୁଲି ନଥିଲେ ବି ଅଧିକାଂଶ ପରିବାର କାଠ ଚୁଲିରେ ହବିଷ୍ୟାନ୍ନ ପ୍ରସ୍ତୁତ କରନ୍ତି। ଯାହାର କାଠ ଚୁଲି ନାହିଁ, ସେମାନେ ନୂଆ ଗ୍ୟାସ୍ ଚୁଲାରେ ହବିଷ୍ୟାନ୍ନ ତିଆରି କରନ୍ତି। ଶ୍ରୀମନ୍ଦିରରେ ଯେଉଁଭଳି ପାରମ୍ପରିକ ଭାବେ ବିଭିନ୍ନ ପରିବା ପଡ଼ି ଡାଲମା ଏବଂ ଅନ୍ନ ତିଆରି ହୁଏ ସେହିପରି ଡାଲମା, ଅନ୍ନ ପ୍ରତ୍ୟେକ ପରିବାରରେ ହୁଏ। ଯିଏ ଯେଉଁଆଡ଼େ ଯାଇଥା'ନ୍ତି ସୂର୍ଯ୍ୟାସ୍ତ ପୂର୍ବରୁ ଫେରି ହବିଷ୍ୟାନ୍ନ ସେବନ କରନ୍ତି।

ଦଇତାପତି ପରିବାରର ସମସ୍ତ ସଦସ୍ୟ ଅର୍ଥାତ୍ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଦିନକୁ ଗୋଟିଏଥର ହବିଷ୍ୟାନ୍ନ ଖାଆନ୍ତି। କେହି ବାହାରେ କିଛି ବି ଖାଦ୍ୟ ଗ୍ରହଣ କରନ୍ତି ନାହିଁ କି ପାଣି ମଧ୍ୟ ପିଅନ୍ତି ନାହିଁ। କୌଣସି ପରିବାରରେ ଯଦି କେହି ବାହାରେ ଚାକିରି କରୁଥିବେ, ତେବେ ଅଣସର ଲାଗି ଛୁଟି ଆଣି ଘରକୁ ଆସନ୍ତି। ଶୁଦ୍ଧପୁତ ଭାବେ ପରିବାର ସଦସ୍ୟଙ୍କ ସହ ରହି ସମସ୍ତ ନୀତିନିୟମ ପାଳନ କରିଥା'ନ୍ତି। ଏହି ସମୟରେ ବିବାହିତ ଝିଅମାନେ ବାପଘରକୁ ଆସନ୍ତି ନାହିଁ। ସେହିପରି ବନ୍ଧୁବାନ୍ଧବ ମଧ୍ୟ ଆସି ନ ଥା'ନ୍ତି। ଭିକାରୀଙ୍କୁ ବି ଭିକ୍ଷା ଦିଆଯାଇନଥାଏ। ଅଣସରରେ ମହାପ୍ରଭୁ ଖଟ, ପଲଙ୍କ, ଗଦି, ମାଣ୍ଡି(ତକିଆ) କିଛି ବି ବ୍ୟବହାର କରୁନଥିବାରୁ ଦଇତା ପରିବାରରେ ମଧ୍ୟ ଏହା ବ୍ୟବହାର ହୋଇନଥାଏ। ମୋଟାମୋଟି ସମସ୍ତେ ବିଳାସବ୍ୟସନରୁ ଦୂରେଇ ରହିବାକୁ ଚେଷ୍ଟା କରିଥା'ନ୍ତି। ଏପରିକି, ଏହି ସମୟରେ ଦଇତାପତି ପରିବାର ସଦସ୍ୟମାନେ ସୁନା ଅଳଙ୍କାର ପ୍ରାୟ ପିନ୍ଧନ୍ତି ନାହିଁ।

# ସ୍ତ୍ରୀକୁ ପଥରରେ ଛେଚି ହତ୍ୟା

କାଳିମେଳା, ୧୪।୬(ସମିସ): ସ୍ତ୍ରୀକୁ ପଥର ଛେଚି ମାରିଦେଲା ସ୍ୱାମୀ। ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ ନାମକୋଣ୍ଡା ଗ୍ରାମରେ ଏପରି ଏକ ହତ୍ୟାକାଣ୍ଡ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ମାଶା ମାଡକାମି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣା ପରେ ଅଭିଯୁକ୍ତ ସ୍ୱାମୀ ଫେରାର୍ ହୋଇଯାଇଛି। ସୂଚନାନୁସାରେ, ଶୁକ୍ରବାର ମଧ୍ୟରାତିରେ କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ରାଗିଯାଇ ମାଶାଙ୍କ ମୁଣ୍ଡରେ ଏକ ପଥରରେ ଛେଚି ତାଙ୍କ ସ୍ୱାମୀ। ସେଠାରେ ମାଶାଙ୍କ ମୃତ୍ୟୁ ହୋଇଯିବାରୁ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଥିଲା। ସକାଳେ ଗାଁ ଲୋକେ ପୁଲିସକୁ ଖବର ଦେବା ପରେ କାଳିମେଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

## ଦୁଇ ନାଆରେ ଗୋଡ଼ ଦେଇ ଯୁବତୀ ହଟହଟା

# ବିବାହ ବେଳକୁ ଫାଙ୍କିଦେଲେ ଦୁଇ ପ୍ରେମିକ

■ ଥାନାର ଦ୍ୱାରସ୍ଥ ହେଲେ ଗର୍ଭବତୀ ପ୍ରେମିକା
■ ଛୁଆ ଜନ୍ମ ପରେ ଡିଏନ୍ଏ ପରୀକ୍ଷା କରାଇବ ପୁଲିସ୍

ପୋଡ଼ାଗଡ଼, ୧୪।୬ (ସମିସ): ଦୁଇ ଯୁବକଙ୍କୁ ଭଲ ପାଇବା ସହ ସଂପର୍କ ରଖିବା ଜଣେ ଯୁବତୀଙ୍କୁ ମହଙ୍ଗା ପଡ଼ିଛି। ଯୁବତୀଜଣଙ୍କ ଏବେ ୭ ମାସର ଗର୍ଭବତୀ ହୋଇଥିବା ବେଳେ ଦୁଇ ପ୍ରେମିକ କରଛଡ଼ା ଦେଉଛନ୍ତି। ଫଳରେ ନ୍ୟାୟ ପାଇଁ ଯୁବତୀଜଣଙ୍କ ଏବେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଞ୍ଚଳରେ ଘଟିଥିବା ଏପରି ଏକ ଘଟଣା ପଦାକୁ ଆସିବା ପରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ଯୁବତୀଜଣଙ୍କ ନିଜ ଗାଁର ଦୁଇ ଯୁବକଙ୍କୁ ଭଲ ପାଉଥିଲେ। ଦୁହିଁଙ୍କ ସହ ତାଙ୍କର ଶାରୀରିକ ସଂପର୍କ ମଧ୍ୟ ରହିଥିଲା। ତେବେ ଯୁବତୀଜଣଙ୍କ ୭ ମାସର ଗର୍ଭବତୀ ହୋଇଯିବାରୁ ଘଟଣା ପଦାକୁ ଆସିଥିଲା। କଥା ଦାଣ୍ଡରେ ପଡ଼ି ହାଟରେ ଗଡ଼ିବାରୁ ଯୁବତୀଜଣଙ୍କ ବିବାହ କରିବାକୁ ଜଣଙ୍କ ପରେ ଜଣେ ପ୍ରେମିକଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କେହି ବିବାହ କରିବାକୁ ରାଜି ହୋଇନଥିଲେ। ତେଣୁ, ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଗାଁରେ ବୈଠକ ବସିଥିଲା। କିନ୍ତୁ ସେଠାରେ ପ୍ରେମିକଦ୍ୱୟ ଯୁବତୀଙ୍କ ସହ ତାଙ୍କର କୌଣସି ସଂପର୍କ ନାହିଁ ବୋଲି କହି ଫାଙ୍କି ଦେଇଥିଲେ। ଫଳରେ ସବୁଆଡ଼ୁ ନିରାଶ ହୋଇ ଯୁବତୀଜଣଙ୍କ ଏବେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ସୂଚନା ଅନୁସାରେ, ଯୁବତୀଙ୍କ ଏତଲାକୁ ଗ୍ରହଣ କରାଯାଇଛି। କିନ୍ତୁ ମାମଲା ରୁଜୁ ହୋଇନାହିଁ। ତାଙ୍କୁ ସରକାରୀ ମା'ଗୃହରେ ପ୍ରସବ ପର୍ଯ୍ୟନ୍ତ ରଖାଯିବ। ସନ୍ତାନ ଜନ୍ମ ପରେ ଦୁଇ ଯୁବକର ଡିଏନ୍ଏ ପରୀକ୍ଷା କରାଯିବ। ସେତେବେଳେ ଅସଲି ପ୍ରେମିକ ଚିହ୍ନଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଏଟିଏମ୍ ଆଗରେ କଟିଲା ରଜ



**ଲକ୍ଷେ ଟଙ୍କା ଜମା କରି ଜଗି ରହିଲେ**

ବ୍ରହ୍ମପୁର, ୧୪।୬ (ସମିସ): ଏଟିଏମ୍ କାଉଣ୍ଟର୍ ଆଗରେ କଟିଲା ପହିଲି ରଜ। ଏଟିଏମ୍‌କୁ ଅନେଇ ଅନେଇ ଅଖିଆଅପିଆ ୫ ଘଣ୍ଟା ବିତିଗଲା; ହେଲେ ନା ଫୋନ୍ ଲାଗିଲା ନା କେହି ଅଧିକାରୀ ସହାୟତା କରିବାକୁ ଆସିଲେ। ଏଟିଏମ୍ ମେସିନ୍‌ରେ ଟଙ୍କା ପଇଠ କରିବାକୁ ଆସିଥିବା ଜଣେ ବ୍ୟକ୍ତି ଆଜି ଏମିତି ହଟହଟା ହୋଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ସହରରେ। ସୂଚନାନୁଯାୟୀ, ବ୍ୟକ୍ତିଜଣଙ୍କ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ମାଲିକଙ୍କ ନିର୍ଦ୍ଦେଶରେ ସେ ଆଜି ୧ଲକ୍ଷ ଟଙ୍କା ସହରର ଏକ ଏଟିଏମ୍ ମେସିନ୍‌ରେ ଜମା କରିଥିଲେ। କିନ୍ତୁ, ବୈଷୟିକ ତ୍ରୁଟି ଯୋଗୁଁ ମେସିନ୍‌ରେ ଟଙ୍କା ଅଟକି ରହିଯାଇଥିଲା। ଏପରିକି, ଟ୍ରାଞ୍ଜାକ୍ସନ୍ ସମ୍ପର୍କିତ କୌଣସି ତଥ୍ୟ ମଧ୍ୟ ମେସିନରୁ ମିଳି ନଥିଲା। ଫଳରେ ବ୍ୟକ୍ତିଜଣଙ୍କ ସେଠାରେ ସେମିତି ଅଖିଆଅପିଆ ଜଗି ରହିଥିଲେ। ଏଟିଏମ୍ କାଉଣ୍ଟର୍‌ରେ ଦିଆଯାଇଥିବା ଟୋଲ୍-ଫ୍ରି' ନମ୍ବରରେ ଯୋଗାଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳିନଥିଲା। ଅପରପକ୍ଷେ ଆଜି ରଜ ଉପଲକ୍ଷେ ବ୍ୟାଙ୍କଗୁଡ଼ିକ ଛୁଟିଥିବାରୁ ସ୍ଥାନୀୟ ବ୍ୟାଙ୍କ ଶାଖା ସହ ମଧ୍ୟ ଯୋଗାଯୋଗ କରିପାରିନଥିଲେ। ତେଣୁ, କିଂକର୍ତ୍ତବ୍ୟବିମୂଢ଼ ହୋଇ ଅପରାହ୍ନ ପ୍ରାୟ ସାଢ଼େ ୧୨ଟାରୁ ୫ ଘଣ୍ଟା ପର୍ଯ୍ୟନ୍ତ ସେମିତି ଏଟିଏମ୍ କାଉଣ୍ଟର୍ ଆଗରେ ଅଧିଆ ପଡ଼ିଥିଲେ।

## ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନର ସହକାରୀ ପ୍ରଫେସର୍ ନିଯୁକ୍ତି ବିଜ୍ଞପ୍ତିକୁ ଚାଲେଞ୍ଜ

# ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ଅନ୍ତରୀଣ ରୋକ୍ ଲଗାଇଲେ ହାଇକୋର୍ଟ

କଟକ,୧୩।୬(ସମିସ): ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ବିଭିନ୍ନ ବିଭାଗରେ ସହକାରୀ ପ୍ରଫେସର୍ (ସୁପର ସ୍ପେଶାଲିଟି) ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ଚାଲେଞ୍ଜ କରି ଦାୟର ମାମଲାର ଶୁଣାଣି କରି ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି ହାଇକୋର୍ଟ। ଚୟନ ପ୍ରକ୍ରିୟା ଜାରି ରହିବ, କିନ୍ତୁ ଅଦାଲତଙ୍କ ବିନା ଅନୁମତିରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଡାକ୍ତର ପରେଶ ଚନ୍ଦ୍ର ମହାନ୍ତ ଓ ଅନ୍ୟ ଚାରିଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ମାମଲାରେ ଚାରି ସପ୍ତାହ ଭିତରେ ସତ୍ୟପାଠ ମାଧ୍ୟମରେ ଜବାବଦାଖଲ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ, ଡିନ୍ ତଥା ଅଧ୍ୟକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ପ୍ରଥମ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ବିଭିନ୍ନ ବିଭାଗରେ ସହକାରୀ ପ୍ରଫେସର୍ (ସୁପର ସ୍ପେଶାଲିଟି) ନିଯୁକ୍ତି ପାଇଁ ନିର୍ଦ୍ଦେଶକଙ୍କ ତରଫରୁ ଗତ ମେ' ୨୮ରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଓଡ଼ିଶା ମେଡିକାଲ ଶିକ୍ଷା ସେବା ନିୟମ-୨୦୨୧ ଓ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ନିୟମାବଳୀ ଅନୁସାରେ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ନିଯୁକ୍ତି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ବିଜ୍ଞପ୍ତିରେ ଉଲ୍ଲେଖ ସର୍ତ୍ତ ଅନୁସାରେ, ପ୍ରାର୍ଥୀଙ୍କ ଏମବିବିଏସ୍ ମାର୍କ ଆଧାରରେ ଚୟନ କରାଯିବ। ସହକାରୀ ପ୍ରଫେସର୍ ପଦ ପାଇଁ ଅନୁଷ୍ଠିତ ନିଯୁକ୍ତି ପ୍ରକ୍ରିୟାରେ ଲିଖିତ ପରୀକ୍ଷା ହେବା କଥା। ତେଣୁ ମାର୍କ ଆଧାରରେ ନିଯୁକ୍ତି ଭଳି ସର୍ତ୍ତ ନିୟମ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି। ୨୦୨୨ରେ ସହକାରୀ ପ୍ରଫେସର ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡ଼ିଶା ମେଡିକାଲ ଶିକ୍ଷା ସେବା ନିୟମ ଅନୁସାରେ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହେଉଛି ବୋଲି ୨୦୨୨ର ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା। ଏଥିସହ ଏହି ନିଯୁକ୍ତି ପ୍ରକ୍ରିୟାରେ ପ୍ରାର୍ଥୀମାନେ ଲିଖିତ ପରୀକ୍ଷା ଦେବେ ବୋଲି କୁହାଯାଇଥିଲା। କିନ୍ତୁ ୨୦୨୫ରେ ପ୍ରକାଶିତ ବିଜ୍ଞପ୍ତିରେ ଲିଖିତ ପରୀକ୍ଷା ନ କରି କେବଳ ଏମବିବିଏସ୍ ମାର୍କ ଆଧାରରେ ପ୍ରାର୍ଥୀଙ୍କୁ ଚୟନ କରାଯିବ ବୋଲି କୁହାଯାଇଥିଲା। ୨୦୨୫ର ନିଯୁକ୍ତି ବିଜ୍ଞପ୍ତି ଓଡ଼ିଶା ମେଡିକାଲ ଶିକ୍ଷା ସେବା ନିୟମର ଉଲ୍ଲଂଘନ କରୁଛି ଓ ନିଯୁକ୍ତି ବିଜ୍ଞପ୍ତିକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି।

**ଲୁଣି ମାଛ ବଜାରରେ ବଢ଼ିବ ଗହଳିଚହଳି**

# ଆଜି ମୁହାଣରୁ ବାହାରିବ ଶହଶହ ଟ୍ରଲର୍

**ଦୁଇ ମାସର କଟକଣା ପରେ ସମୁଦ୍ରକୁ ଯିବେ ମତ୍ସ୍ୟଜୀବୀ**



ବାଲେଶ୍ୱର, ୧୪।୬(ସମିସ): ଦୀର୍ଘ ଦିନ ଧରି ଶାନ୍ତ ପଡ଼ିଥିବା ବାଲେଶ୍ୱରର ଲୁଣି ମାଛ ବଜାରରେ ପୁଣି ଗହଳିଚହଳି ବଢ଼ିବ। ହାତବାନ୍ଧି ବସିଥିବା ଟ୍ରଲର୍ ମାଲିକ, ମତ୍ସ୍ୟଜୀବୀ, ଛୋଟବଡ଼ ମାଛ ବ୍ୟବସାୟୀ ଚଳଚଞ୍ଚଳ ହେବେ। ଚାଲିବ କୋଟି କୋଟି ଟଙ୍କାର କାରବାର। ଦୁଇ ମାସର କଟକଣା ପରେ ଆସନ୍ତାକାଲି (ରବିବାର) ସମୁଦ୍ରକୁ ମାଛ ମାରିବାକୁ ବାଲେଶ୍ୱର ଜିଲ୍ଲା ପ୍ରମୁଖ ମାଛ ଅବତରଣ କେନ୍ଦ୍ର ବଳରାମଗଡ଼ି, ବାହାବଳପୁର, କଷାଫଳ ଆଦି ମୁହାଣରୁ ଶହଶହ ଟ୍ରଲର୍ ଗଭୀର ସମୁଦ୍ରକୁ ଯିବେ। ଏଥିପାଇଁ ମତ୍ସ୍ୟଜୀବୀ ଓ ଟ୍ରଲର୍ ମାଲିକଙ୍କ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ସରିଛି। ଆଜି ବଳରାମଗଡ଼ିରେ ଟ୍ରଲର୍‌ଗୁଡ଼ିକୁ ପୂଜା କରାଯିବା ସହ ଆବଶ୍ୟକ ସରଞ୍ଜାମ ଭର୍ତ୍ତି କରାଯାଇଛି। ମୁଖ୍ୟତଃ ଟ୍ରଲର ପାଇଁ ତେଲ, ଖାଦ୍ୟ ପଦାର୍ଥ, ଜାଲ, ବରଫ ଇତ୍ୟାଦି ପ୍ରସ୍ତୁତ କରାଯାଇଛି। ଆସନ୍ତାକାଲି ଜୁଆର ସମୟ ସକାଳ ୧୦ରୁ ୧୨ଟା ମଧ୍ୟରେ ସମୁଦ୍ର ମଧ୍ୟକୁ ଟ୍ରଲର୍‌ଗୁଡ଼ିକ ମାଛ ମାରିବାକୁ ବାହାରିବେ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ଏପ୍ରିଲ୍ ୧୫ରୁ ଜୁନ୍୧୫ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ମାଛମରା ଟ୍ରଲର୍ ନେଇ ସମୁଦ୍ରକୁ ଯିବାକୁ ବାରଣ କରାଯାଇଥାଏ। ଏହି ଦୁଇ ମାସ ସାମୁଦ୍ରିକ ଜୀବ ଓ ମାଛମାନଙ୍କର ପ୍ରଜନନ ସମୟ ହୋଇଥିବାରୁ ସରକାର କଟକଣା ଲଗାଇଥା'ନ୍ତି। ତେବେ ଆସନ୍ତାକାଲି (ରବିବାର) ସକାଳ ୬ଟାରେ ଏହି କଟକଣା ଅବଧି ଶେଷ ହେଉଛି। ତେଣୁ, ମାଛ ମାରିବାକୁ ଯିବା ପାଇଁ ମତ୍ସ୍ୟଜୀବୀମାନେ ଉତ୍ସାହିତ ଅଛନ୍ତି।

ଜଣେ ଟ୍ରଲର୍ ମାଲିକ କହିଛନ୍ତି ଯେ ମୁହାଣରୁ ଟ୍ରଲର୍ ଛାଡ଼ିବା ପରେ ସମୁଦ୍ରରେ ମାଇଲ୍ ମାଇଲ୍ ବାଟ ଘୂରି ବୁଲି ମାଛ ଧରିବେ। ପାଖାପାଖି ୧୫ ଦିନ ଗଭୀର ସମୁଦ୍ରରେ ମାଛ ଧରିବା ପରେ ପୁଣି ଫେରି ଆସିବେ। ଫଳରେ ଖୁବ୍ କମ୍ ଦିନ ଭିତରେ ବାଲେଶ୍ୱରର ପ୍ରମୁଖ ଲୁଣି ମାଛ ମାର୍କେଟ୍‌ଗୁଡ଼ିକ ପୁଣି ଚଳଚଞ୍ଚଳ ହୋଇଉଠିବ। ବଜାରରେ ଇଲିସି, ଫିରିକି, ଚିଙ୍ଗୁଡ଼ି, ଶିଳା ଭଳି ବିଭିନ୍ନ ପ୍ରକାରର ଲୁଣି ମାଛ ଗ୍ରାହକଙ୍କୁ ଶସ୍ତାରେ ମିଳିପାରିବ ଏବଂ ମାଛ ଧରାଳି, ବେପାରୀ ବି ଭଲ ଦି' ପଇସା ରୋଜଗାର କରିପାରିବେ। ଆଗକୁ ଭଲ ମୌସୁମୀ ବର୍ଷା ହେଲେ ଅଧିକ ଇଲିସି ମାଛ ଜାଲରେ ଲାଗିବେ ବୋଲି ସେ ଆଶାବାଦୀ ଅଛନ୍ତି।

ଟ୍ରଲର ଚାଳକ ଦୟାନିଧି ଦାସ, ନନ୍ଦ ମୌଳିକ, ଚାଳକ ଓ ମତ୍ସ୍ୟଜୀବୀ ପ୍ରଭାକର ମୌଳିକ ପ୍ରମୁଖ କହିଛନ୍ତି ଯେ ମାଛର ପ୍ରଜନନ ପାଇଁ ଦୁଇ ମାସ ସମୁଦ୍ରକୁ କଟକଣା ରହିଥିବା ବେଳେ ଏହି ସମୟରେ ଟ୍ରଲର ମାଲିକମାନେ ଟ୍ରଲର୍ ମରାମତି କରିଥା'ନ୍ତି। ସେହିପରି ମତ୍ସ୍ୟଜୀବୀମାନେ ଛୋଟ ବୋଟ ମରାମତି ଓ ଅନ୍ୟାନ୍ୟ ପ୍ରସ୍ତୁତି କରିଦେଇଥା'ନ୍ତି। ଅପରପକ୍ଷେ, ମାଛମରା ବନ୍ଦ ଯୋଗୁଁ ସମୁଦ୍ରରେ ମାଛ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥାଏ। ଏଣୁ ଗୋଟିଏ ଗୋଟିଏ ଟ୍ରଲର ୪୦୦ ରୁ ୫୦୦ ଜାଲି ମାଛ ସଂଗ୍ରହ କରି କୂଳକୁ ଫେରିବେ ବୋଲି ଆଶା ରଖିଛନ୍ତି। ଏଥିପାଇଁ ମତ୍ସ୍ୟଜୀବୀ ମାନଙ୍କୁ ୧୦ ରୁ ୧୫ ଦିନ ସମୁଦ୍ର ମଧ୍ୟରେ ରାତି କାଟିବାକୁ ପଡ଼ିବ। ଏହାରି ମଧ୍ୟରେ ଖାଇବା ଶୋଇବା ସବୁ ହୋଇଥାଏ। ସେପଟେ, ଥରେ ସିଜିନ୍ ଆରମ୍ଭରୁ ଟ୍ରଲର ସମୁଦ୍ରକୁ ଯିବା ପାଇଁ ୫ ରୁ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଲିକ ଖର୍ଚ୍ଚ କରି ସାମଗ୍ରୀ ରଖିଥାନ୍ତି। ଏଣୁ, ଭଲ ମାଛ ଅମଳ ଓ ଦୁଇ ପଇସା ଲାଭ ପାଇଁ ମାଲିକ ବି ଆଶାବାଦୀ ରହିଥା'ନ୍ତି।

# ଭୁବନେଶ୍ୱର ସିଟି



# ବିମାନବନ୍ଦର ପାଖରୁ ହଟିବ ବେଆଇନ କୋଠା

ଭୁବନେଶ୍ୱର, ୧୪।୬(ସମିସ)

ଏୟାରପୋର୍ଟ ଅଞ୍ଚଳରୁ ଭାଙ୍ଗିବ ବେଆଇନ୍ କୋଠା। କଟାଯିବ ବଡ଼ବଡ଼ ଗଛ। ବିମାନ ଚଳାଚଳର ସୁରକ୍ଷା ଦିଗରେ ଯାହା ବି କିଛି ବାଧା ଉପୁଜୁଛି ସେସବୁକୁ ହଟାଇ ଦିଆଯିବ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦର ସୁରକ୍ଷା ଦୃଷ୍ଟିରୁ ଏଭଳି କରାଯିବ। ଏୟାରପୋର୍ଟ ଅଥରିଟିଙ୍କ ପକ୍ଷରୁ ଏସମ୍ପର୍କିତ ଏକ ସର୍ଭେ କରାଯାଇଛି। ଏହି ସର୍ଭେରେ ବିମାନ ଚଳାଚଳ ପାଇଁ ସୃଷ୍ଟି ହେଉଥିବା ବିପଦର ଆକଳନ କରାଯାଇଛି। ଏହାପରେ ବିଏମ୍‌ସି କମିସନରଙ୍କୁ ବେଆଇନ୍ ଅଟ୍ଟାଳିକା ଏବଂ ପାଖାପାଖି ଥିବା ବଡ଼ ଗଛ ସମ୍ପର୍କରେ ଅବଗତ କରାଯିବ। ଆଗାମୀ ଦିନରେ ଏହାକୁ ହଟାଇବାକୁ ନେଇ ବିଏମ୍‌ସିକୁ ଚିଠି ଲେଖାଯିବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି। ସେହିପରି ନଡ଼ିଆ ଚାରା ଫାର୍ମ ସମ୍ପର୍କରେ ଓୟୁଏଟି କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି।

ଅନ୍ୟପକ୍ଷରେ ଅହମଦାବାଦ ବିମାନ ଦୁର୍ଘଟଣା ପରେ ଚେଇଁ ଉଠିଛି ଡିଜିସିଏ। ବିମାନବନ୍ଦର ସୁରକ୍ଷା ଏବଂ ବିମାନ ଦୁର୍ଘଟଣା ପରେ ମୁକାବିଲା କିଭଳି ଭାବେ ହୋଇପାରିବ ସେ ନେଇ ପ୍ରସ୍ତୁତ ରହିବାକୁ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ପ୍ରସ୍ତୁତ ରହିବାକୁ ଡିଜିସିଏ ପକ୍ଷରୁ କୁହାଯାଇଛି। ଆଗାମୀ ଜୁନ୍ ୩୦ ତାରିଖରେ ଭୁବନେଶ୍ୱର ବିମାନ ବନ୍ଦର ପରିସରରେ ଏକ ଅଭ୍ୟାସ କରାଯିବ। ବିମାନ ଦୁର୍ଘଟଣାର ଆଶଙ୍କାକୁ ଅନୁଧ୍ୟାନ କରାଯିବ। ଏହା ସହ ଦୁର୍ଘଟଣା ପରେ କିଭଳି ମୁକାବିଲା କରାଯିବ ସେ ନେଇ ଅଭ୍ୟାସ କରାଯିବ। ଫୁଲସ୍କେଲ ରିହାର୍ସଲ କରିବାକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଏଥିରେ ପୁଲିସ, ମେଡିକାଲ ଓ ଅଗ୍ନିଶମ ବିଭାଗ ବି ଉପସ୍ଥିତ ରହିବ। ଅହମଦାବାଦ ପ୍ଲେନ କ୍ରାସ ପରେ ଭୁବନେଶ୍ୱର ବିମାନ ବନ୍ଦର ଏପରି କିଛି ସିକ୍ୟୁରିଟି ପ୍ରୋଗ୍ରାମ କରାଯିବ।




**ବିଏମ୍‌ସିକୁ ଲେଖିବ ବିମାନ ବନ୍ଦର କର୍ତ୍ତୃପକ୍ଷ**

ଅନ୍ୟପକ୍ଷରେ ଭୁବନେଶ୍ୱର ବିମାନ ବନ୍ଦରରେ ପାରାଲାଲ ଟାକ୍ସି ଟ୍ରାକ ଓ ରାପିଡ଼ ଏକ୍ଜିଟ ହୋଇଛି। ଏହା ଦ୍ୱାରା ଏକା ସାଙ୍ଗରେ ୨୪ଟି ବିମାନ ଟେକଅପ ଓ ଲ୍ୟାଣ୍ଡିଂ କରିପାରିବେ। ଡିଜିସିଏ ଏହାର କ୍ଲିଅରାନ୍ସ ଦେଇଛନ୍ତି। ଏଆଇପିରେ ଏହା ପବ୍ଲିକ ହେବାର ୪୬ ଦିନ ପରେ କାର୍ଯ୍ୟକାରୀ ହେବ। ଏଣୁ ବେଆଇନ୍ ନିର୍ମାଣ ହଟାଇବା ଏବଂ ଗଛ କାଟିବା ଉପରେ ବିମାନବନ୍ଦର କର୍ତ୍ତୃପକ୍ଷ ଏହାର ଗୁରୁତ୍ୱ ଦେଇଛନ୍ତି। ଗଢି ଉଠିଥିବା ବେଆଇନ୍ ନିର୍ମାଣ ସମ୍ପର୍କରେ ବିଏମ୍‌ସିର ବିଭାଗୀୟ କର୍ତ୍ତୃପକ୍ଷ ଅଜୟ ମହାନ୍ତି କହିଛନ୍ତି ଆମେ ଚିଠି ପାଇବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଯେଉଁମାନେ ବେଆଇନ୍ ଭାବେ ନିର୍ମାଣ କରିଛନ୍ତି ତାଙ୍କ ବିରୋଧରେ ମାମଲା ରୁଜୁ ହେବ। ଏହାସହ ବେଆଇନ୍ ନିର୍ମାଣକୁ ଉଚ୍ଛେଦ କରାଯିବ।

## ଦୁଇ ବନ୍ଧୁଙ୍କୁ ଖଣ୍ଡା ଚୋଟ; ୪ ଗିରଫ



ଭୁବନେଶ୍ୱର, ୧୪।୬ (ସମିସ): ଦୁଇ ବନ୍ଧୁଙ୍କୁ ରାସ୍ତାରେ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସୁବାସ ନଗର ବସ୍ତିର ଗୌର ମହାପାତ୍ର (୨୦), କିଡ୍‌ସ ହସ୍ପିଟାଲ ନିକଟରେ ରହୁଥିବା ରଞ୍ଜିତ ପ୍ରଧାନ ଓରଫ୍ ମାଟି (୨୦), ରଘୁନାଥ ନଗରର ଗୁଣ୍ଡିଚ ନାୟକ (୨୦) ଓ କସମୋପଲିସ୍ ମଙ୍ଗଳା ବସ୍ତିର ରାଜେଶ ସ୍ୱାଇଁ (୨୧)।

ପୁଲିସ ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ଣରେ ଅଲେଖ ମହାରଣା ଓ ବନ୍ଧୁ ସୋମନାଥ ଓଝା କାମରୁ ଫେରୁଥିବାବେଳେ ସୁବାସ ନଗର ବସ୍ତିର ହନୁମାନ ମନ୍ଦିର ନିକଟରେ ଗୌର, ମାଟି, ଗୁଣ୍ଡିଚ ଓ ରାଜେଶ ମିଶି ସେମାନଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହିତ ଅଲେଖଙ୍କ ମୁଣ୍ଡକୁ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ସୋମନାଥ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଧମକ ଦେଇଥିଲେ। ଘଟଣାସ୍ଥଳ ଛାଡ଼ିବା ବେଳେ ଅଭିଯୁକ୍ତମାନେ ସେମାନଙ୍କ ପଛେ ପଛେ ଯାଇ ଖଣ୍ଡାରେ ସୋମନାଥଙ୍କୁ ହାଣିଥିଲେ। ଫଳରେ ତାଙ୍କ ହାତରେ ଆଘାତ ଲାଗିଥିଲା। ଅଲେଖଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ହେପାଜତରୁ ଗୋଟିଏ ତେଲେଙ୍ଗା କଟୁରି, ଗୋଟିଏ ଲୁହାଛଡ଼ ଓ ଗୋଟିଏ ଚାପଡ଼ ଜବତ କରିଥିଲା।

## ସୁନ୍ଦରୀ ମାୟାରେ ପଡ଼ି ହରାଇଲେ ୯ ଲକ୍ଷ

ଭୁବନେଶ୍ୱର, ୧୪।୬(ସମିସ): ଆଜିକାଲି ଅଧିକାଂଶ ସୋସିଆଲ ମିଡ଼ିଆରେ ଆକ୍ଟିଭ। ଟିକେ ସମୟ ପାଇଲେ ସେମାନେ ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍, ଏକ୍ସ ଏବଂ ଅନ୍ୟାନ୍ୟ ଆପ୍‌ରେ ସମୟ ଅତିବାହିତ କରୁଛନ୍ତି। କିନ୍ତୁ ଏହାର ଫାଇଦା ନେଉଛନ୍ତି ସାଇବର୍ ଠକ। ଏହିଭଳି ଜଣେ ସୁନ୍ଦରୀ ମହିଳାଙ୍କ ଫଟୋ ଲଗାଇ ଜଣେ ଯୁବକଙ୍କ ଠାରୁ ୮ ଲକ୍ଷ ଠକି ନେଇଛନ୍ତି ସାଇବର ଠକ। ଠକାମିର ଶିକାର ହୋଇଥିବା ବ୍ୟକ୍ତି ସାଇବର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଠକ ପ୍ରଥମେ ଠକ ଫେସ୍‌ବୁକ୍‌ରେ ଫେକ୍ ଆକାଉଣ୍ଟ ଖୋଲି ଜଣେ ମହିଳାଙ୍କ ଫଟୋ ଲଗାଇଥିଲେ। ପରେ ବିନୋଦ ନାମକ ଜଣେ ଯୁବକଙ୍କ ନିକଟରେ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲେ। ଏହାକୁ ବିନୋଦ ଗ୍ରହଣ କରିବା ପରେ ଠକ ତାଙ୍କ ସହ ଚାଟିଂ କରିଥିଲେ। କିଛି ଦିନର ବନ୍ଧୁତ୍ୱ ପରେ ନିଜର ଦାରିଦ୍ର୍ୟ ଓ ସ୍ୱାସ୍ଥ୍ୟଗତ ଅସୁବିଧା ଜଣାଇ ଟଙ୍କା ମାଗି ନେଉଛନ୍ତି। ହେଲେ ଫେରାଇବା ବେଳକୁ ଫସେଇ ଦେବାକୁ ଧମକ ଦେଇଥିଲେ। ଭୟରେ ଆସି ବିନୋଦ ସାଇବର ଥାନାରେ ଅଭିଯୋଗ କରି ନ ଥିଲେ।

## ଘରେ ପଶି ନେଇଗଲେ ସୁନାଗହଣା ଓ ଟଙ୍କା

ଭୁବନେଶ୍ୱର, ୧୪।୬ (ସମିସ): ରାଜାରାଣୀ କଲୋନୀର ଏକ ଘରେ କଳାକନା ବୁଲାଇଛନ୍ତି ମହିଳା। ପରିବାର ଲୋକ ଗୋଟିଏ ରୁମରେ ଥିବାବେଳେ ଅନ୍ୟ ରୁମରୁ ସୁନାଗହଣା ଓ ଟଙ୍କା ଚୋରି କରି ନେଇଛନ୍ତି। ଏନେଇ ସ୍ୱାଗତ ପତି ବଡ଼ଗଡ଼ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ସ୍ୱାଗତ ଓ ତାଙ୍କ ପରିବାର ରାଜାରାଣୀ କଲୋନୀ ପ୍ଲଟ ନଂ - ୧୪ ରେ ରୁହନ୍ତି। ଗତ ଗୁରୁବାର ଦ୍ୱିପହର ସମୟରେ ଖୋଲା ଥିବା ମୁଖ୍ୟ ଦ୍ୱାର ଦେଇ ଜଣେ ମହିଳା ଘର ଭିତରେ ପଶିଥିଲେ। ଗୋଟିଏ ରୁମରେ ତାଙ୍କ ପତ୍ନୀ ଅନ୍ୟ ରୁମରେ ଥିବାବେଳେ ମହିଳା ଜଣକ ଅନ୍ୟ ରୁମକୁ ଯାଇଥିଲେ। ସେହି ଘରେ ଥିବା ସୁନା ରୂପା ଗହଣା ଓ ୭୫ ହଜାର ଟଙ୍କା ଚୋରି କରି ନେଇଥିଲେ। ଏସବୁ କଳା କାରନାମା ଘରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜରେ କଏଦ ହୋଇଛି। ଏନେଇ ସ୍ୱାଗତ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାରିକୁ ଠାବ କରିପାରିନାହିଁ।

## ପୁରୁଣା କାର୍ ବିକ୍ରି ଆଳରେ ଠକେଇ



ଭୁବନେଶ୍ୱର, ୧୪।୬ (ସମିସ): ପୁରୁଣା କାର ବିକ୍ରି ନାଁରେ ୮୬ ହଜାର ଟଙ୍କା ଠକି ନେଇଥିବା ଠକକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଶରଣା ଗାଁର ଚନ୍ଦନ କୁମାର ବେଉରା (୩୮)। ପୁଲିସ ସୂଚନା ଅନୁସାରେ, ସଦାଶିବ ମହାପାତ୍ର ୨୦୨୩ ମାର୍ଚ୍ଚ ମାସରେ ଏକ ସେକେଣ୍ଡ-ହ୍ୟାଣ୍ଡ କାର କିଣିବା ପାଇଁ ଚନ୍ଦନ ସହିତ ଯୋଗାଯୋଗ କରିଥିଲେ। ସଦାଶିବ ତା' କଥାରେ ବିଶ୍ୱାସ କରି ସେହିବର୍ଷ ଏପ୍ରିଲ ମାସ ଠାରୁ ୨୦୨୪ ଜାନୁୟାରୀ ମଧ୍ୟରେ ଚନ୍ଦନକୁ ମୋଟ ୮୬ ହଜାର ୨୦୦ ଟଙ୍କା ଦେଇଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ଚନ୍ଦନ ଗାଡ଼ି ଦେଇ ନ ଥିଲା କି ଟଙ୍କା ମଧ୍ୟ ଫେରାଇ ନ ଥିଲା। ପ୍ରାୟ ଏକ ବର୍ଷରୁ ଅଧିକ ସମୟ ଧରି ଫେରାର ହୋଇଯାଇଥିଲା। ସଦାଶିବଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି କଳ୍ପନା ଫ୍ଲାଟ୍ ଅଞ୍ଚଳରେ ଚଢ଼ଉ କରି ଚନ୍ଦନକୁ ଗିରଫ କରିଥିଲା। ପୂର୍ବରୁ ତା' ନାମରେ ଲକ୍ଷ୍ମୀସାଗର ଓ ମହିଳା ଥାନା ରେ ୨ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ସାନିଟାରୀ ଦୋକାନରୁ ଚୋରି

ଭୁବନେଶ୍ୱର, ୧୪।୬(ସମିସ): ସହିଦନଗର ଥାନା ପୋଷ୍ଟାଲ କଲୋନୀ ତାରିଣୀ ମନ୍ଦିର ନିକଟରେ ଥିବା ଏକ ସାନିଟାରୀ ଦୋକାନରୁ ଚୋରି ହୋଇଛି। ଦୋକାନୀ ମାଲିକ ସୁବ୍ରମନ୍ୟୁ ଦଳେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ୨ଲକ୍ଷରୁ ଅଧିକ ଟଙ୍କାର ସାନିଟାରୀ ସାମଗ୍ରୀ ଚୋରି ହୋଇଛି। ସୁବ୍ରମନ୍ୟୁ କୌଣସି କାମରେ ଗାଁକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଦୋକାନରୁ ଚୋରି କରିଥିଲେ। ସେ ଗାଁରୁ ଫେରିବା ପରେ ଦୋକାନରୁ ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଛନ୍ତି।

## ଦାଦାବଟି ପାଇଁ କାଚବୋତଲରେ ଆକ୍ରମଣ

**ଦୁଇ ଗୁରୁତର, ଜଣେ ଗିରଫ**

ଧଉଳି, ୧୪।୬(ସମିସ): ଦାଦାବଟିକୁ କେନ୍ଦ୍ରକରି ଧଉଳି ଥାନା ଅଞ୍ଚଳରେ କାଚ ବୋତଲରେ ଆକ୍ରମଣରେ ୨ଜଣ ଗୁରୁତର ଆହତ ହୋଇଥିବା ବେଳେ ଏହି ଘଟଣାରେ ଧଉଳି ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା ଶିଶୁପାଳଗଡ଼ ଅଞ୍ଚଳର ଉତ୍ତମ ଓରଫ ଚନ୍ଦନ ମହାପାତ୍ର(୨୭)। ସେହିପରି ଆହତ ହେଲେ ଅଭିଯୋଗକାରୀ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ତାଙ୍କ କର୍ମଚାରୀ ଶିବପ୍ରସାଦ ସେଠି। ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପୁଲିସର କହିବାନୁଯାୟୀ ସ୍ୱପ୍ନେଶ୍ୱରଙ୍କ ଉକ୍ତ ଥାନା ଅଧୀନ ଲିଙ୍ଗିପୁର ଛକରେ ଏକ ପୁରୁଣା ବାଇକ ସୋରୁମ ଅଛି। ଶୁକ୍ରବାର ରାତିରେ ସେ ସୋରୁମ ବନ୍ଦ କରି ସ୍ୱପ୍ନେଶ୍ୱର କାର ଯୋଗେଁ ନିଜ ଗ୍ରାମ ବାଲିପାଟଣା ଥାନା ବିଶ୍ୱନାଥପୁରକୁ ବାହାରିବା ସମୟରେ ଶିଶୁପାଳଗଡ଼ ଅଞ୍ଚଳର ହାପି ଭୋଇ ଓ ଉତ୍ତମ ମହାପାତ୍ର ଆସି କାରକୁ ଅଟକାଇ ଗାଳିଗୁଲଜ କରିଥିଲେ। ଏଥିସହ ସେମାନେ ସ୍ୱପ୍ନେଶ୍ୱରଙ୍କୁ କାର୍ ଭିତରୁ ବାହାର କରି କାଚ ବୋତଲରେ ମୁଣ୍ଡକୁ ସେମାନେ ଆକ୍ରମଣ କରିଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ସୋରୁମ କର୍ମଚାରୀ ଶିବ ପ୍ରସାଦ ଆସି ସେମାନଙ୍କୁ ଅଟକାଇଥିଲେ। ଏହାପରେ ହାପି ଓ ଉତ୍ତମ ତାଙ୍କୁ ମଧ୍ୟ ବୋତଲରେ ମାଡ଼ ମାରିଥିଲେ। ପରେ ୬ ଜଣ ଆସି ସ୍ୱପ୍ନେଶ୍ୱରଙ୍କ କାରକୁ ଭଙ୍ଗାରୁଜା କରିଥିଲେ। ସ୍ୱପ୍ନେଶ୍ୱର ଓ ଶିବପ୍ରସାଦ ଗୁରୁତର ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ସେଠାରେ ପଡ଼ିଥିବା ବେଳେ ରାତି ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ ଉଭୟଙ୍କୁ ଉଦ୍ଧାର କରି ବାଳକାଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ସ୍ୱପ୍ନେଶ୍ୱର ଧଉଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ତଦନ୍ତ ଚଳାଇଥିବା ବେଳେ ଅପରାହ୍ଣରେ ଉତ୍ତମ ମହାପାତ୍ରଙ୍କ ଘରେ ଚଢ଼ାଉ କରି ଗିରଫ କରିଛି।

## ବାଇକ୍ ଚୋରି ଗ୍ୟାଙ୍ଗ୍‌ର ୫ ଗିରଫ




- ପାଠରେ ଡିପ୍ଲୋମା; ଚୋରିରେ ପିଜି
- ରାଜଧାନୀରୁ ପିପିଲି ଯାଏଁ ଲମ୍ବିଛି ଚେର
- ୬ ବୁଲେଟ ସମେତ ୧୧ ଗାଡ଼ି ଜବତ

ଭୁବନେଶ୍ୱର, ୧୪।୬ (ସମିସ)

ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଗୋଟିଏ ବାଇକ୍ ଚୋରି ମାମଲାର ତଦନ୍ତ କରୁଥିବା ପୁଲିସ ବୁଲେଟ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ଗାଡ଼ି ଚୋରିକରି ରାଜଧାନୀରେ ଆତଙ୍କ ରଚିଥିବା ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଏମ୍‌ସ ନଗରର ମନୀଷ ପଟ୍ଟନାୟକ (୨୧), ରାଜ ସୁନାଖଳାର ବାବୁରାଓ ଆଚାର୍ଯ୍ୟ (୨୪), ପାତ୍ରପଡ଼ା କ୍ରିଷ୍ଣା ବିହାରର ସନ୍ତୋଷ କୁମାର ବେହେରା (୨୨), କଲ୍ୟାଣୀ ନଗରର ସଚିନ ଗୌଡ଼ (୨୩) ଓ ବାଲିଆପଡ଼ାର ବିଜନ କୁମାର ସ୍ୱାଇଁ (୩୧)।

ପୁଲିସ ସୂଚନା ଅନୁସାରେ, ଗଣ୍ଡମୁଣ୍ଡା ତାରିଣୀ ବସ୍ତିରେ ରହୁଥିବା ସନ୍ତୋଷ କୁମାର ସାହୁ ଗତ ଗୁରୁବାର କଳିଙ୍ଗନଗର ହାଟ ନିକଟରେ ଗାଡ଼ି ପାର୍କି କରି କିଣାକିଣି କରୁଥିଲେ। ସେହି ସମୟରେ ମନୀଷ ଓ ବାବୁରାଓ ତାଙ୍କ ଗାଡ଼ିକୁ ଚୋରିକରି ନେଇଥିଲେ। ଶୁକ୍ରବାର ସେ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ କରିଥିଲା ପୁଲିସ।

ପ୍ରଥମେ ମନୀଷ ଓ ପରେ ବାବୁରାଓକୁ ଉଠାଇ ଆଣିବା ସହିତ ସନ୍ତୋଷଙ୍କ ବାଇକ୍ ଜବତ କରିଥିଲା। ତଦନ୍ତ ବେଳେ ସାଙ୍ଘାତିକ କଥା ପଦାକୁ ଆସିଥିଲା। କମ୍ପ୍ୟୁଟର ସାଇନ୍ସରେ ଡିପ୍ଲୋମା କରିଥିବା ମନୀଷ ଚୋରିରେ ଏକପ୍ରକାର ପିଜି କରିଥିଲା ବୋଲି କୁହାଯାଇପାରେ। ଆଖି ପିଛୁଳାକେ ହାଣ୍ଡଲ୍ ଲକ୍ ଭାଙ୍ଗି ବୁଲେଟ ଚୋରି କରି ନେଉଥିଲା। ବୁଲେଟ ଭଳି ଦାମୀ ବାଇକ୍‌କୁ ମାତ୍ର ୧୦ ହଜାର ଟଙ୍କାରେ ବିକ୍ରି କରୁଥିଲା। ପୁଲିସ ସେମାନଙ୍କୁ ଧରି ବିଭିନ୍ନ ଇନଫୋଭ୍ୟାଲି ଓ ଚନ୍ଦକା ଥାନା ଅଞ୍ଚଳରେ ଚଢ଼ଉ କରିଥିଲା। ମନୀଷ ହେପାଜତରୁ ୪ଟି ଓ ବାବୁରାଓଙ୍କ ହେପାଜତରୁ ୪ଟି ଚୋରି ଗାଡ଼ି ଜବତ କରିଥିଲା। ତେବେ କେବଳ ଭୁବନେଶ୍ୱର ନୁହେଁ, ବରଂ ପିପିଲି ଥାନା ଅଞ୍ଚଳରୁ ମଧ୍ୟ ଗାଡ଼ି ଚୋରି କରିଥିବା ପୁଲିସ ଜାଣିବାକୁ ପାଇଥିଲା।

ତଦନ୍ତ ବେଳେ ୩ ଜଣ ରିସିଭରଙ୍କ ନାଁ ମଧ୍ୟ ସାମ୍ନାକୁ ଆସିଥିଲା। ରିସିଭର ସନ୍ତୋଷ, ସଚିନ ଓ ବିଜନକୁ ତିନୋଟି ଚୋରି ବୁଲେଟ ଜବତ କରିଥିଲା। ୫ ଅଭିଯୁକ୍ତଙ୍କ ଠାରୁ ୬ଟି ବୁଲେଟ ସମେତ ୧୧ଟି ବାଇକ୍ ଜବତ କରିଥିଲା। ମନୀଷ ଓ ବାବୁରାଓ ପୂର୍ବରୁ ଶ୍ରୀ ଲିଙ୍ଗରାଜ, ମୈତ୍ରୀ ବିହାର ଓ ପିପିଲି ଥାନାର ୩ଟି ଚୋରି ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ସେହିପରି ବିଜନ ନାମରେ ମଧ୍ୟ ପୂର୍ବରୁ ତମାଣ୍ଡୋ ଥାନାରେ ୫ଟି ମାମଲା ରହିଛି।

## ବନ୍ଧୁକ ମୁନରେ ଡକାୟତି ଉଦ୍ୟମ

**● ୬ ଗିରଫ; ବନ୍ଧୁକ, ଗୁଳି ଓ ଖଣ୍ଡା ଜବତ**



ଭୁବନେଶ୍ୱର/ନନ୍ଦନକାନନ, ୧୪।୬ (ସମିସ): ବନ୍ଧୁକ ମୁନରେ ଡକାୟତି ଯୋଜନାକୁ ପଣ୍ଡ କରିଛି ନନ୍ଦନକାନନ ଥାନା ପୁଲିସ। କଲ୍ୟାଣପୁର ଗାଁ ବାହାର ପଟରେ ଥିବା ପରିତ୍ୟକ୍ତ ସ୍ଥାନରୁ ୬ ଜଣଙ୍କୁ ଗିରଫ। ଗିରଫ ଅଭିଯୁକ୍ତମାନେ ହେଲେ କଲ୍ୟାଣପୁରର ସୁଶୀଲ କୁମାର ସାହୁ ଓରଫ୍ ଗଣେଶ (୩୪), ସନ୍ତୋଷ ବେହେରା ଓରଫ୍ ସନ୍ତୁ (୩୨), ଜିତେନ୍ଦ୍ର ସ୍ୱାଇଁ ଓରଫ୍ ଜିତୁ (୩୫), ମନୋଜ ସ୍ୱାଇଁ ଓରଫ୍ ମୁନା (୨୮), ପ୍ରତାପ ସ୍ୱାଇଁ (୪୫) ଓ ଫତେଗଡ଼ ଥାନା ବାଣପୁରର ଗଣେଶ ଜେନା (୨୩)।

ପୁଲିସ ସୂଚନା ଅନୁସାରେ, ଶୁକ୍ରବାର ମଧ୍ୟରାତ୍ରିରେ ନନ୍ଦନକାନନ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ କଲ୍ୟାଣପୁର ଅଞ୍ଚଳରେ ଡକାୟତି ଯୋଜନା ଚାଲିଥିବା ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ କଲ୍ୟାଣପୁର ଗାଁ ବାହାର ପଟରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ସେଠାରେ ଡକାୟତି ଯୋଜନା କରୁଥିବା ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ୬ ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି, ଖଣ୍ଡା, କଟୁରି, ଲୁହା ଛଡ଼, ଗୋଟା ସ୍କୋର୍ପିଓ, ଦୁଇଟି ବାଇକ୍ ଓ ୬ଟି ମୋବାଇଲ ଫୋନ ଜବତ କରିଥିଲା।

ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା। ସେମାନେ କଲ୍ୟାଣପୁର ଗାଁର ଏକ ଘରୁ ଡକାୟତି କରିବାକୁ ଯୋଜନା କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ପୁଲିସ ନିଜଆଡ଼ୁ ମାମଲା ରୁଜୁ କରି ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଦେଶୀ ବନ୍ଧୁକ ସେମାନେ କେଉଁଠାରୁ ଆଣିଲେ ସେନେଇ ପୁଲିସ ଖୋଳତାଡ଼ ଜାରି ରଖିଛି। ନନ୍ଦନକାନନ ଥାନାରେ ପୂର୍ବରୁ ସୁଶୀଲ ନାଁରେ ୪ଟି ଓ ପ୍ରତାପ ନାଁରେ ୫ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ୧୦ ବର୍ଷରେ ୩ ଶହ ବନ୍ଧୁକ ଜବତ

**ସଞ୍ଜ ନଇଁଲେ ସକ୍ରିୟ ବନ୍ଧୁକ ମାଫିଆ**

ଭୁବନେଶ୍ୱର, ୧୪।୬(ସମିସ)

ରାଜଧାନୀରେ ରାଜ କରୁଛନ୍ତି ବନ୍ଧୁକ ମାଫିଆ। ସଞ୍ଜ ନଇଲେ ସେମାନେ ଆରମ୍ଭ କରି ଦେଉଛନ୍ତି ବେପାର। ଦଲାଲ ମାଧ୍ୟମରେ ସିକ୍ରେଟ ଘରେ ହେଉଛି ବନ୍ଧୁକ ମୂଲଚାଲ। ବିଶେଷକରି ଖଣି ମାଫିଆ, ଜମି ମାଫିଆ, ବିଲ୍ଡର, ଗୋରୁ ବେପାରୀ ଏବଂ କୁଖ୍ୟାତ ଅପରାଧିଙ୍କୁ ବିକ୍ରି କରାଯାଉଛି। ସେମାନଙ୍କୁ ଏକ ଗୋଷ୍ଠୀର ପରିଚୟ ଦେବା ପରେ ବନ୍ଧୁକ ମୂଲଚାଲ୍ ହେଉଛି। ତାହା ପୁଣି ରାଜଧାନୀ ଉପକଣ୍ଠରେ। ଡିଲ ପରେ ସେମାନେ ବନ୍ଧୁକ ନେଉଛନ୍ତି। ଗୋଟିଏ ବନ୍ଧୁକ ପିଛା ୨୫ରୁ ୩୦ ହଜାର ଟଙ୍କା ନେଉଛନ୍ତି। ବନ୍ଧୁକ ନେବା ପରେ ସେମାନଙ୍କୁ କେଉଁଠୁ ଆଣିଲ ତାହା କହିବାକୁ ମନା କରୁଛନ୍ତି। ଯଦି ଚିହ୍ନାଜଣାରେ କେହି ଖାସ ଲୋକ ଅଛନ୍ତି ବନ୍ଧୁକ ନେବାକୁ କହୁଛନ୍ତି। ଯଦି ପୁଲିସ କୌଣସି ବନ୍ଧୁକ ମାଫିଆଙ୍କୁ ଗିରଫ କଲେ ମଧ୍ୟ ସେମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି। ସେମାନେ ଜେଲରୁ ବାହାରି ପୁଣି ଏଭଳି ଚୋରା ବନ୍ଧୁକ କାରବାର କରୁଛନ୍ତି। ବିଶେଷକରି ବିହାର ମୁଙ୍ଗେରରୁ ରାଜଧାନୀକୁ ଆସୁଛି ବନ୍ଧୁକ। ମିଳିଥିବା ତଥ୍ୟ ଅନୁସାରେ, ଗତ ୧୦ ବର୍ଷରେ ରାଜଧାନୀରେ ୩ଶହରୁ ଅଧିକ ବନ୍ଧୁକ ଜବତ କଲାଣି ପୁଲିସ। ଏହି ୧୦ ବର୍ଷରେ ୮୯ ଗୁଳିମାଡ଼ ଘଟଣା ହୋଇଛି। ଏଥିରେ ୧୦ଜଣ ମୃତ୍ୟୁବରଣ କରିଥିବା ବେଳେ ଅଧିକାଂଶ ଆହତ ହୋଇଛନ୍ତି। ଆହୁରି ମଧ୍ୟ ଏହି ବନ୍ଧୁକ ମାଫିଆଙ୍କୁ ସାବାଡ଼ କରିବା ପାଇଁ ପୁଲିସ ଏହି ୧୦ ବର୍ଷରେ ୫୦ରୁ ଅଧିକ ଏନ୍‌କାଉଣ୍ଟର କରିଛି। ଏହି ଏନ୍‌କାଉଣ୍ଟରରେ କେହି ଜୀବନ ହାନୀ ହୋଇନଥିବା ବେଳେ ଗୋଡ଼ ଛୋଟା ହୋଇଥିବା ଦେଖିବାକୁ ମିଳିଛି। ବଡ଼ କଥା ହେଲା ଅଧିକ ଏନ୍‌କାଉଣ୍ଟର ବାଲିଅନ୍ତା, ବାଲିପାଟଣା, ଧଉଳି, ଭରତପୁର ଏବଂ ଚନ୍ଦକା ଥାନା ଅଞ୍ଚଳରେ ହୋଇଛି।



**ଭୁବନେଶ୍ୱରରେ ମାଲମାଲ ୟୁପି, ବିହାର ବନ୍ଧୁକ**

### ବନ୍ଧୁକ ବେପାରରେ ଚେନ୍ କାରବାର

ରାଜଧାନୀକୁ ଆସୁଥିବା ବନ୍ଧୁକ ବେପାର ପଛରେ ବିହାରୀ ମାଫିଆଙ୍କ ହାତ। ସେମାନେ ବିହାର ମୁଙ୍ଗେର ଏବଂ ୟୁପିରୁ ବନ୍ଧୁକ ଆଣୁଛନ୍ତି। ସେମାନେ ରାଜଧାନୀ ଉପକଣ୍ଠରେ ଘର ଭଡ଼ା ନେଇ ବେପାର କରୁଛନ୍ତି। ବିଶେଷ ସେମାନେ ଚେନ୍ ସିଷ୍ଟମ ମାଧ୍ୟମରେ କାରବାର କରୁଛନ୍ତି। ଜଣେ ଅପରାଧୀଙ୍କୁ ବନ୍ଧୁକ ବିକ୍ରି କରିବା ପରେ ତାଙ୍କୁ ଆଉ ୩ ଜଣ ଗ୍ରାହକ ବୁଝିବାକୁ କହୁଛନ୍ତି। ଉକ୍ତ ବ୍ୟକ୍ତି ବନ୍ଧୁକ ନେବା ପରେ ସେ ତାର ଅପରାଧି ସାଥିଙ୍କୁ ବନ୍ଧୁକ ନେବାକୁ କହୁଛନ୍ତି। ଏହିଭଳି ଭାବେ ବନ୍ଧୁକ କାରବାର ଚାଲୁଛି। ରାଜଧାନୀକୁ ବନ୍ଧୁକ ଆସିବା ପରେ ତାହା ଗଞ୍ଜାମ, କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁରକୁ ଯାଉଛି।

### ଉପକଣ୍ଠରେ କାରବାର

ସହରର ଉପକଣ୍ଠରେ ବନ୍ଧୁକ ମାଫିଆମାନେ କାରବାର କରୁଛନ୍ତି। ସହର ଭିତରେ ପୁଲିସ ଚଢଉର ଭୟ ଥିବାରୁ ସେମାନେ ଉପକଣ୍ଠକୁ ବାଛୁଛନ୍ତି। ମାଫିଆ ବିହାରକୁ ଯାଇ ବନ୍ଧୁକ ଆଣିବାରେ ଅଧିକ ଖର୍ଚ୍ଚ ଏବଂ ପୁଲିସ ଧରିବାର ଭୟ ରହିଛି। ତେଣୁ ମାଫିଆମାନେ ଉପକଣ୍ଠରେ ଘର ଭଡ଼ା ନେଇ କମାରଶାଳ କରିବା ଆଳରେ ବନ୍ଧୁକ ତିଆରି କରୁଛନ୍ତି। ବିହାର, ୟୁପିରୁ କାରିଗର ଆଣି ବନ୍ଧୁକ ପ୍ରସ୍ତୁତ କରୁଥିବା କଟକରୁ ଜବତ ବନ୍ଧୁକ କାରଖାନାରୁ ସ୍ପଷ୍ଟ ହୋଇଛି।

### ଦୁର୍ଦ୍ଦାନ୍ତଙ୍କ ନିକଟରେ ବନ୍ଧୁକ

କମିଶନରେଟ୍ ପୁଲିସ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ତାଲିକା ରହିଛି। ଏହି ଅପରାଧୀଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। କାରଣ ସେମାନେ ଜେଲରୁ ଆସି ଖୁଲମଖୁଲା ବୁଲୁଛନ୍ତି। ଏପରିକି ପୁଲିସ ଆଗରେ ଭଲ ଦେଖାଇ ହେଉଥିଲେ ମଧ୍ୟ ଫୋନ୍ ମାଧ୍ୟମରେ ନେଟ୍‌ୱାର୍କ ଚଳାଉଛନ୍ତି। ତେଣୁ ଏହି ଦୁର୍ଦ୍ଦାନ୍ତଙ୍କ ନିକଟରେ ବନ୍ଧୁକ ରହିଛି। ତେଣୁ ସେମାନଙ୍କୁ ପୁଲିସ ନଜର ରଖି କିମ୍ବା ଖବରୀ ମାଧ୍ୟମରେ ସୂଚନା ନେଲେ ବନ୍ଧୁକ ଜବତ କରିପାରିବ ବୋଲି କୁହାଯାଉଛି।

### କଥାକଥାକେ ଫୁଟୁଛି ଗୁଳି

ରାଜଧାନୀରେ ଏକାଧିକ ଅପରାଧୀଙ୍କ ନିକଟରେ ବନ୍ଧୁକ ରହିଛି। ତେଣୁ ସେମାନେ ଭାଇଗରି ପାଇଁ ଏହି ଚୋରା ବନ୍ଧୁକ ନେଉଛନ୍ତି। ଯଦି କୌଣସି ଗୋଷ୍ଠୀ ସହ ଗଣ୍ଡଗୋଳ ହେଉଛି, ତେବେ ଏହି ଅପରାଧୀମାନେ ଗୁଳିମାଡ଼ କରୁଛନ୍ତି। ନିକଟରେ ରାଜଧାନୀରେ ଏକାଧିକ ଘଟଣାରୁ ସ୍ପଷ୍ଟ ହୋଇଛି। କିଛି ଦିନ ଚନ୍ଦକା ଥାନା ପାଣିଓଲା ଗ୍ରାମରେ ଦୁଇଥର ବନ୍ଧୁକ ଫୁଟିଛି। ଗତ ୯ ତାରିଖରେ ଜମି ବ୍ୟବସାୟକୁ ନେଇ ପାଣିଓଲା ଗ୍ରାମରେ ବିଶ୍ୱଜିତ ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗତମାସ ୨୪ ତାରିଖରେ ପାଣିଓଲା ଗ୍ରାମରେ ଘଟିଥିଲା ଗୁଳିମାଡ଼। ଗତ ଏପ୍ରିଲ ୨୦ ତାରିଖରେ ବାଲିପାଟଣା ଥାନା ନିକଟରେ ଗୁଳିମାଡ଼ ହୋଇଥିଲା। ସେହିପରି ମେ ୧୦ ତାରିଖରେ କସ୍‌ମସ୍ ବାର ବାଉନସରଙ୍କୁ ଗୁଳିମାଡ଼ କରାଯାଇଥିଲା। ସେହିପରି ଜାନୁୟାରୀରେ ସାମାନ୍ୟ କଥାରୁ ଖଣ୍ଡଗିରି ବାରିସ୍ଥିତ ବସ୍ ପାର୍କିଂଷ୍ଟାଣ୍ଡର ପ୍ରୀତମ ଜେନାମଣିଙ୍କୁ ଗୁଳି କଲେ ଅପରାଧୀ। ୨୦୧୮ ମସିହା ଫେବୃୟାରୀ ୨୪ ତାରିଖରେ ଦୁର୍ବୃତ୍ତଙ୍କ ଗୁଳିରେ ଗୁରୁତର ଆହତ ହୋଇଥିଲେ ତମାଣ୍ଡୋ ଅଞ୍ଚଳର ଜଣେ ଲସି ବ୍ୟବସାୟୀ। ୨୦୧୮ ସେପ୍ଟେମ୍ବର ୨ ତାରିଖରେ ଗୋଷ୍ଠୀ ବିବାଦରୁ ବାଙ୍କୁଆଳରେ ଜଣେ କଲେଜ ଛାତ୍ରଙ୍କ ଉପରକୁ ଗୁଳି ଚଳାଇଲେ ଅପରାଧୀ। ସେହିମାସ ୭ ତାରିଖରେ ନୂଆଗାଁରେ ଗୋଷ୍ଠୀ ବିବାଦରୁ ଫୁଟିଥିଲା ଗୁଳି। ସେହିମାସ ୧୬ ତାରିଖରେ ଖଣ୍ଡଗିରି ଭରତପୁରରେ ପକୋଡ଼ା ଖିଆରୁ ଫାଷ୍ଟଫୁଡ୍ ସେଣ୍ଟର ମାଲିକଙ୍କୁ ଗୁଳି କରିଥିଲେ ଦୁର୍ବୃତ୍ତ।



# ଛେଉଣ୍ଡ



ଅନୀଲ କୁମାର ପଣ୍ଡା

ଆଖିରୁ ବହି ଆସୁଥିବା ଲୁହକୁ ତରବରରେ ପୋଛି ଦେଉଥାଏ ବବୁଲ । କାଳେ କିଏ ଦେଖି ଦବ ଭାବି, ବାଥରୁମ୍‌ରେ ପଶିଗଲା । ତା' କାନ୍ଦିବାର ଶବ୍ଦକୁ କିନ୍ତୁ ସେ ନିଜ ଭିତରେ ଚାପି ରଖୁଛି । ମନରେ ଭୟ କାଳେ କିଏ ଜାଣି ଦେବ ।

ହେତୁ ପାଇବା ବେଳକୁ ଯାହାକୁ ବୋଉ ବୋଲି ଡାକୁଥିଲା, ପ୍ରକୃତରେ ସେ ହେଉଛି ତା'ର ପିଉସୀ । ତାଙ୍କରି କୋଳରେ ବବୁଲ ବଡ଼ ହେଉଥିଲା । ବବୁଲକୁ ଦେଖିବାକୁ ଜଣେ କଳା ଓ ଡେଙ୍ଗା ମଣିଷ ପ୍ରତ୍ୟେକ ସପ୍ତାହରେ ଆସନ୍ତି । ସେ ହିଁ ବବୁଲର ବାପା । ବାପା ଶବ୍ଦର ଅର୍ଥ ବୁଝିବାର ସାମର୍ଥ୍ୟ ତା'ପାଖରେ ନଥିଲା । ମୁହଁରେ ହସ ନଥିବା ଗୋଟେ ମଣିଷ । ସବୁବେଳେ ଆଖି ଦୁଇଟି ଲାଲ । ସେ ଆସନ୍ତି, ପିଉସୀ ସହ କଥାବାର୍ତ୍ତା ହୁଅନ୍ତି, ଆଉ ଚାଲି ଯାଆନ୍ତି । ବାପା କେତେବେଳେ ତାକୁ ଗେଲ କରିବାର ସେ ଜାଣି ନାହିଁ । କେତେବେଳେ କୋଳେଇ ନେବାର ତା'ର ମନେ ନାହିଁ । ତଥାପି ବାପା ଶବ୍ଦର ମାଧୁର୍ଯ୍ୟ ତାକୁ ବାନ୍ଧି ପକାଉଥାଏ । ବାପାଙ୍କୁ ସବୁବେଳେ ଦେଖୁଥିବା ବବୁଲ ଟିକେ ବଡ଼ ହେବା ପରେ ମାଆକୁ ଖୋଜିଲା । ପିଉସୀଙ୍କୁ ପଚାରିଲା । ବାପାଙ୍କୁ ପଚାରିଲା । ଉତ୍ତର ପାଇନଥିଲା ।

ପିଉସୀର ବାରଣ ସତ୍ତ୍ୱେ ବବୁଲ ବାପାଙ୍କ ସହ ଯିବା ପାଇଁ ଜିଦ୍ କଲା । ବାଧ୍ୟରେ ବାପା ତାକୁ ନେଇ ଚାଲି ଆସିଲେ । ତା' ପାଇଁ ଗୋଟେ ନୂଆ ଗାଁ, ତା' ଭିତରେ ଗୋଟେ ପୁରୁଣା ଘର । ଦାଣ୍ଡ କବାଟ ଖୋଲି ଭିତରକୁ ପଶିବା ବେଳକୁ ଖାଲି ଅନ୍ଧାର । ଅଗଣାରେ ପଡୁଥିବା ସୂର୍ଯ୍ୟ କିରଣରେ ସେ ଝାପ୍‌ସା ଭାବେ ଦେଖୁଥିଲା କୋଠରିଗୁଡ଼ିକକୁ । ସବୁ ଖାଲି ଖାଲି । ବାପାଙ୍କ ଛଡ଼ା ଆଉ କେହି ନାହାନ୍ତି । ପିଉସୀ ଘରେ ସେ କେତେଲୋକଙ୍କ ସହ ମିଶିଥିଲା । ସେଠି ପିଉସା ଥିଲେ, ଭାଇ ଥିଲେ, ଭାଉଜ ଥିଲେ, ଜଣେ ଅପା ବି ଥିଲା । ସବୁଦିନ ଭାଇ ଆଉ ଅପା ତାକୁ ଗେଲ କରୁଥିଲେ ।

ଘର ଭିତରେ ବାପା ତାଙ୍କ ଜାମା ଖୋଲି ଏକ ଗାମୁଛା ପିନ୍ଧିଲେ । ଅଗଣାକୁ ଯାଇ ମୁହଁ ହାତ ଧୋଇଲେ । ଆସି ଦାଣ୍ଡ ଦୁଆରେ ବସିଲେ । ସେ ଘର ଭିତରେ ବସି ବସି ସନ୍ଧ୍ୟା ହେବାକୁ ବସିଲା । ନାଁ ବାପା ବବୁଲକୁ କିଛି କହୁଥିଲେ । ନାଁ ବବୁଲ ବାପାଙ୍କୁ କିଛି କହୁଥିଲା । ରାତି ଘଡ଼ିଏ ବେଳକୁ ଦାଣ୍ଡରୁ ଉଠି ଆସି ବାପା ଗୋଟେ ବେଲାରେ କିଛି ଚୂଡ଼ା ଓ ଚିନି ବଢ଼େଇ ଦେଇ କହିଲେ, ନେ ଖାଇକି ଶୋଇପଡ଼େ । ବବୁଲ ବାପାଙ୍କ କଥାମାନି ଖାଇ ଶୋଇପଡ଼ିଲା । ଗୋଟେ ପଟା ଖଟ ଉପରେ ଶୋଇଥାଏ ବବୁଲ । ବାପା ତା'ର ଚଟାଣରେ ଆସି ଗଡ଼ି ପଡ଼ିଲେ ।

ଧୀରେ ଧୀରେ ଦିନ ବିତିଲା । କେତେବେଳେ ଚୂଡ଼ା ତ ପୁଣି କେତେବେଳେ ଭାତ ସହିତ କିଛି ପରିବା ସିଝା । ପିଉସୀ ଘରୁ ଚାଲି ଆସିବା ପରେ ଅଳ୍ପ କିଛି ପାଠ ପଢ଼ିଥିବା ବବୁଲର ପାଠ ପଢ଼ାରେ ଡୋରି ବନ୍ଧା ହେଲା ।

ବାପା ତାକୁ ପୁଣିଥରେ ପିଉସୀ ଘରେ ଛାଡ଼ିବା ପାଇଁ ବାଧ କଲେ । ସେ ଆଉ ଫେରିବାକୁ ପ୍ରସ୍ତୁତ ନଥିଲା । ବାପାଙ୍କ ଭଳି ସେ ମଧ୍ୟ ହସ ଖୁସି ଅବସ୍ଥାରୁ ନୀରବ ହୋଇଗଲା । ବେଳେ ବେଳେ ବାପା ତାକୁ ବାଧ କରନ୍ତି, ବାହାରକୁ ଯାଇ ପିଲାଙ୍କ ସହ ଖେଳିବା ପାଇଁ । ସେ ଯାଇ ପାରେନି । ତାକୁ ଭାରି ଅଖାଡୁଆ ଲାଗେ । ଗାଁ ପିଲା ତାକୁ କଟାସ ଭଳି ଲାଗନ୍ତି ।

ବବୁଲ ବଡ଼ ହେଉଥିଲା । ବାପା ସବୁଦିନ ସକାଳୁ ବାହାରି ଯାଆନ୍ତି, ସଂଜ କି ବେଳ ବୁଡ଼ିଲେ ଫେରନ୍ତି । ବବୁଲ ସେମିତି ଘରେ ବସିଥାଏ । ଘରକୁ ବେଳେ ବେଳେ କୁଣିଆ ଆସନ୍ତି । ବବୁଲ ସେମାନଙ୍କୁ ଚିହ୍ନି ନଥାଏ । ସେମାନେ ଆସି ବାପାଙ୍କ ସହ କିଛି କଥାବାର୍ତ୍ତା ହୁଅନ୍ତି, ପୁଣି ଚାଲି ଯାଆନ୍ତି । ବାପା ବେଳେ ବେଳେ ତାକୁ ପିଉସୀ ଘରକୁ ନେଇ ବୁଲି ଯାଆନ୍ତି । ମାତ୍ର ବାପାଙ୍କ ପାଖରେ ଅନ୍ୟ ପିଲାମାନଙ୍କ ଭଳି ବବୁଲ କିଛି ଅଳି କରି ପାରେନି । କାରଣ ବାପା ସବୁବେଳେ ନୀରବ ।

ଏବେ ବେଶ୍ ବଡ଼ ହୋଇ ସାରିଥାଏ । ଭଲ ମନ୍ଦ ବୁଝିବାର ବୟସ । ବାପା ଓ ଘରର ଦାୟିତ୍ୱ ନେଇଥିଲା । ସକାଳୁ ଉଠିବା ପରେ ଘର ସଫା ସୁତରା କରିବା, ଠାକୁର ପୂଜା କରିବା, ସକାଳୁ ଜଳଖିଆ ପ୍ରସ୍ତୁତ କରି ବାପାଙ୍କୁ ଦେବା, ନିଜେ ଖାଇବା ।

ଧୀରେ ଧୀରେ ନିଜକୁ ପରିବର୍ତ୍ତନ କଲା ବବୁଲ । ଗାଁ ପିଲାଙ୍କ ସହ ଖେଳକୁଦ କଲା । ବାପା ଶୋଇଥିବା ବେଳେ ତାଙ୍କ ସ୍କୁଟିକୁ ନେଇ ଦୁଇ ଚାରି ଘେରା ବୁଲି ଆସିଲା । ରାତିରେ ଦୋଳ ବୁଲିବା ସମୟରେ ଗାଁ ପିଲାଙ୍କ ସହ ନଦୀ ପଠାରେ ପଇଡ଼ ପିଇବା । ନିଜେ ଶାଳ ଭିଡ଼ି ଆଖୁ ପେଡ଼ିବା । ଏମିତି ଅନେକ କିଛି ନଟଖଟ କାମରେ ସେ ସିଦ୍ଧହସ୍ତ ହୋଇ ଯାଇଥିଲା । ବାପା ହିଁ ତା ପାଇଁ ପାଲଟି ଯାଇଥିଲେ ସର୍ବସ୍ୱ । ପୁଅର ଏଭଳି ଆଚରଣ ବାପା ପ୍ରଭଞ୍ଜନଙ୍କୁ ମଧ୍ୟ ବେଶ୍ ଭଲ ଲାଗୁଥିଲା । ପରିସ୍ଥିତି ତାଙ୍କଠାରୁ ସବୁ ଛଡ଼େଇ ନେଇଥିଲେ ବି, ସୁନାମୁଣ୍ଡା ଭଳି ପୁଅଟେ ପାଇଛନ୍ତି । ପାଠ ନପଢ଼ିଲେ ବି ବେଶ ନମ୍ର ଓ ଭଦ୍ର ଭାବେ ବଢ଼ିଥିଲା ବବୁଲ । ପିତୃପୁରୁଷରୁ ଥିବା ସମ୍ପତ୍ତିକୁ ଭୋଗ କରି ପୁଅ ଜୀବନ ସାରା ଚଳିଯିବାର ଆଶା ରଖିଥିଲେ ପ୍ରଭଞ୍ଜନ ।

କରୋନା ମହାମାରୀ କାରଣରୁ ତାଙ୍କ ଅଫିସ୍ ବନ୍ଦ ଥିଲା । ପ୍ରାୟ ଅଧିକାଂଶ ଦିନ ତାଙ୍କର ଘର ଭିତରେ ବିତିଲା । ହଠାତ୍ ତାଙ୍କର ଦେହ ଅସୁସ୍ଥ ହେବାକୁ ଲାଗିଲା । ପରିସ୍ରା ହଳଦିଆ ହେଲା, ଲାଲ ଆଖି ଗୁଡ଼ିକ ଶେତା ଦେଖାଗଲା । ବବୁଲର ବାରମ୍ବାର ତାଗିଦା ପରେ ପ୍ରଭଞ୍ଜନ ଡାକ୍ତରଖାନାକୁ ଗଲେ । ପରୀକ୍ଷାରୁ ଜଣାପଡ଼ିଲା । ତାଙ୍କୁ ଜଣ୍ଡିସ୍ ହୋଇଛି । ଘରେ ରହି ଚିକିତ୍ସା କଲେ । ହେଲେ ଜଣ୍ଡିସ୍ କମିବା ପରିବର୍ତ୍ତେ ଜ୍ୱର ଧରିଲା । ଦୁଇ ମାସ ବିତିଲା । ରୋଗ କମିବ କ'ଣ ବଢ଼ିଲା । ଏବେ ଡାକ୍ତରଖାନା ବେଡ୍‌ରେ ।

ତାଙ୍କର ଅବସ୍ଥା ଦେଖି ବବୁଲ ବାଥରୁମ୍ ଭିତରେ ଲୁଚି ଲୁଚି କାନ୍ଦୁଥିଲା । ବେଶି ସମୟ କାନ୍ଦିବା ପରେ ବବୁଲ ମୁହଁ ଧୋଇ ବାହାରକୁ ଆସିଲା । ବେଡ୍ ଉପରେ ବାପା, ପାଖରେ ଆସି ବସିଛନ୍ତି ପିଉସୀ । ପିଉସୀ ତାଙ୍କ ଭାଇର ଅବସ୍ଥା ଦେଖି ବାହୁନି କାନ୍ଦୁଥିଲେ ।

ପିଉସୀଙ୍କୁ ଦେଖି ବବୁଲ ଆଖିରେ ବି ଲୁହ ଆସି ଯାଇଥିଲା । ତଥାପି ସେ ନିଜକୁ ରୋକି ପିଉସୀକୁ ବୋଧ ଦେଲା । ବାପାଙ୍କ ପାଇଁ କ୍ଷୀର ଓ ପାଉରୁଟି ଆଣିବାକୁ ବାହାରକୁ ଚାଲିଗଲା । ଫେରିବା ବେଳକୁ ପିଉସୀ ପାଖ ବେଡ୍‌ରେ ଥିବା ଅନ୍ୟ ଜଣେ ରୋଗୀଙ୍କ ସହ କଥା ହେଉଥିଲେ । ବବୁଲ କବାଟ ପାଖରେ ଅଟକି କାନ ଡେରିଲା ।

"ମୋ ଭାଇ ଚାକିରି କରିବା ପରେ ନୂଆ ନୂଆ ବାହାଘର ହୋଇଥାଏ । ବାହାଘର ପରେ ତାଙ୍କ ସଂସାର ବେଶ୍ ଖୁସିରେ ଚାଲିଥିଲା । କିଛିଦିନ ପରେ ତାଙ୍କର ଗୋଟିଏ ପୁଅ ଜନ୍ମ ହୋଇଥିଲା । ଏନ୍ତୁଡ଼ି ନଉଠୁଣୁ, କଅଁଳା ପିଲାକୁ କାଳ ନେଇଗଲା । ଏନ୍ତୁଡ଼ିରେ ମା' ପିଲା ଶୋଇଥିବା ସମୟରେ ସାପ କାମୁଡ଼ି ଦେଲା । ଏଇଠୁ ପ୍ରଭଞ୍ଜନ ଜୀବନର ମୋଡ଼ ବଦଳିଲା । ପୁଅକୁ ଝୁରି ତା' ସ୍ତ୍ରୀ ରୋଗିଣା ହୋଇଗଲା । ମୁଣ୍ଡ କାମ କଲାନି । ଡାକ୍ତର କହିଲେ, ସେ ପାଗଳୀ ହୋଇଯାଇଛି । ଘରେ ଅନ୍ୟ କେହି ଦେଖାରେଖା କରିବାର ସୁବିଧା ନଥିବାରୁ ସ୍ତ୍ରୀକୁ ନେଇ ବାପା ଘରେ ଛାଡ଼ି ଆସିଲା । ମାସ କେତେଟା ବିତିନି ଶୁଣିବାକୁ ପାଇଲୁ, ତା ପାଗଳୀ ସ୍ତ୍ରୀ ଆଉ ନାହିଁ । ଅନେକ ଦିନ ସ୍ତ୍ରୀ ଓ ପୁଅକୁ ଝୁରି ଦୁଃଖରେ ରହିଲା । ବନ୍ଧୁବାନ୍ଧବଙ୍କ କଥାରେ ପୁଣିଥରେ ବାହା ହେବାକୁ ରାଜି ହେଲା । ପ୍ରଭଞ୍ଜନ ଦ୍ୱିତୀୟ ବିବାହ କଲା । ପୁଣିଥରେ ସଂସାର ଚାଲିଲା । ତା' ସ୍ତ୍ରୀ ଗର୍ଭବତୀ ହେଲା । ବବୁଲ ଜନ୍ମ ନେଲା । ସେ ପିଲାଟିକୁ ଡାକ୍ତରଖାନା ବେଡ୍‌ରେ ଛାଡ଼ି କେଉଁ ଆଡ଼େ ଚାଲିଗଲା । ସେଦିନଠାରୁ ବବୁଲକୁ ବଞ୍ଚାଇବା ସେ ଅନେକ କଷ୍ଟ କରିଛି ।"

ନଶୁଣିବା ଭଳି ଭିତରକୁ ଚାଲି ଆସିଲା ବବୁଲ । ପିଉସୀ ଅଟକି ଗଲେ । ବବୁଲ ଭାବିଲା, ତା' ଭୋଗିବାଠାରୁ ବାପାଙ୍କ ଭୋଗିବା କେତେ ଭୟଙ୍କର । ତା' ଆଖିରୁ ଲୁହ ଶୁଖିଗଲା । କଥା ବନ୍ଦ ହୋଇଗଲା । କିଛି ସମୟ ପୂର୍ବରୁ ଡାକ୍ତର କହି ଦେଇ ଯାଇଥିଲେ, ସେ ଆଉ ବେଶୀ ଦିନ ନୁହେଁ ।

ସେଇଆ ହିଁ ଘଟିଲା, ଚାରି ଦିନ ବିତିଲାନି । ବାପା ଆରପାରିକୁ ଚାଲିଗଲେ ।

କୋକେଇ ବନ୍ଧା ହେଲା । ଖଇ କଉଡ଼ି ପଡ଼ିଲା । ଗାଁ ମୁଣ୍ଡେ ଭାତହାଣ୍ଡି ଥୁଆହେଲା । ଶବ ଯାଇ ଶ୍ମଶାନରେ ପହଞ୍ଚିଲା । ବବୁଲ କଇଁ କଇଁ କାନ୍ଦୁଥିଲା । ପୁରୋହିତ ମାଠିଆଟି ବବୁଲ ହାତକୁ ବଢ଼ାଇ ଦେଲେ । ନଈର ଅଣତୁଠରେ ଗାଧୋଇ ପାଣି ଆଣିବାକୁ ପଠାଇଲେ ।

ଅଣତୁଠରେ ବବୁଲ ନଦୀକୁ ଗଡ଼ିବା ବେଳକୁ ନଈଗଡ଼ାରେ ପିଉସୀ କାହା ସହିତ କଥା ହେଉଥିଲେ । "ତୁ ପୋଡ଼ାମୁହିଁ, ଆଜି କୁଆଡ଼େ ଆସିଛୁ । ସେଦିନ ପିଲାକୁ ଗଡ଼େଇ ଦେଇ ଚାଲିଗଲା ବେଳେ ତୋ ଛାତି ଫାଟି ଗଲାନି ।"

କାନ୍ଦ କାନ୍ଦ ସ୍ୱରରେ ସ୍ତ୍ରୀ ଲୋକ ଜଣକ କହିଲେ, "ବିଶ୍ୱାସ କର ଅପା । ମୋ ଲିଭି ଯାଇଥିବା ସିନ୍ଦୂର ରାଣ; କେବଳ ତାଙ୍କୁ ସମ୍ମାନ ଦେବାକୁ ଯାଇ ଛାତିରେ ପଥର ରଖି ସେଠୁ ଚାଲିଗଲି । ତମ ଭାଇ ସର୍ତ୍ତ ରଖଥିଲେ, ମୋ ବଂଶ ରକ୍ଷା ପାଇଁ ମୁଁ ବାହା ହେଉଛି ।" ଛୁଆ ଜନ୍ମ ହେବା ପରେ କହିଲେ, "ତୋ କାମ ସରିଲା । ତୁ ଚାଲି ଯା ।"

କାନ୍ଧରେ ପାଣି ମାଠିଆ ଧରି, ବବୁଲ ନଈଗଡ଼ାକୁ ଚାହିଁବା ବେଳକୁ ସେ ସ୍ତ୍ରୀ ଲୋକ ଜଣକ ଫେରି ଯାଉଥିଲେ । ବବୁଲ ବାପାଙ୍କ ଶବ ନିକଟକୁ ଯେତିକି ଯେତିକି ଆସୁଥିଲା, ସ୍ତ୍ରୀ ଲୋକ ଜଣକ ସେତିକି ସେତିକି ଦୂରେଇ ଯାଉଥିଲେ ।


ମୁଖାଗ୍ନି ଦେଇ ବବୁଲ ଆକାଶକୁ ଚାହିଁ ଭାବୁଥିଲା, ମୋ ଛେଉଣ୍ଡ ପାଇଁ କିଏ ଦାୟୀ? ଜୁଇରେ ଜଳୁଥିବା ବାପା; ନା, ପଛ କରିଦେଇଥିବା ମା' । ■

କ୍ରିଦାଶପୁର, ନୟାଗଡ଼
ମୋ: ୭୩୭୭୭୧୦୦୯୭

## ପୁସ୍ତକ ପରିଚୟ

### ଏକଶହ ଭାରାକ୍ରାନ୍ତ ଜହ୍ନରାତି

ରବିପ୍ରିୟ ଦାଶ






ରବିପ୍ରିୟ ଦାଶ
ନରଣଗଡ଼,ଖୋର୍ଦ୍ଧା
ପିନ୍:୭୫୨୦୧୮
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୩୦୦ ଟଙ୍କା

'ଅଧାବାଟରେ/ ଜହ୍ନରାତିର ଗାଲିଚାକୁ/ ଅକ୍ତିଆର କରିନେଇଥିଲେ/ ଦଳେ କଳାମଚମଚ/ ବାଦଲ,/ ଦିଶୁ ନ ଥିଲା ରାସ୍ତାଘାଟ କି/ ଆକାଶରେ/ ଛାଇ ଅନ୍ଧକାରର/ ଲୁଚକାଳି ଖେଳ ।"(ଭାରାକ୍ରାନ୍ତ ଜହ୍ନରାତି-୬୮) ସତରେ ଜହ୍ନର ଆକର୍ଷଣ ନିଆରା । ମତୁଆଲା କରିଦିଏ ଜହ୍ନରାତି । କବିର କଲମ ମୁନରେ ଜହ୍ନରାତି ହୋଇଉଠେ ଆହୁରି ମନୋରମ । ଉଦାସ ମନକୁ ବି ସରସ କରିଦିଏ ଏହାର ଆଲୋକ । ଜହ୍ନରାତିକୁ ନେଇ କବି ରବିପ୍ରିୟ ଦାଶଙ୍କ ରଚିତ ୧୦୦ଟି କବିତାକୁ ନେଇ ପ୍ରକାଶ ପାଇଛି 'ଏକଶହ ଭାରାକ୍ରାନ୍ତ ଜହ୍ନରାତି' ପୁସ୍ତକ । ଏହି ପୁସ୍ତକର ପ୍ରତିଟି କବିତାରେ ଜହ୍ନରାତିର ନିବିଡ଼ ଅନୁଭବ ଓ ଅଭୁଲା ସ୍ମୃତି ପ୍ରସ୍ଫୁଟିତ ହୋଇଉଠିଛି । ଜୀବନକୁ ଭଲ ପାଉଥିବା, ମଣିଷକୁ ଭଲ ପାଉଥିବା କବିଙ୍କ କବିତାରେ ହିଁ ଜହ୍ନରାତି ଏତେ ଜୀବନ୍ତ ଓ ମାର୍ମିକ ହୋଇପାରେ । ଏଠାରେ ଜହ୍ନରାତିକୁ କବି ପ୍ରତୀକାତ୍ମକ ଭାବେ ନେଇଛନ୍ତି । ସମୟର ଅଙ୍କାବଙ୍କା ରେଖା ଭିତରେ କବି ମଣିଷ ଜୀବନର ବାସ୍ତବତା ଚିତ୍ର ପ୍ରଦାନ କରିଛନ୍ତି । ଜହ୍ନ କେତେବେଳେ ପ୍ରେମ ସାଗର ତ କେତେବେଳେ କୂଳ ଲଂଘୁଥିବା ନଈ । ପୁଣି କେବେ ମନେ ହୁଏ ପ୍ରେମ ବିନା ଭାରାକ୍ରାନ୍ତ ଥିବା ରୂପସୀର ମନ । ଜୀବନର ଗଭୀର ଉପଲବ୍ଧି, ସାମାଜିକ ବାସ୍ତବତା, ନିବିଡ଼ ଅନୁଭୂତିର ପ୍ରତୀକାତ୍ମକ ପରିପ୍ରକାଶ ହେଉଛି 'ଭାରାକ୍ରାନ୍ତ ଜହ୍ନରାତି'ର କବିତାଗୁଡ଼ିକ । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଖଣ୍ଡଗିରି-ଉଦୟଗିରି ଗୁମ୍ଫା ପରିଚୟ

ଇନ୍ଦ୍ରମଣି ଜେନା





ଇନ୍ଦ୍ରମଣି ଜେନା
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର
ପିନ୍:୭୫୧୦୩୦
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଭୁବନେଶ୍ୱରର ଖଣ୍ଡଗିରି-ଉଦୟଗିରି ଦୁଇଟି ଐତିହାସିକ ପାହାଡ଼ । ଏହି ପାହାଡ଼ ଉପରେ ରହିଛି ବହୁ ପ୍ରାଚୀନ ଗୁମ୍ଫା । ଏହି ଗୁମ୍ଫାଗୁଡ଼ିକକୁ ନେଇ ପ୍ରକାଶ ପାଇଛି ଇନ୍ଦ୍ରମଣି ଜେନାଙ୍କ 'ଖଣ୍ଡଗିରି-ଉଦୟଗିରି: ଗୁମ୍ଫା ପରିଚୟ' ପୁସ୍ତକ । ଏହି ପୁସ୍ତକରେ ଖଣ୍ଡଗିରି-ଉଦୟଗିରି ପାହାଡ଼ରେ ଥିବା ଐତିହାସିକ ଗୁମ୍ଫାଗୁଡ଼ିକ ସଂପର୍କରେ ସମ୍ୟକ ଆଲୋଚନା କରାଯାଇଛି । ଉଦୟଗିରି ପାହାଡ଼ରେ ଥିବା ଜୟାବିଜୟା ଗୁମ୍ଫା, ଅଳକାପୁରୀ ଗୁମ୍ଫା, ରାଣୀ ଗୁମ୍ଫା, ଗଣେଶ ଗୁମ୍ଫା, ଜମ୍ବେଶ୍ୱର ଗୁମ୍ଫା, ବାଘ ଗୁମ୍ଫା, ସାପ ଗୁମ୍ଫା, ହାତୀ ଗୁମ୍ଫା, ଜଗନ୍ନାଥ ଗୁମ୍ଫା, ମଞ୍ଚପୁରୀ ଗୁମ୍ଫା, ପାତାଳପୁରୀ ଗୁମ୍ଫା, ପଣସ ଗୁମ୍ଫା, ଠାକୁରାଣୀ ଗୁମ୍ଫା, ଧନଘର ଗୁମ୍ଫା ଆଦି ଗୁମ୍ଫା ଗୁଡିକର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଛି । ଗୁମ୍ଫାଗୁଡ଼ିକର ଅବସ୍ଥିତି, ନିର୍ମାଣ, ତାତ୍ପର୍ଯ୍ୟ, ଗୁମ୍ଫାରେ ଥିବା ଚିତ୍ରର ବିବରଣୀ, ପ୍ରାଚୀନତା ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି । ସେହିପରି ଖଣ୍ଡିଗିରି ପାହାଡ଼ରେ ତାତୁଆ ଗୁମ୍ଫା, ଅନନ୍ତ ଗୁମ୍ଫା, ଖଣ୍ଡଗିରି ଗୁମ୍ଫା, ଧ୍ୟାନ ଗୁମ୍ଫା, ନବମୁନି ଗୁମ୍ଫା, ତ୍ରିଶୂଳ ଗୁମ୍ଫା, ଅମ୍ବିକା ଗୁମ୍ଫା ଆଦି ବହୁ ପ୍ରାଚୀନ ଓ ଐତିହାସିକ ଗୁମ୍ଫା ଅବସ୍ଥିତ । ଏହି ସବୁ ଗୁମ୍ଫାଗୁଡ଼ିକରେ ଓଡ଼ିଶାର କଳା, ଭାସ୍କର୍ଯ୍ୟ, ଶିଳାଲିପିର ଆଭାସ ମିଳିଥାଏ । ପର୍ଯ୍ୟଟକମାନଙ୍କ ଅବଗତ ପାଇଁ ଗୁମ୍ଫାଗୁଡ଼ିକର ଚିତ୍ର ପ୍ରଦାନ ସହିତ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ଏହି ପୁସ୍ତକ ରଚିତ । ଖଣ୍ଡଗିରି-ଉଦୟଗିରିର ଗୁମ୍ଫାଗୁଡ଼ିକ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■

## ମହାକାବ୍ୟ



ବିପିନ୍ ନାୟକ

ଅଥୟତାର ମୁହଁରେ
ଅନ୍ନର ଉଲ୍ଲାସରେ
ଲମ୍ବି ଆସୁଥିବା
ହାତର ହୃଦୟରେ
ଭଙ୍ଗା ଭଙ୍ଗା
ପକ୍ଷୀର ଡେଣାରେ କେବେକେବେ
କଅଁଳି ଆସେ ମହାକାବ୍ୟ,

ଟିକେ ମରଣ
ଟିକେ ଦହନ
ଗୋଟେ ବ୍ୟାଧ
ଟିକେ ବିଷାଦ ହିଁ ଯଥେଷ୍ଟ ତାକୁ ଲେଖିବା ପାଇଁ,
ସେଠି ସବୁ ମୁହୂର୍ତ୍ତ ମନ୍ୱନ୍ତର
ସବୁ ମୌନତା ମଧୁର
ସବୁ କୋଳାହଳ କାକୁସ୍ଥ ଆଉ ସବୁ ନୀରବତା ମୁଖର । ■



ନିର୍ବିକଳ୍ପ
ବାଞ୍ଛାନିଧି ନଗର, ବ୍ରହ୍ମପୁର-୧୦
ମୋ: ୯୩୪୮୪୭୯୭୨୭

## ପ୍ରାଣପକ୍ଷୀ



ପିନାକୀ ମିଶ୍ର

ବନ୍ଧନରେ ପଡ଼ିଛୁ
ଫୁଲ, ନେତ, ନୀଳନଭ, ନଈଧାର
ଏମାନେ ଶୁଣନ୍ତି ତୋ ବାଇଗଣୀ ରତ୍ନର ଗୀତ ।

ପ୍ରେମରେ ପଡ଼ିଛୁ
କ୍ଷତର ରକ୍ତରେ ବିଗଳିତ
କୁଟୁମ୍ବ କଳିରେ ଆହତ
ସମ୍ବେଦନ ପାଉନଥିବା ଖୁଣ୍ଟବନ୍ଧା ଛେଳି ପାଖରେ
ତୋ ହାତ ରିକ୍ତ, ତୁ ଅନୁତପ୍ତ ।

ଯତନରେ ସଜଉଛୁ ଘର
ରଜା ବି ତପସ୍ୱୀ ହେବାର ନଜିର୍ ଅଛିରେ,
ଆଗତ ଝଡ଼କୁ - ଯଥେଷ୍ଟ ତୋ ଛାତି
ମେଘ ଆଷ୍ଟେଇ ପଡ଼ିଲେ – ବଡ଼େ ତୋ ତାତି
ପିଲାପିଲିଙ୍କ ପାଇଁ - ତୋ ତାଳଗଛ ଦମ୍ଭ,
କାଠ ପରି ଜଳୁଥା, ତବତ ଫୁଟୁଥାଉ ।

କେତେ କୁଆଡ଼େ ଧାଇଁଛୁ
ବୋହିଆଣିଛୁ ଡେଣାଗୋଡ଼ ଛାଟି

ଭେଦିଛୁ କାଳିଅନ୍ଧାର
ସହିଛୁ କଟୁ କୁଟିଳ ତିରସ୍କାର
ଦୁନିଆଁ ଦର୍ପଣରେ ନିଜ ସ୍ଥିତି ପରଖୁଛୁ ।

ତୋ' ଆଲୁଅରେ ପାପ
ତୋ' ଛାଇରେ ପୁଣ୍ୟ
ତୋ' ମେଲାଆଖିରେ କେତେ ଆକର୍ଷଣ ,
ତୋ' ନିବୁଜ ମନରେ ଭବିଷ୍ୟତର ଶୂନ୍ୟଘର ପାଇଁ
ନୀରବ ଆୟୋଜନ,
ଭାବୁଛୁ କି ? ଘଟ ଛାଡ଼ିଲେ କୁଆଡ଼େ ଯିବୁ ?

ନିଜ ଠିକଣା ଜାଣିନଥିବା ପ୍ରାଣପକ୍ଷୀ
ଉଡୁଉଡୁ ମଝି ଆକାଶରେ ଯାଉଛି ଅଟକି ? ■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ ରୋଡ୍, କେନ୍ଦୁଝର-୧
ମୋ: ୯୪୩୮୧୧୮୩୯୭

# 'ବିଦଗ୍ଧ ଚିନ୍ତାମଣି'ରେ ବାତ୍ସଲ୍ୟ ରସ




ଡକ୍ଟର ଅଭିମନ୍ୟୁ ବରାଳ

ମଧ୍ୟଯୁଗ ବା ରୀତି ଯୁଗୀୟ ଓଡ଼ିଆ ସାହିତ୍ୟ ଗଗନରେ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍କ ପୁଞ୍ଜର ଅଭ୍ୟୁଦୟ ଘଟିଥିଲା, ସେହି ଜ୍ୟୋତିଷ୍କମାନଙ୍କ ମଧ୍ୟରୁ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର ହେଉଛନ୍ତି ଅନ୍ୟତମ । ତତ୍ ପ୍ରଣୀତ କାବ୍ୟ-କବିତା ରାଜି ଉତ୍କଳ ସାହିତ୍ୟ ନନ୍ଦନ ବନରେ ଏକ ମନୋରମ ପାରିଜାତ ପୁଷ୍ପ । ସେହି ଦେବ ଭୋଗ୍ୟ ପୁଷ୍ପର ଅପୂର୍ବ ତଥା ପବିତ୍ର ସୌରଭରେ ଉତ୍କଳ ସାହିତ୍ୟ ବାଣୀ ଭଣ୍ଡାର ଅତ୍ୟନ୍ତ ସୁଗନ୍ଧିତ ଏବଂ ଅତ୍ୟନ୍ତ ସମୃଦ୍ଧ । ସେହି ପ୍ରଥିତଯଶା ମହାକବି 'ବିଦଗ୍ଧ ଚିନ୍ତାମଣି', 'ବାଘଗୀତି', 'ଗୋବରା ଚଢ଼େଇ ଗୀତ', 'ବୋଲେ ହୁଁ ଗୀତ', 'ପ୍ରେମକଳା', 'ରସବତୀ', 'ସୁଲକ୍ଷଣା', 'ପ୍ରେମ ଚିନ୍ତାମଣି' ଭଳି ଅନେକ କାବ୍ୟ ରଚନା କରିଥିଲେ । ସେଥିମଧ୍ୟରୁ ତାଙ୍କର ଅନବଦ୍ୟ ସୃଷ୍ଟି ହେଉଛି 'ବିଦଗ୍ଧ ଚିନ୍ତାମଣି' । ଏହି କାବ୍ୟରେ ଅଳଙ୍କାର ଶାସ୍ତ୍ର ବର୍ଣ୍ଣିତ ସମସ୍ତ ରସ ପରିପୂର୍ଣ୍ଣ ହୋଇ ରହିଛି ।

ବିଦଗ୍ଧ କବି ଅଭିମନ୍ୟୁ ୧୭୬୦ଖ୍ରୀ.ଅ.ରେ ମାଘ ଶୁକ୍ଳ ସପ୍ତମୀ ତିଥିରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ବାଲିଆ ଗ୍ରାମରେ ପ୍ରସିଦ୍ଧ ଜମିଦାର ଇନ୍ଦ୍ରଜିତ ସାମନ୍ତସିଂହାର ଓ ତୁଳସୀ ଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ । ମାତା ତୁଳସୀ ଦେବୀ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା, ଭକ୍ତିମତି, ଆଉ ପତିବ୍ରତା ନାରୀ । କବିଙ୍କ ସୁଯୋଗ୍ୟ ପିତା ଇନ୍ଦ୍ରଜିତ ସମାନ୍ତସିଂହାର ଥିଲେ ଏକାଧାରାରେ ଅସୀମ ପରାକ୍ରମଶାଳୀ ଯୋଦ୍ଧା, ରସିକ, ବିବେକୀ ଆଉ ଧାର୍ମିକ । ଏକଥା ଅଭିମନ୍ୟୁ ସ୍ୱୀୟ ବାଘ ଗୀତରେ ଉଲ୍ଲେଖ କରି କହିଛନ୍ତି – "ବାଲିଆ ବୋଲି ଯେ ଏକ ନଗର । ତହିଁ ନୃପତି ସାମନ୍ତସିଂହାର । ରସିକ, ବିବେକୀ ବଡ଼ ଧାର୍ମିକ । ପ୍ରଶଂସା କରନ୍ତି ବହୁତ ଲୋକ ।"

ବାଲ୍ୟଶିକ୍ଷା ପରେ ଅଭିମନ୍ୟୁ ମାତ୍ର ଚତୁର୍ଦ୍ଦଶ ବର୍ଷ ବୟସରେ କେନ୍ଦ୍ରପଡ଼ାର ପ୍ରସିଦ୍ଧ ଜମିଦାର ରାଧାଶ୍ୟାମ ନରେନ୍ଦ୍ରଙ୍କ ପିଉସୀ ବିମଳା ଦେବୀଙ୍କୁ ବିବାହ କରିଥିଲେ । ବିମଳା ଦେବୀ ଥିଲେ, ଅତ୍ୟନ୍ତ କୃଷ୍ଣଭକ୍ତି ପରାୟଣା ତଥା ବିଦୂଷୀ ମହିଳା । ବିମଳା ଦେବୀଙ୍କ ପାଣିଗ୍ରହଣ କରି ତାଙ୍କ ସାଂସାରିକ ଜୀବନ ପରିପୂର୍ଣ୍ଣତା ଲାଭ କରିଥିଲା । ଅଭିମନ୍ୟୁ ମାତ୍ର ଊନବିଂଶ ବର୍ଷ ବୟସରେ ତାଙ୍କ ପିତୃ ବିୟୋଗ ଘଟିବାରୁ ସେ ବାଧ୍ୟ ହୋଇ ବାଲିଆ ରାଜ୍ୟର ଭାର ଗ୍ରହଣ କରିଥିଲେ । ଏତେ ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ ମଧ୍ୟରେ ଥିଲେ ମଧ୍ୟ ସେ ବାଣୀ ଆରାଧନା ତଥା ସାରସ୍ୱତ ସାଧନାରୁ ବିରତ ହୋଇ ନଥିଲେ । କିଛି ଦିନ ସଂସାର କରିବା ପରେ କବିଙ୍କର ପତ୍ନୀ ବିୟୋଗ ଘଟିଥିଲା । ପତ୍ନୀ ବିୟୋଗ ପରେ ସଂସାର ବିମୁଖ ହୋଇ କବି ଅଭିମନ୍ୟୁ 'ବିଦଗ୍ଧ ଚିନ୍ତାମଣି' କାବ୍ୟ ରଚନା କରିଥିଲେ ।





ଅଳଙ୍କାର ଶାସ୍ତ୍ରରେ ନବରସ ମଧ୍ୟରେ ବାତ୍ସଲ୍ୟ ରସକୁ ଗ୍ରହଣ କରାଯାଇଛି । ବୈଷ୍ଣବ ତତ୍ତ୍ୱବିତ୍ ପଣ୍ଡିତମାନଙ୍କ ମତରେ ବାତ୍ସଲ୍ୟ ରସ ବିଭିନ୍ନ ରସ ମଧ୍ୟରେ ଅନ୍ୟତମ । ପ୍ରାଚୀନ ଆଳଙ୍କାରିକମାନେ ଏହାକୁ ସ୍ୱତନ୍ତ୍ର ଏକ ରସ ଭାବରେ ଗ୍ରହଣ କରି ନାହାଁନ୍ତି । ଏହାକୁ ଶୃଙ୍ଗାର ରସ ମଧ୍ୟରେ ଅଙ୍ଗୀଭୂତ କରି ଅଛନ୍ତି । ସେମାନଙ୍କ ମତରେ ବାତ୍ସଲ୍ୟ ରସ ହିଁ ଶୁଦ୍ଧ ଶୃଙ୍ଗାର ବା ସାତ୍ତ୍ୱିକ ଶୃଙ୍ଗାର । ଜନକ ଜନନୀଙ୍କ ହୃଦୟରେ ଉଦ୍ରେକ ବାତ୍ସଲ୍ୟ ପ୍ରେମ ଏହି ରସର ପ୍ରାଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଶେଷତଃ ଜନନୀର ସନ୍ତାନ ମମତା ହିଁ ବାତ୍ସଲ୍ୟ ରସର ମୁଖ୍ୟ ଉପଜୀବ୍ୟ । ଏହା ହିଁ ବାତ୍ସଲ୍ୟଭାବ, ବୈଷ୍ଣବ କବିମାନଙ୍କ ପ୍ରଣୀତ ସାହିତ୍ୟରେ ଶ୍ରୀକୃଷ୍ଣଙ୍କ ପ୍ରତି ଜନନୀ ଯଶୋଦା ମାତାଙ୍କର ଗଭୀର ମମତା ବାତ୍ସଲ୍ୟ ରସ ଭାବରେ ପ୍ରକାଶିତ । ଯେତେବେଳେ ଶ୍ରୀକୃଷ୍ଣ ସଖାମାନଙ୍କ ସହିତ ଗୋ ଚାରଣ ପାଇଁ ବନକୁ ଚାଲିଯାନ୍ତି , ଫେରୁ ଫେରୁ ସନ୍ଧ୍ୟା ହୋଇଯାଏ । ସେତେବେଳେ ମାତା ଯଶୋଦାଙ୍କ ପ୍ରାଣରେ ଗଭୀର ଦୁଃଖ ଜାତ ହୁଏ । ସେହି ପୁତ୍ର ବିରହ ବେଦନା ହିଁ ବାତ୍ସଲ୍ୟ ମମତାର ଅପୂର୍ବ ପରିପ୍ରକାଶ । ଶ୍ରୀକୃଷ୍ଣଙ୍କ ଅଦର୍ଶନରେ ପୁତ୍ର ବିରହ ବିଧୂରା ଯଶୋଦା କ୍ଷତମୃଗୀ ଭଳି ଦାଣ୍ଡକୁ ବାରି ବୁଲି ବୁଲି ପୁତ୍ରର ଅପେକ୍ଷା କରିଥାନ୍ତି । କବିଙ୍କ ଭାଷାରେ:-

"ନିଧନ ସଙ୍ଖାଳି ମୋର ଦରିଦ୍ର ପସରା,/ଅନ୍ଧ ଲଉଡ଼ି ବାବୁରେ ହୃଦ ରତ୍ନହାର । ମୋ କଳାମାଣିକରେ ।"

ପୁନଶ୍ଚ-

"ବୃଦ୍ଧ କାଳେ ତୁ ମୋହର ଏକଇ ନନ୍ଦନ,/ହୃଦତାପ ବିନାଶନେ ତୁ ହରିଚନ୍ଦନ । ମୋ କଳାମାଣିକରେ ।"

ଶ୍ରୀକୃଷ୍ଣ ଭୁଲିଯାଇ କଠଉ ଛତା ଛାଡ଼ି ଯାଇଛନ୍ତି । ଯଶୋଦାଙ୍କ ଦୃଷ୍ଟି ପଡ଼ିଯାଇଛି । କହିଛନ୍ତି ମାତା:-

"ନେଲୁ ନାହିଁ କାହିଁ ପାଇଁରେ ତୋ କଠଉ ଛତା,/ ବନେ କଣ୍ଟା ଲାଗି ହୁଏ ମୃଦୁପାଦ ଚିନ୍ତା । ମୋ କଳା ମାଣିକରେ ।"

'ବିଦଗ୍ଧ ଚିନ୍ତାମଣି'ର ୬୭ ଛାନ୍ଦରେ ବାତ୍ସଲ୍ୟ ମମତାର ପ୍ରାବଲ୍ୟ ସୁସ୍ପଷ୍ଟ । ଏହି ଛାନ୍ଦରୁ ପୁତ୍ର ସ୍ନେହ ବତ୍ସଳା ଜନନୀ ହୃଦୟର ଶାଶ୍ୱତ ଭାବ ପ୍ରକାଶିତ ହୋଇଥାଏ ।

ଶ୍ରୀକୃଷ୍ଣଙ୍କ ପ୍ରତି ମାତା ଯଶୋଦାଙ୍କର କେତେ ସ୍ନେହ କେତେ ମମତା ତାଙ୍କର ସ୍ୱନକ୍ଷତ୍ର ପାଳନ ଉତ୍ସବରେ ମାତା ଯଶୋଦା କେତେ ସୁମିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଇଛନ୍ତି । ପ୍ରଭାତରୁ ଶୀଘ୍ର ସ୍ନାନ ଶେଷ କରି ସଖାମାନଙ୍କ ସହିତ ଭୋଜନ କରିବାକୁ ମାତା ଶ୍ରୀକୃଷ୍ଣଙ୍କୁ କହିଲେ । ଏହି ସମୟରେ ଶ୍ରୀକୃଷ୍ଣ ପହଞ୍ଚିବା ପରେ ଯଶୋଦା ତାଙ୍କ ମୁଖ ଚୁମ୍ବନ କରି କହିଛନ୍ତି-

"ପ୍ରବେଶ ଏ ସମୟ ସଙ୍ଗେ ସଖା ନିଚୟେ ମୁଖଚୁମ୍ବି ଜନନୀ ଭାଷେ ।/ ଆରେ ଦୁଃଖ ପାଶୋରା ମୋର ସୁଖ ପଶରା ଦେହ କେଡ଼େ ଦୁର୍ବଳ ଦିଶେରେ ।/ ଗୋ କୁଳେତ । ତୋ ବିନା ସାର ନାହିଁ ଆଉ ।/ ଗୋ କୁଳେତ । ଶରଧା କରି ରଖି ଯାଉ ।/ ଅନ୍ଧ ଲଉଡ଼ି ମୋର, ଦୁଃଖ ସଙ୍ଖାଳିବର ନଖାଇ କିଆ ବୁଲୁ ଥାଉରେ ।" (ବିଦଗ୍ଧ ଚିନ୍ତାମଣି: ୬୩/୧୬

ବୃନ୍ଦାବନରେ ରାସମଣ୍ଡଳରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ମଧୁର ମିଳନ ଘଟିଛି । ତତ୍‌ପରେ ଶ୍ରୀକୃଷ୍ଣ ଗୃହକୁ ଆସି, ଶୟନ କରିଛନ୍ତି ଏବଂ ଶଯ୍ୟା ତ୍ୟାଗ କରୁ କରୁ ବିଳମ୍ବ ହୋଇଯାଇଛି । ଯଶୋଦା ସ୍ନେହରେ ଉଠାଇଛନ୍ତି-

"ଡାକନ୍ତିରେ ଘନଶ୍ୟାମ, ରଙ୍କୁଣୀ ରତନ ଆନନ୍ଦ ଧାମରେ ।/ କଳା କାହ୍ନୁ । ଉଠ ଉଠ ଭାଙ୍ଗି ଶ୍ରମରେ ।/ ଦେଖିଦେ ଶ୍ରୀମୁଖ ଚାନ୍ଦ । ନୟନ-ଚକୋର ହେବ ଆନନ୍ଦରେ ।/ କଳାକାହ୍ନୁ । ଶେଷ ମୋ ହୃଦ କୁମୁଦରେ ।" (ବିଦଗ୍ଧ ଚିନ୍ତାମଣି: ୮୮/୧୫-୧୬)

'ବିଦଗ୍ଧ ଚିନ୍ତାମଣି'ର ଛତ୍ରେ ଛତ୍ରେ ବିଭିନ୍ନ ଛାନ୍ଦରୁ ମାତା ଯଶୋଦାଙ୍କ ହୃଦୟର ବିମଳ ବାତ୍ସଲ୍ୟ ରସ ବା ବାତ୍ସଲ୍ୟ ମମତାର ଅବାରିତ ପ୍ରବାହ ଦେଖିବାକୁ ମିଳିଥାଏ । ଏହି ରସ ମଧ୍ୟରେ ସ୍ନେହ ସ୍ଥାୟୀ ଭାବ ରୂପେ ବିଦ୍ୟମାନ । ଏହା ମଧ୍ୟ ବାତ୍ସଲ୍ୟ ଶୃଙ୍ଗାରର ଭାବ ବହନ କରି ଅନାବିଳ ଦ୍ୟୁତି ପ୍ରକାଶ କରିଅଛି ଏବଂ ଚିତ୍ତକୁ ଅଲୌକିକ ଆନନ୍ଦ ପ୍ରଦାନ କରିଛି । ବାତ୍ସଲ୍ୟ ରସର ଚମତ୍କାର ରୂପାୟନରେ ବିଦଗ୍ଧ କବି ଅଭିମନ୍ୟୁ ରୀତି ଯୁଗୀୟ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ଅଟନ୍ତି । ■

ବକ୍ଷଣା ବିହାର
ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

# ଟଙ୍କପାଣି ଶିରିଡ଼ି ସାଇ ମନ୍ଦିରରେ ଗୁରୁ-ରଜ ପାଳିତ

ଭୁବନେଶ୍ୱର,୧୪।୬(ସମିସ): କୃଷି ଓ ସଂସ୍କୃତିର ଗଣପର୍ବ ରଜ ଅବସରରେ ଟଙ୍କପାଣି ରୋଡ଼୍‌ସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ଆଜି ସନ୍ଧ୍ୟାରେ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହ ଗୁରୁ-ରଜ ଉତ୍ସବ ପାଳନ କରାଯାଇଥିଲା। ଓଡ଼ିଶାର ମହନୀୟ ପରମ୍ପରା ଓ ସଂସ୍କୃତିକୁ ଆଧାରକରି ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ରଚିତ ଗୁରୁ-ରଜ ସଂଗୀତର ତାଳେ ତାଳେ ମନଛୁଆଁ ନୃତ୍ୟ ଓ ସଂଗୀତ ପରିବେଷଣ ସାଙ୍ଗକୁ ନାନା ରକମର ପିଠାପଣା, ପାନ, ଫୁଲ ଆଦିରେ ସଜାଯାଇଥିବା ରଜ ବଜାର ଭକ୍ତମାନଙ୍କର ଆକର୍ଷଣର କେନ୍ଦ୍ର ହୋଇଥିଲା।



ସଦା ଦୋଳାୟମାନ ଚଞ୍ଚଳ ମନକୁ ନିୟନ୍ତ୍ରଣ କରିବା ପାଇଁ ଗୁରୁକୃପା ଓ ଗୁରୁଙ୍କର ସହାୟତା ଏକାନ୍ତ ଆବଶ୍ୟକ ବୋଲି ଦର୍ଶାଇ ଗୁରୁଜୀ ଡ. ଶତପଥୀ ମନରୂପକ ଦୋଳିରେ ଗୁରୁଙ୍କୁ ବସାଇ ଭାବରୂପକ ଡୋରିରେ ତାଙ୍କୁ ଟାଣିବା ଦ୍ୱାରା ଭବସାଗର ପାରି କରିବା ସହଜ ହେବ ବୋଲି ଗୁରୁ-ରଜ ଗୀତରେ ଉଲ୍ଲେଖ କରିଛନ୍ତି।

ଏହି ଅବସରରେ ମନ୍ଦିର ପରିସରରେ ଦୋଳି ଖେଳ ସାଙ୍ଗକୁ ଭକ୍ତମାନେ ଦଳ ଦଳ ହୋଇ ଅଳତା ଓ ମେହେନ୍ଦି ଲଗାଇଥିଲେ। ଏହାସହ ପିଠାପଣା, ରଜପାନ ଓ ନୃତ୍ୟଗୀତରେ ସମୂହ ଭାବରେ ଅଂଶଗ୍ରହଣ କରିଥିଲେ। କେବଳ ଆଧ୍ୟାତ୍ମିକତା ନୁହେଁ, ଆମର ସାମାଜିକ ଓ ସାଂସ୍କୃତିକ ଜୀବନରେ ମଧ୍ୟ ଗୁରୁଙ୍କର ଭୂମିକା ଯେ ରହିଛି ଏହା ଗୁରୁ-ରଜ ଉତ୍ସବରୁ ପ୍ରତିପାଦିତ ହୋଇଥିଲା ବୋଲି ଭକ୍ତମାନେ ମତପ୍ରକାଶ କରିଥିଲେ। ଶିରିଡ଼ି ସାଇ ଗ୍ଲୋବାଲ ଫାଉଣ୍ଡେସନ୍ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଟ୍ରଷ୍ଟର ସଭାପତି ବିଭୁ ପ୍ରସାଦ ମହାପାତ୍ର, ସମ୍ପାଦକ ଦେବାଶିଷ ଶତପଥୀଙ୍କ ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରୀଗୁରୁ ଭାଗବତ ଟୁଙ୍ଗୀର ସଦସ୍ୟ ଓ ଭକ୍ତମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଡେଉଁଛି ଡାଇରିଆ...

ପାତ୍ର (୭୫)ଙ୍କ ଆଜି ମୃତ୍ୟୁ ହୋଇଯାଇଛି। ସେହିପରି ଢେଙ୍କାନାଳ ଜିଲ୍ଲା ଭୁବନରେ ଡାଇରିଆ କାୟା ମେଲାଇବାରେ ଲାଗିଛି। ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଆଜି ଭୁବନ ପେଣ୍ଠ ସାହିର କୃପାସିନ୍ଧୁ ମଲ୍ଲିକ(୬୨)ଙ୍କ ମୃତ୍ୟୁ ହୋଇଛି। ବସ୍ତିର ଅନ୍ୟ ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ, କଟକ ଜିଲ୍ଲାର ୪୨ ମୌଜା ଅନ୍ତର୍ଗତ ଝିଙ୍କିରିଆ ପଞ୍ଚାୟତ ଓ ବାଙ୍କୀର ଘୋଲପୁର ଗାଁରେ ଡାଇରିଆ ପଶିଛି। ଆଜି ଗୋଟିଏ ଦିନରେ ଜିଲ୍ଲାରୁ ୪୯ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ସୂଚନାନୁଯାୟୀ, ଯାଜପୁର ଜିଲ୍ଲାରେ ଦେଖାଦେଇଥିବା ଡାଇରିଆ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଗୃହୀତ ନମୁନାରୁ କଲେରା ବା ହଇଜା ଭୂତାଣୁ ବାହାରିବା ପରେ ଏହାକୁ ନେଇ ଜିଲ୍ଲାବ୍ୟାପୀ ଭୟର ବାତାବରଣ ଦେଖାଦେଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର୍ ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ପରିସ୍ଥିତିରେ ଏହାକୁ ନିୟନ୍ତ୍ରଣ କରାଯାଇପାରିନାହିଁ। ସଂଗୃହୀତ ନମୁନାରୁ ୧୧ ଜଣଙ୍କଠାରେ କଲେରା ଜୀବାଣୁ ମିଳିଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ଜିଲ୍ଲା ବ୍ୟାପୀ ଝାଡ଼ାବାନ୍ତି ବ୍ୟାପିବାର କାରଣ ଏ ପର୍ଯ୍ୟନ୍ତ ଧରିବାରେ ପ୍ରଶାସନ ସଫଳ ହୋଇପାରନି। ତେବେ ଝାଡ଼ାବାନ୍ତି ରୋକିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଜପୁର ଓ ବ୍ୟାସନଗର ପୌରପାଳିକା ସମେତ ଜିଲ୍ଲାର ବିଭିନ୍ନ ହୋଟେଲ ଓ ଢାବାଗୁଡ଼ିକ ଉପରେ ଚଢ଼ଉ ଜାରି ରହିଛି। ଉଭୟ ସହରରେ ୫ଟି ହୋଟେଲ୍‌କୁ ସିଲ୍ କରାଯାଇଥିବା ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସାମୂହିକ ଭୋଜିଭାତ ଉପରେ ରୋକ୍ ଲଗାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଉଦ୍ୟମ ସତ୍ତ୍ୱେ ଡାଇରିଆର ପ୍ରକୃତ ଉତ୍ସ ଓ କାରଣ ଜଣାପଡ଼ିନାହିଁ।

ଅନ୍ୟପକ୍ଷରେ ପ୍ରତିଦିନ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଜିଲ୍ଲାରେ ପହଞ୍ଚି ସମୀକ୍ଷା ବୈଠକ କରିବା ସହ ଆକ୍ରାନ୍ତଙ୍କୁ ଭେଟୁଛନ୍ତି। ଏହି କ୍ରମରେ ଆଜି ଜାତୀୟ ସ୍ୱାସ୍ଥ୍ୟ ମିଶନ ବିଭାଗର ନିର୍ଦ୍ଦେଶିକା ଡ. ବୃନ୍ଦା ଡି. ଓ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ବିଜୟ କୁମାର ମହାପାତ୍ର ଯାଜପୁର ଜିଲ୍ଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରିଥିଲେ। ଏହି ଅବସରରେ ଝାଡ଼ାବାନ୍ତି ତଥା ଡାଇରିଆରେ ଆକ୍ରାନ୍ତ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ମିଶନ ବିଭାଗର ନିର୍ଦ୍ଦେଶିକା ଡ. ବୃନ୍ଦା ଡି. କହିଲେ ଯେତେ ବି ଝାଡ଼ାବାନ୍ତି ସଂକ୍ରମିତ ହେଉଛନ୍ତି, ସବୁର ତାଲିକା କରାଯିବ। ପରବର୍ତ୍ତୀ ସମୟରେ ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନେ ତାଙ୍କର ଓ ତାଙ୍କ ପରିବାରର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବେ। ଆର୍‌ବିଏସ୍‌କେ ମୋବାଇଲ ହେଲଥ୍ ଟିମ୍ ପ୍ରତ୍ୟେକ ଦିନ ଗାଁ ପରିଦର୍ଶନ କରିବେ। ଯେଉଁ ଗ୍ରାମରେ ଅଧିକ ରୋଗୀ ଚିହ୍ନଟ ହେବେ, ସେଇ ଗ୍ରାମକୁ ଆଗ ପରିଦର୍ଶନ କରାଯିବ ଏବଂ ଆଉଟ୍‌ରିଚ୍ ଗ୍ରାମଗୁଡ଼ିକୁ ମଧ୍ୟ ଭିଜିଟ୍ କରାଯିବ। ପାଣି ପାଉଚ୍ ଓ ବୋତଲ ମ୍ୟାନୁଫ୍ୟାକ୍ଚର ଉପରେ ତଦାରଖ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ଏକ ସମୀକ୍ଷା ବୈଠକ କରାଯିବ। ଏହି ବୈଠକରେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପ୍ରତି ସଂକ୍ରମଣ ରୋକିବା ପାଇଁ ଆଶା, ଅଙ୍ଗନବାଡ଼ି କର୍ମୀ, ଏଏନ୍‌ଏମ୍‌ମାନେ ଘରକୁ ଘର ଯାଇ ଜନସାଧାରଣଙ୍କୁ ସଚେତନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ।

ଯାଜପୁର ଓ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ଉପୁଜିଥିବା ଡାଇରିଆର କ୍ଷେତ୍ରସ୍ତରୀୟ ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଏକ ୭ ଜଣିଆ ସ୍ୱାସ୍ଥ୍ୟ ଟିମ୍ ଏବଂ ୩ଜଣିଆ ଖାଦ୍ୟ ନିରାପତ୍ତା ଟିମ୍ ଓଡ଼ିଶା ଆସିଛନ୍ତି। ଠିକ୍ ସେହିପରି ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ଓ ଗୁଣବତ୍ତା କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ)ଙ୍କ ତରଫରୁ ୪ ଜଣିଆ ଏକ ସ୍ୱତନ୍ତ୍ର ଖାଦ୍ୟ ଗୁଣବତ୍ତା ଟିମ୍ ମଧ୍ୟ ଆସିଛନ୍ତି। ଏହି ତିନୋଟି ଟିମ୍‌ରେ ସମୁଦାୟ ୧୪ଜଣ ଅଛନ୍ତି। ସ୍ୱାସ୍ଥ୍ୟ ଟିମ୍‌ରେ ଆଞ୍ଚଳିକ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ଡାକ୍ତର ନିଲମ୍ ସୋମାଲକର, ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ରଫେସର ଡାକ୍ତର ଶିବାନୀ ଲାହିରି, ଭୁବନେଶ୍ୱର ଏମ୍ସର ମାଇକ୍ରୋଲୋଜିଷ୍ଟ ପ୍ରଫେସର ଡାକ୍ତର ସୃଜନ ମହାନ୍ତି, ଶିଶୁରୋଗ ପ୍ରଫେସର୍ ଡାକ୍ତର ଭାଗୀରଥି ଦ୍ୱିବେଦୀ, କେନ୍ଦ୍ରୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ଅଧିକାରୀ ଡାକ୍ତର ସତ୍ୟଜିତ ସୁବୁଦ୍ଧି, କୋଲକାତାସ୍ଥିତ ଭାରତୀୟ ଭେଷଜ ଗବେଷଣା କେନ୍ଦ୍ରର ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ପ୍ରେମଜିତ୍ ଘୋଷ ଏବଂ ଡାକ୍ତର ଗୌତମ ଚୌଧୁରୀ ପ୍ରମୁଖ ଅଛନ୍ତି। ଖାଦ୍ୟ ନିରାପତ୍ତା ଟିମ୍‌ରେ କୋଲକାତାସ୍ଥିତ ଜାତୀୟ ଖାଦ୍ୟ ଗବେଷଣାଗାରର ଡାକ୍ତର ଗୀତାଞ୍ଜଳି ଶର୍ମା, ବୈଷୟିକ ଅଧିକାରୀ ମିସ ନୟନା, ଏଫ୍‌ଏସ୍ ଏସଏଆଇର ପୂର୍ବାଞ୍ଚଳ ଉପ-ନିର୍ଦ୍ଦେଶକ ଡାକ୍ତର ଶଶିକାନ୍ତ ଭୂୟାଁ ପ୍ରମୁଖ ସଦସ୍ୟ ଅଛନ୍ତି। ଏହି କମିଟିମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜନ ସ୍ୱାସ୍ଥ୍ୟସ୍ଥିତି ପରଖିବା ସହ ରୋଗର କାରଣ ଏବଂ ନିରାକରଣ ସମ୍ବନ୍ଧରେ କ୍ଷେତ୍ରସ୍ତରୀୟ ଅଧିକାରୀ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ ବୋଲି ଜଣାପଡ଼ିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଜଣାଇଛନ୍ତି ଯେ ଯାଜପୁର ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୫୧୬ ଜଣ ଡାଇରିଆ ଆକ୍ରାନ୍ତ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩୦୬ ଜଣ ଆରୋଗ୍ୟ ଲାଭ କରିଛନ୍ତି ଏବଂ ୨୧୦ ଜଣଙ୍କର ଚିକିତ୍ସା ଚାଲିଛି। ସେମାନେ ଶୀଘ୍ର ଆରୋଗ୍ୟ ଲାଭ କରିବେ ବୋଲି ଚିକିତ୍ସକମାନେ ଆଶା ପ୍ରକଟ କରିଛନ୍ତି।

### ବାଙ୍କୀ, କଟକ...

ହୋଇଥିବା ରୋଗୀଙ୍କର ଚିକିତ୍ସା କରିବା ସହ ଝାଡ଼ାବାନ୍ତି ଔଷଧ ବଣ୍ଟନ କରିଥିଲେ। ଖୋଲା କୂଅ, ନଳକୂଅ ଗୁଡିକରେ ବ୍ଲିଚିଂ ପକାଇ ଜଳ ବିଶୋଧନ କରାଯାଇଥିଲା। ପାଣି ନମୁନା ପରୀକ୍ଷାଗାରକୁ ପଠାଯାଇଛି। ଲୋକମାନେ ଫୁଟାପାଣି ପିଇବାକୁ ଡାକ୍ତରୀ ଟିମ୍ ପରାମର୍ଶ ଦେଇଛନ୍ତି। ଏହି ଡାକ୍ତରୀ ଟିମ୍‌ରେ ଡାକ୍ତର ମିଲନ୍ ତ୍ରିପାଠୀ, ଜନ ସ୍ୱାସ୍ଥ୍ୟ ଅଧିକାରୀ ଭଞ୍ଜନ ଦଳେଇ, ମୋହନ ଚରଣ ସାହୁ, ଜୟପ୍ରକାଶ ଖଟୁଆ ଏବଂ ସମସ୍ତ ଆଶା କର୍ମୀମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିଥିଲେ। କଟକରୁ ମାଇକ୍ରୋ ବାଇଲୋଜିଷ୍ଟ ଦଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

### ରାଜସ୍ଥାନର ମହେଶ...

ଅନ୍ତିମ ନିଟ୍ ଉତ୍ତରପତ୍ର ଓ ସର୍ବଭାରତୀୟ ର୍‍ୟାଙ୍କ ମଧ୍ୟ ପ୍ରକାଶ କରିଛି। ଚଳିତବର୍ଷ ଓଡ଼ିଆ ଭାଷାରେ ୮୧୨ ଜଣ ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିଥିଲେ। ଓଡ଼ିଶାରୁ ୬୧ ହଜାର ୧୧୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିଲା ବେଳେ ୫୯ ହଜାର ୨୩୮ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧ ହଜାର ୬୭୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଗତବର୍ଷ ତୁଳନାରେ ଏଥର ଓଡ଼ିଶାର ପିଲାମାନଙ୍କ ପ୍ରଦର୍ଶନ ହ୍ରାସ ପାଇଛି। ୨୦୨୪ରେ ୬୪ ହଜାର ୩୨୫ ଜଣ ପରୀକ୍ଷା ଦେଇଥିବାବେଳେ ୩୨ ହଜାର ୫୫୭ ଜଣ ପାସ୍ କରିଥିଲେ।

### ସୁଶାନ୍ତ ସିଂହଙ୍କୁ...

କରାଯାଇଥିଲା। ସୁଶାନ୍ତଙ୍କ ମୃତ୍ୟୁକୁ ତାଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ସହ ଯୋଡି ଦେଖା ଯାଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରାଯାଇଥିଲା। ପରେ ଗଣମାଧ୍ୟମ ଏବଂ ବିରୋଧୀ ଦଳଙ୍କ ଚାପରେ ମହାରାଷ୍ଟ୍ରର ତତ୍କାଳୀନ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ସରକାର ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିଥିଲେ। ଏବେ ସିବିଆଇ ଆତ୍ମହତ୍ୟା ହିଁ ମୃତ୍ୟୁର ପ୍ରକୃତ କାରଣ ବୋଲି ନିଜ ରିପୋର୍ଟରେ ଦର୍ଶାଇଛି। ଦିଶାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଅଭିଯୋଗ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସିବିଆଇ ଏହି ରିପୋର୍ଟ ଦାଖଲ କରିଛି।

ଏହି ମାମଲାରେ ଅଭିନେତାଙ୍କ ପୂର୍ବତନ ବାନ୍ଧବୀ ରିଆ ଚକ୍ରବର୍ତ୍ତୀଙ୍କୁ ୨୭ ଦିନ ପାଇଁ ଜେଲ୍‌ରେ ରହିବାକୁ ପଡ଼ିଥିଲା। ଏହି ରିପୋର୍ଟ ଆସିବା ପରେ ରିଆଙ୍କ ଓକିଲ ସତୀଶ ମାନସିନ୍ଦେ କହିଛନ୍ତି ଯେ ଏହି ମାମଲାକୁ ନେଇ ମିଥ୍ୟା କାହାଣୀ ପ୍ରସ୍ତୁତ କରାଯାଇଥିଲା। ଏହାସତ୍ତ୍ୱେ ରିଆଙ୍କ ପରିବାର ଚୁପ୍ ହୋଇ ସବୁ ସହିଥିଲା। ସୁଶାନ୍ତଙ୍କ ପିତା କେକେ ସିଂହ ଏହି ମାମଲାକୁ ନେଇ ରିଆଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏଥିରେ ଆତ୍ମହତ୍ୟା ପାଇଁ ଉସୁକାଇବା, ଠକେଇ ଏବଂ ଟଙ୍କା ହେରଫେରର ଅଭିଯୋଗ କରାଯାଇଥିଲା। ସେହିପରି ରିଆ ସୁଶାନ୍ତଙ୍କ ପରିବାର ବିରୋଧରେ ମାନସିକ ଉତ୍ପୀଡନ ଅଭିଯୋଗ ଲଗାଇ ଥିଲେ। ସିବିଆଇ ଏହି ଦୁଇ ମାମଲାର ଯାଞ୍ଚ କରୁଥିଲା।

ସୁଶାନ୍ତଙ୍କ ମୃତ୍ୟୁର କିଛି ଦିନ ତଳେ ୨୦୨୦ ଜୁନ୍ ୮ରେ ମୁମ୍ବାଇର ସାଲାଡ ସ୍ଥିତ କୋଠାର ୧୪ ମହଲାରୁ ଡେଇଁ ଦିଶା ସାଲିୟାନଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁଇ ମୃତ୍ୟୁ ମାମଲା ପରସ୍ପର ସହ ଯୋଡ଼ି ଦେଖାଯାଉଥିଲା। ଦିଶାଙ୍କ ବାପା ସତୀଶ ସାଲିଆନ ଅଭିଯୋଗ କରିଛନ୍ତି ଯେ ଗଣଦୁଷ୍କର୍ମ ପରେ ଝିଅକୁ ହତ୍ୟା କରାଯାଇଥିଲା। କିନ୍ତୁ ରାଜନୈତିକ ଚାପ ଆଗରେ ମାମଲାକୁ ଚପାଇ ଦିଆଗଲା। ପ୍ରଥମେ ମୁମ୍ବାଇ ପୁଲିସର ଯାଞ୍ଚ ଉପରେ ଦିଶାଙ୍କ ବାପା ଭରସା କରିଥିଲେ। କିନ୍ତୁ ପରେ ସେ ଚାପରେ ପଡ଼ି ଏପରି କହିଥିବା ଉଲ୍ଲେଖ କରିଥିଲେ। ଗତ ମାର୍ଚ୍ଚ ୨୦ରେ ସେ ପୁଣିଥରେ ମାମଲାର ଯାଞ୍ଚ ପାଇଁ ବମ୍ବେ ହାଇକୋର୍ଟରେ ଆବେଦନ ଦାଏର କରିଥିଲେ। ଏଥିରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିଲା। ମାମଲା ସିବିଆଇକୁ ପ୍ରଦାନ କରିବା ପାଇଁ ନିବେଦନ କରାଯାଇଥିଲା।

### ବିମାନ ଦୁର୍ଘଟଣାର...

ଚଳାଚଳ ମନ୍ତ୍ରୀ କେ ରାମ ମୋହନ ନାଇଡୁ ଏହା କହିଛନ୍ତି। ତେବେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ନେତୃତ୍ୱରେ ଯାନ୍ତ୍ରିକ ତଦନ୍ତ ଜାରି ରହିଛି। ଏହା କେବଳ ଅହମଦବାଦ ବିମାନ ଦୁର୍ଘଟଣାର କାରଣ ଖୋଜୁଥିବା ବେଳେ ସରକାରୀ କମିଟି ବ୍ୟାପକ ସ୍ତରରେ ମାମଲାର ତଦନ୍ତ କରିବ। ଏହା ସହିତ ସୁରକ୍ଷାକୁ ଅଧିକ ମଜବୁତ କରିବା ନେଇ ପ୍ରସ୍ତାବ ଦେବ। ଏହି କମିଟିରେ ସ୍ୱରାଷ୍ଟ୍ର ସଚିବ, ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ, ସ୍ୱରାଷ୍ଟ୍ର ମନ୍ତ୍ରାଳୟ, ଗୁଜରାଟ ସରକାର,ବାୟୁସେନା, ଗୁଇନ୍ଦା ଏଜେନ୍ସିର ବରିଷ୍ଠ ଅଧିକାରୀଙ୍କ ସମେତ ୧୧ ସଦସ୍ୟ ଅଛନ୍ତି।

### ଚର୍ମ କର୍କଟ ରୋକିବ...

ଆବିଷ୍କାର କେବଳ କର୍କଟ ରୋଗ ନିବାରଣ ପର୍ଯ୍ୟନ୍ତ ସୀମିତ ନୁହେଁ, 'ମାଇକୋସ୍ପୋରିନ୍-ଆମିନୋ ଏସିଡ୍' ମଧ୍ୟ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଭାବେ କାର୍ଯ୍ୟ କରିଥାଏ। ଏହାର ପ୍ରଭାବରେ ଚର୍ମ ଓ ବୟସର ଛାପକୁ ମଧ୍ୟ ହ୍ରାସ କରିଥାଏ। ଏହି ସାମୁଦ୍ରିକ ଶୈବାଳକୁ ରାସାୟନିକ ସନସ୍କ୍ରିନ୍ ପାଇଁ ଏକ ନିରାପଦ, ଜୈବିକ ଏବଂ ପରିବେଶ ଅନୁକୂଳ ବିକଳ୍ପ ଭାବେ ବ୍ୟବହାର କରାଯାଇ ପାରିବ ବୋଲି ଗବେଷଣାରୁ ଜଣାପଡ଼ିଛି। ଚିଲିକା ହ୍ରଦର ଜୈବବିବିଧତା ଏହି ସାମୁଦ୍ରିକ ଶୈବାଳର ବୃଦ୍ଧି ପାଇଁ ପ୍ରକୃଷ୍ଟ ପରିବେଶ। ମଧୁର ଏବଂ ଲୁଣିଆ ପାଣିର ମିଶ୍ରଣ ଏବଂ ପୁଷ୍ଟିସାରର ପ୍ରଚୁରତା ହିଁ ଏହାର ସ୍ୱତନ୍ତ୍ରତା। ଏଠାରେ ଏପର୍ଯ୍ୟନ୍ତ ୧୪ ପ୍ରଜାତିର ମାକ୍ରୋ ଶୈବାଳ ଚିହ୍ନଟ କରାଯାଇଛି। ଏ ସମ୍ପର୍କରେ ବୈଜ୍ଞାନିକ ତଥା ଗବେଷକ କହିଛନ୍ତି, ଏହା ସନ୍‌ସ୍କ୍ରିନ୍‌ର ବିକଳ୍ପ ଭାବେ ଆମେ ବ୍ୟବହାର କରିପାରିବା। ଏହାକୁ ଆମ ତ୍ୱଚାରେ ବ୍ୟବହାର କଲେ, ଅତି ବାଇଗଣୀ ରଶ୍ମି ତ୍ୱଚା ଭିତରକୁ ପ୍ରବେଶ କରିପାରିବ ନାହିଁ। ଏହା ଦୀର୍ଘ ବର୍ଷର ଗବେଷଣା ପରେ ଆବିଷ୍କାର ହୋଇଛି ବୋଲି ସେ କହିଛନ୍ତି।

### ବର୍ଷପୂର୍ତ୍ତିରେ ମହାନଦୀ...

ବେସିନ୍‌ର ଭୂପୃଷ୍ଠ ଜଳ ଏବଂ ଭୂତଳ ଜଳର ମୂଲ୍ୟାଙ୍କନ କରାଯିବ। ସେହିପରି ମହାନଦୀ ଜଳର ମାନ, ଜଳ ପ୍ରବାହ ଓ ଜଳଧାରଣ କ୍ଷମତା (ମୁଖ୍ୟଧାରା, ଉପନଦୀ ଓ ଶାଖାନଦୀ), ବନ୍ୟା ପ୍ରଭାବ, ପଟୁ ଚରିବା ଆଦି ସାମିଲ ହୋଇଛି। ଜୈବ ବିବିଧତା ଏବଂ ପରିବେଶ ସଂକ୍ରାନ୍ତ ତଥ୍ୟ ସଂଗ୍ରହ ଓ ଏହାର ଅଧ୍ୟୟନ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ରହିଛି। ଏସବୁ ରିପୋର୍ଟକୁ ଆଧାର କରି ବୈଷୟିକ ମୂଲ୍ୟାଙ୍କନ କରାଯିବାକୁ ଥିବାବେଳେ ଭବିଷ୍ୟତରେ ମହାନଦୀର ପୁନରୁଦ୍ଧାର କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ତେବେ ମହାନଦୀକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ଉପରେ ପ୍ରଶ୍ନ ଉଠାଇଛନ୍ତି ଜଳ ବିଶେଷଜ୍ଞ।

ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବାକୁ ଜଷ୍ଟିସ ବେଲା ଏମ୍. ତ୍ରିବେଦୀଙ୍କୁ ୬ ମାସ ପୂରିଲାଣି; ମାତ୍ର ଏଯାବତ୍ ଜଳ ବିବାଦକୁ ନେଇ ସ୍ଥଗିତ ରହିଥିବା ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇପାରିଲା ନାହିଁ। ଓଡ଼ିଶା ଏଥିଯୋଗୁଁ ସର୍ବାଧିକ କ୍ଷତି ସହୁଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଏପରିସ୍ଥଳେ ମହାନଦୀର ବୈଷୟିକ ମୂଲ୍ୟାଙ୍କନ ଓ ସର୍ଭେ କେଉଁ କାମରେ ଲାଗିବ ବୋଲି ବିଶେଷଜ୍ଞ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଡ଼ିଶାର ଜୀବନରେଖା ଭାବେ ପରିଚିତ ମହାନଦୀ ଛତିଶଗଡ଼ ଓ ଓଡ଼ିଶାର ଜଳବିବାଦ ମଧ୍ୟରେ ସଙ୍କୁଚିତ ହୋଇଛି। ଛତିଶଗଡ଼ର ମନମାନୀ ଯୋଗୁଁ ଓଡ଼ିଶାକୁ ମହାନଦୀରେ ଜଳପ୍ରବାହ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏପରିକି ମୌସୁମୀରେ ମଧ୍ୟ ମହାନଦୀ ଏକପ୍ରକାର ଶୁଖିଲା ପଡ଼ିଛି। ଜଳ ବିବାଦର ସମାଧାନ ନେଇ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି। ଓଡ଼ିଶା-ଛତିଶଗଡ଼-କେନ୍ଦ୍ରର ଟ୍ରିପଲ୍ ଇଞ୍ଜିନ୍ ସରକାର ଏହାକୁ ଗୁରୁତର ସହ ବିଚାର କରି ସମସ୍ୟାର ଆଶୁ ସମାଧାନ ପ୍ରଦାନ ନେଇ ତତ୍ପରତା ଦେଖାନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

ତେବେ ଏନେଇ ପ୍ରତିକ୍ରିୟା ରଖି ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି, ଆଗାମୀ ମୌସୁମୀକୁ ଆଖି ଆଗରେ ରଖି ସରକାର ତରବରିଆ ଭାବେ ଏହି ମୂଲ୍ୟାଙ୍କନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ବୈଷୟିକ ମୂଲ୍ୟାଙ୍କନ ବହୁ ଆଗରୁ କରିବାର ଥିଲା। ରାଜ୍ୟରେ ନୂଆ ସରକାରଙ୍କୁ ବର୍ଷେ ପୂରିଲାଣି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ନିଯୁକ୍ତି ହେବାକୁ ମଧ୍ୟ ୬ ମାସ ଅତିକ୍ରାନ୍ତ ହେଲାଣି। ମାତ୍ର ମହାନଦୀ ବିବାଦ ମାମଲାରେ ନୂଆ ଅଧ୍ୟକ୍ଷ ନିଯୁକ୍ତି ପରଠାରୁ ଶୁଣାଣି ହୋଇପାରିଲା ନାହିଁ। ରାଜ୍ୟ ସରକାର ମହାନଦୀ ବିବାଦର ସ୍ଥାୟୀ ସମାଧାନ ପାଇଁ କାହିଁକି ତତ୍ପରତା ପ୍ରକାଶ କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଉଭୟ ଛତିଶଗଡ଼ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ବିବାଦର ସମାଧାନ ଆଲୋଚନା ଦ୍ୱାରା ସମ୍ଭବ ବୋଲି କହୁଛନ୍ତି। ତା'ହେଲେ ଉଭୟଙ୍କୁ ଏଥିପାଇଁ କିଏ ରୋକିଛି? କେନ୍ଦ୍ର ସହ ଛତିଶଗଡ଼ ଏବଂ ଓଡ଼ିଶାରେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ବିବାଦରେ ଯାହା କାଗଜପତ୍ର ଦାଖଲ କରିବା କଥା ତାହା ଉଭୟ ରାଜ୍ୟ କରି ସାରିଛନ୍ତି। ରାଜ୍ୟ ସରକାର ଟ୍ରିବ୍ୟୁନାଲରେ ଶୁଣାଣି ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାନ୍ତୁ। ଯାହାଫଳରେ ଟ୍ରିବ୍ୟୁନାଲରେ ତ୍ୱରିତ୍ ଶୁଣାଣି ହେଉ ବୋଲି ଶ୍ରୀ ଛୋଟରାୟ ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷେ ଗତ ଶୁକ୍ରବାର ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଓଡ଼ିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ଭୁବନେଶ୍ୱରଠାରେ ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ନଦୀ ଗୁଡିକର ସ୍ୱାସ୍ଥ୍ୟ ଅତି ସଙ୍କଟାପନ୍ନ ଓ ସେଗୁଡିକର ସୁରକ୍ଷା ପାଇଁ ଏଥିରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ରାଜ୍ୟର ନଦୀ ସଂକ୍ରାନ୍ତରେ ଏକ ଶ୍ୱେତପତ୍ର ପ୍ରକାଶ ଓ ରାଜ୍ୟ ପାଇଁ ଏକ ନଦୀ ନୀତି ପ୍ରଣୟନ ପାଇଁ ସମ୍ମିଳନୀ ସରକାରଙ୍କଠାରେ ଦୃଢ଼ ଦାବି କରିଛି।

### ଭିନ୍ନକ୍ଷମଙ୍କୁ ଦୁଷ୍କର୍ମ...

ପରିବାରଲୋକେ ଘରେ ପହଞ୍ଚିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ପୀଡ଼ିତାଙ୍କ ମାଆ ବଲଙ୍ଗା ଥାନାରେ ଅଭିଯୋଗ କରିବାରୁ ବଲଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ରବିକୁ ଗାଁରେ ୨ଘଣ୍ଟା ଖୋଜାଖୋଜି କରିଥିଲେ ହେଁ ପାଇନଥିଲା। ରବି ଏକ ଧାନ ଗହୀରରେ ଲୁଚିଥିବା ଖବର ପାଇ ପୁଲିସ୍ ସେଠାକୁ ଯିବାରୁ ସେ ଦୌଡ଼ି ଖସିଯିବାକୁ ଉଦ୍ୟମ କରିଥିଲା। କିନ୍ତୁ ପୁଲିସ୍ ତାକୁ ଗହୀର ଭିତରେ ଗୋଡ଼ାଇ ଗୋଡ଼ାଇ ଧରିଥିଲା।

# ବିମାନବନ୍ଦରରେ ହେବ ମକ୍‌ଡ୍ରିଲ

ଭୁବନେଶ୍ୱର,୧୪।୬(ସମିସ): ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ସବୁ ବିମାନ ବନ୍ଦରରେ ହେବ ମକ୍‌ଡ୍ରିଲ। ଆସନ୍ତା ୩୦ତାରିଖରେ ଏହି ମକ୍‌ଡ୍ରିଲ କରାଯିବା ପାଇଁ ନିର୍ଦ୍ଦେଶ ଦେଇଛି ଡିଜିସିଏ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ମଧ୍ୟ ୩୦ରେ ହେବ ମକ୍‌ଡ୍ରିଲ। ସିଭିଲ ଏଭିଏସନ୍ କର୍ମଚାରୀ, ପୁଲିସ, ମେଡ଼ିକାଲ ଟିମ୍ ଓ ଅଗ୍ନିଶମ

**ପୁଲିସ, ଅଗ୍ନିଶମ କର୍ମଚାରୀ ସାମିଲ ହେବେ**

ବାହିନୀ କରିବେ ମିଳିତ ଅଭ୍ୟାସ। ଅକସ୍ମାତ କୌଣସି ବିମାନ ଦୁର୍ଘଟଣା ଘଟିଲେ, କିଭଳି ଏହାର ମୁକାବିଲା କରିହେବ, ଆହତଙ୍କୁ କିଭଳି ଉଦ୍ଧାର କରାଯାଇ ତ୍ୱରିତ ବେଗରେ ହସ୍ପିଟାଲରେ ପହଞ୍ଚାଯିବ। ବିମାନରେ ଥିବା ପରିବାର ଲୋକ ଆସିଲେ ସେମାନଙ୍କ କିଭଳି ମ୍ୟାନେଜ କରାଯିବା ସହ ଗଣମାଧ୍ୟମଙ୍କ ପାଇଁ ସ୍ପେଶାଲ ରୁମ୍ କରାଯାଇ ଠିକ୍ ସମୟରେ ସେମାନଙ୍କୁ ଖବର ଦିଆଯାଇ ପାରିବ। ସେନେଇ ମକ୍‌ଡ୍ରିଲ ହେବ ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏଭଳି ମକ୍‌ଡ୍ରିଲ କରାଯିବା ପରେ ସେଭଳି କିଛି ଅଘଟଣ ଘଟିଲେ ତ୍ୱରିତ ବେଗରେ ଏହାର ମୁକାବିଲା କରାଯାଇପାରିବ। ଏହି ମକ୍‌ଡ୍ରିଲରେ ବିମାନ ବନ୍ଦର କର୍ମଚାରୀ ମଧ୍ୟ ସାମିଲ ହେବେ।

■ ଅହମଦାବାଦ ବିମାନ ଦୁର୍ଘଟଣା

# ମୃତ ଯାତ୍ରୀଙ୍କ ପାଇଁ ଯୁବ କଂଗ୍ରେସର ସମୂହ ପ୍ରାର୍ଥନା

ଭୁବନେଶ୍ୱର,୧୪।୬(ସମିସ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଶନିବାର ସ୍ଥାନୀୟ ୟୁନିଟ୍-୩ସ୍ଥିତ ରାମମନ୍ଦିରଠାରେ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ସମୂହ ପ୍ରାର୍ଥନା କରାଯାଇଛି। ଏହାସହ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ସେଠାରେ ମହମବତି ପ୍ରଜ୍ୱଳନ ମଧ୍ୟ କରିଛନ୍ତି। ଯୁ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ କେନ୍ଦ୍ରୀୟ ବିଦ୍ୟାଳୟଠାରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ଉଦିତ ପ୍ରଧାନ, ସୁଦୀପ ସାମଲ, ନୀହାର ରଞ୍ଜନ ବେହେରା, ସ୍ୱାଗତ କର, ସନ୍ଦୀପ ସାମନ୍ତରାୟ, ମହମ୍ମଦ ପରଭେଜ, ସୁନୀଲ ସାହୁ, ସୂରଜ ରାଉତ, ବିରଞ୍ଚି ବାରିକ ଓ କାର୍ତ୍ତିକେଶ୍ୱର କାଣ୍ଡି ପ୍ରମୁଖ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

**ପଟ୍ଟା ହଜିଯାଇଛି**

ମୁଁ ଆଦମ ଖାନ, ବୟସ ୫୦ ବର୍ଷ, ପିତା-ଦିଦାର ଖାନ, ଜା-ମୁସଲମାନ,ସା-ଖିଜ ମହଲ୍ଲା, ପୋଷ୍ଟ /ଥାନା- ପୁରୁଣା ବଜାର, ଜିଲ୍ଲା- ଭଦ୍ରକ, ଖାତା ନମ୍ବର-705 / 340 ର ଅରିଜିନାଲ ପଟ୍ଟା ଟି ଘରୁ ପୁରୁଣା ବଜାର ମାର୍କେଟ ଯିବା ବାଟରେ ହଜିଯାଇଛି, ମୁଁ ସତଚେଷ୍ଟା କରିସାରିବା ପରେ ମଧ୍ୟ ଉପର ଲିଖିତ ପଟ୍ଟା କୁ ଖୋଜି ପାଇବାରେ ସକ୍ଷମ ହୋଇନାହିଁ । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ତେବେ ନିମ୍ନ ଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ ।
ମୌଜା-ଚେକା
ଫୋନ-9937127176 – 9090224511

**BEFORE THE HON'BLE MOTOR ACCIDENT CLAIMS TRIBUNAL (SCCH-15) AT BENGALURU**
**M.V.C. No. 5199/2024**

Between : Smt. Rupa P ...Petitioner
And : Utility Transport Co and two others ...Respondents

**Notice to Respondent No.2**

Ranjith Kumar Jha S/o Santhosh Kumar Jha Aged about 32 years, R/at: Belapahara Village, Near ITI college, Jarasagudha Jarasagudha, Orissa-768217

Whereas, the petitioner Smt. Rupa, has filed the above petition under Section 166 of MV Act against the respondent No.1 to 3 seeking compensation of Rs.10,00,00,000/- with cost and interest for the injuries suffered by her in Road Traffic Accident that occurred on 04/05/2023 at 09:10 PM on Doddaballapura Main Road, Near Yelahanka Traffic Police Station, Yelahanka, Bangalore-560064. You, Mr. Ranjith Kumar Jha being the driver of the offending vehicle lorry bearing number NL-01-Q-6019 arrayed as respondent No.2, is hereby summoned to appear in person or through pleader before this Hon'ble Court at 11 am on 17th July 2025 to answer the same, failing which the petition will be heard and decided ex-parte in your absence.

Given under my hand and seal of the court, this 12th day of June 2025.

By Order of the Court
Sd/- Assistant Registrar
Court of Small Causes, Bangalore

"Avadhuthara Krupa Law Associates".
No.30/1, 2nd Floor, Sundar Industrial Compound, N.T.Y Layout, Mysore Road, B'lore-26.
Ph: 9900600555

**NOTICE**

By virtue of an affidavit sworn before Executive Magistrate, BARIPADA , dated 12/06/2025, I RANVEER PRASAD SAHA S/o- Ranjit Prasad Saha, At – Babusahi, Ward No – 05, Po - Baripada, P.S- Baripada, Dist – Mayurbhanj, Pin – 757001 declare that I have changed my name from **RANBIR SAHA** to **RANVEER PRASAD SAHA**. Henceforth, I shall be known as **RANVEER PRASAD SAHA** for all purposes.
Sd/- RANVEER PRASAD SAHA

**NOTICE**

By virtue of an affidavit sworn before Executive Magistrate, BARIPADA, dated 12/06/2025 I LEELABATI SAHA D/o- Bholanath Bhagat , At – Babusahi , Ward No – 05 , Po - Baripada P.S- Baripada Dist – Mayurbhanj Pin – 757001 declare that I have changed my name from **LILABATI SAHA** to **LEELABATI SAHA**. Henceforth, I shall be known as **LEELABATI SAHA** for all purposes.
Sd/- LEELABATI SAHA

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

I, Rishabh Roshan Malik, aged about 26 years, S/o.: Shyam Sundar Malik, Resident of D-182, Phase-1, Nalco Nagar, Bhubaneswar, Dist.: Khurda declare by this affidavit No.: 36600, dtd. 13.06.2025 that now onwards I shall be known as **Rishabh Roshan Mallik** for all future purposes.

**AFFIDAVIT**

By virtue of an affidavit sworn before Notary Public, Sri Prasanna Kumar Bisoi of Aska, Affidavit No. 3296, dated: 11.06.2025. I, Bebarta Siva Satyam, Address- At/Po- Kalasandhpur, Aska, Sorada Road Ganjam- 761111, Odisha declare that I have changed my name from **B.Siva Satyam** to **Bebarta Siva Satyam**. Henceforth, I shall be known as **Bebarta Siva Satyam** for all Purposes.
Sd/- Bebarta Siva Satyam

**AFFIDAVIT**

I, Kavya, S/o.: Rajul Upadhyay, Resident of At Flat No.: 303, Block-B, Panchawati Appt., Main Road, PO./P.S.: Barbil, Dist.: Keonjhar, Odisha, declare by this affidavit No.: 158 dtd 13.06.2025 that now onwards I shall be known as KAVYA UPADHYAY for all future purposes.

**AFFIDAVIT**

By virtue of an affidavit No. 49, dtd. 12.06.2025 in the Court of the Executive Magistrate, Nandapur, Dist- Koraput, I, Madhab Krisani have changed my minor son's name from **Dambau Kirsani** to **Dambrudhar Kirsani.** Heanceforth he will be known as **Dambrudhar Kirsani** for all Purposes.
Sd/- Madhab Kirsani

**AFFIDAVIT**

By virtue of an affidavit sworn before Notary Public, Padampur, 12.06.2025, I, Pooja Patel, Address At- Dhumabhata, Po-Lakhamara, Dist-Bargarh, Pin-768036, Odisha declare that I have changed my name from **Pooja** to **Pooja Patel.** Henceforth, I shall be known as **Pooja Patel** for all purposes.
Sd/- Pooja Patel

**AFFIDAVIT**

By virtue of an affidavit sworn before the Executive Magistrate, Kabisuryanagar, No. A/IV dated 12.06.2025, I, **Rabindra Polei**, S/o- Ramesh Polei, resident of Vill.- Kholasamantarapur, Po.- Gudiali, Ps.- Kabisuryanagar, Dist.- Ganjam, Odisha- 761104 state that, I have changed my minor daughter's name from **Prakruti Polei** to **Ayesha Polei**. Henceforth she will be known as **Ayesha Polei** for all future purposes.

**AFFIDAVIT**

I, Ranjan Patel, S/o.: Umakanta Patel, Resident of Vill: Salohi, PO.: Kesaibahal, P.S.: Mahulpali, Dist: Sambalpur, PIN-768228, Odisha, declare by this affidavit No.: 568..dtd 13.06.2025 that now onwards I shall be known as RANJAN KUMAR PATEL for all future purposes.

**AFFIDAVIT**

I, Abanti Nayak, aged about 59 years, D/o- Gopinath Swain, resident of 2RA 40/4, A.I.F Colony, Sunabeda-1, Dist- Koraput, PIN-763001, Odisha declared by this affidavit No. 501, dtd- 13/06/2025 that now onwards I shall be known as **ABANTI SWAIN** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Kabisuryanagar, No.A/3 dated 10.06.2025, I, **SMT. SWAPNA BISWAL**, W/o- Ajaya Biswal resident of Vill.- E. Dengapadar, Po.- Hindala, Ps.- Kabisuryanagar, Dist.- Ganjam, Odisha- 761104, state that, my daughter's actual and correct name is **Pragati Biswal.** But in her Aadhaar Card her name has been wrongly mentioned as **Itishree Biswal**. Her name should be corrected as **Pragati Biswal**, D/o- Ajaya Biswal and Swapna Biswal.

**AFFIDAVIT**

I, Roshni, W/o.: Rajul Upadhyay, Resident of At Flat No.: 303, Block-B, Panchawati Appt., Main Road, PO./P.S.: Barbil, Dist.: Keonjhar, Odisha, declare by this affidavit No.: 159 dtd 13.06.2025 that now onwards I shall be known as ROSHNI UPADHYAY for all future purposes.

**AFFIDAVIT**

By Virtue of an affidavit before the Notary Public, Baripada, Mayurbhanj. **I, Samanta Singhar Mohanta,** S/o: Duriyodhan Mohanta, Branch Manager, Odisha Grameen Bank, Baripada Branch, At/ PO.: Baripada, PS.: Baripada Town, Dist.: Mayurbhanj. declare that, one Lalit Kumar Das, the Daily Deposit Agent of our Branch has been disengaged as per his request letter dt.20.03.2025 and the same has been granted by the Head Office, Odisha Grameen Bank vide letter No.: P&T/01/ 2025-26 dt. 02.06.2025. That, as such the depositors are hereby requested not to deposit any amount through him and his security deposit will be released within 30 days of his disengagement.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2609 dated 31.03.2025, I, **SANADHAR KHADA** , S/o- Late Rabi Khada of Vill.- Alangapada, Po.- Jalahanjar, Dist.- Koraput, Odisha declare that, I have changed my name from **SANADHAR KHADA** to **SUNADHAR KHADA.** Henceforth I shall be known as **SUNADHAR KHADA** for all purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Nabarangpur, No.4122/ 25 dated 13.06.2025, I, **SANTILATA GANTAYAT**, D/o- Gouranga Gantayat resident of Vill.- Kenduguda, Po.- Kotpad, Dist.- Koraput declare that, I have changed my name from **SANTI PATTNAYAK** to **SANTILATA GANTAYAT.** Henceforth I shall be known as **SANTILATA GANTAYAT** for all purposes.

**AFFIDAVIT**

By virtue of an affidavit no. 360/9.6.25 I, **Suchismita Nanda** W/o- Amitav Nanda R/o- Sonepur, Gokarneswarpara, Po/Ps- Sonepur, Odisha, 767017 do hereby declared That I Shall be known as **Suchismita Padhi** instead of **Suchismita Nanda** in all Purposes.
Sd/- Suchismita Padhi

**AFFIDAVIT**

By virtue of an affidavit sworn before Executive Magistrate, Panposh, Rourkela dated 30.05.2025, I, Mohammad Anwar Ansari, Address-At-Anand Bhawan Lane, Azad Mohalla, PO-Rourkela (Head Office), PS-Plantsite, Dist.- Sundargarh, Odisha, Pin-769001, declare that I have changed my daughter's name from **Neha Parween** to **Nargis Anwar.** Henceforth, she shall be known as **Nargis Anwar** for all purposes.
Sd/- MOHAMMAD ANWAR ANSARI



## ଭୁବନେଶ୍ୱର ସିଟି

# ବନସ୍ତେ ଡାକିଲା ଗଜ; ରାଜଧାନୀର ରଜ ମଉଜ



**ଭୁବନେଶ୍ୱର, ୧୪।୬(ସମିସ): ଓଡ଼ିଶାର ପାରମ୍ପରିକ ଗଣପର୍ବ ରଜକୁ ଉତ୍କଣ୍ଠାର ସହ ପାଳନ କରଛନ୍ତି ରାଜଧାନୀବାସୀ। ପହିଲି ରଜରେ ଗଳିକନ୍ଦିରେ ଦେଖିବାକୁ ମିଳିଥିଲା ବେଳେ ଖଣ୍ଡଗିରିଠାରୁ ଆରମ୍ଭ କରି ପାତ୍ରପଡ଼ା, ପଟିଆ କଲ୍ୟାଣପୁର, ନୂଆପଲ୍ଲୀ ରାବଣପୋଡ଼ି ପଡ଼ିଆ, ଆଦି ଅଞ୍ଚଳରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହିସବୁ ଅଞ୍ଚଳରେ ପିଠାପଣା ସାଙ୍ଗକୁ ବିଭିନ୍ନ ପ୍ରକାର ଦୋଳି, ଓ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀମାନଙ୍କୁ ସନ୍ଧ୍ୟାରେ ପୁରସ୍କୃତ କରାଯାଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରମୁଖ ରଜ ଉତ୍ସବ ଅବସରରେ ମୀନା ବଜାର ଥିଲା ପ୍ରମୁଖ ଆକର୍ଷଣ।**

■ ହସଖୁସି ବାଣ୍ଟିଲେ ବିଧାୟକ, ମେୟର୍
■ ଦୋଳିରେ ଝୁଲିଲେ ଝିଅବୋହୂ
■ ରଜପାନ ସହ ପୋଡ଼ପିଠା ଖାଇଲେ



## ଟ୍ୱିନ୍‌ସିଟିକୁ ମହକାଇଲା ଭୁବନେଶ୍ୱର ରଜ ମହୋତ୍ସବ

**ନନ୍ଦନକାନନ:** କଟକ ଭୁବନେଶ୍ୱର ମଧ୍ୟସ୍ଥଳରେ ଉତ୍ତର ଭୁବନେଶ୍ୱର କଲ୍ୟାଣପୁର କୁଆଖାଇ ନଦୀବନ୍ଧ କଡରେ ଥିବା ପ୍ରାକୃତିକ ମନଲୋଭା ପରିବେଶ ଭରା ଆଚ୍ଛାଦିତ ସ୍ୱସ୍ତିବନରେ ଅଷ୍ଟମ ଭୁବନେଶ୍ୱର ରଜ ମହୋତ୍ସବ ଓଡ଼ିଶାର ଗଣପର୍ବ ରଜକୁ ଢେର ମହାକାଇ ଦେଇଛି। ଏହି ଅନୁଷ୍ଠାନ ରଜ ପର୍ବ ପାଳନ ଟ୍ୱିନସିଟିରେ ଅଗ୍ରଣୀ ଭୂମିକା ନେବା ସହ ଏଠାରେ ରଜ ପର୍ବ ପାଳନ କରିବାକୁ ଉତ୍ସାହିତ କରିଛି। ଏହି ମହକରେ ଟାଣି ହୋଇ ଭୁବନେଶ୍ୱର କଟକଠୁ ଲଗେଇ କାହିଁ କେତେଦୂରରୁ ହଜାର ହଜାର ଲୋକ ଶନିବାର ଆସି ବହୁ ଉତ୍ସାହରେ ମନଭରି ରଜ ପାଳନ କରିଛନ୍ତି। ଏଠାରେ ଲାଗିଥିବା ୪୦୦ ଦୋଳିରେ ଝୁଲି ଝୁଲି ଝିଅ ବୋହୁ ମା ମାଉସୀ କିଶୋର କିଶୋରୀ ଯୁବକ ଯୁବତୀ ମନେ ମହାନ ରଜପର୍ବ କୁ ଉପଭୋଗ କରିଛନ୍ତି। ଖେଳନା, ମନୋହାରୀ ଦୋକାନରୁ ନିଜ ପସନ୍ଦର ଜିନିଷ କିଣି ନେଇଛନ୍ତି। ରଜ ପାନ, ପୋଡ଼ପିଠା ସହ ମଣ୍ଡା, ଆରିସା, କାକରା ଆଦି ସୁସ୍ୱାଦୁ ପିଠା କିଣି ଖାଇବା ଦୃଶ୍ୟ ମହାନ ଓଡ଼ିଆ ଜାତିର ଇତିହାସ ସଂସ୍କୃତି ପରମ୍ପରାକୁ ବହୁଭାବରେ ଉଜ୍ଜୀବିତ କରିଛି। ଭୁବନେଶ୍ୱର ରଜ ମହୋତ୍ସବ ଦ୍ୱାରା ଲୋକମାନଙ୍କ ଏବଂ କିଶୋର କିଶୋରୀ ସମେତ ଛୋଟ ଛୋଟ ପିଲାଙ୍କ ମଧ୍ୟରେ ଓଡ଼ିଆ ସଂସ୍କୃତି ପରମ୍ପରାର ମହାନ ଗଣପର୍ବ ରଜପର୍ବ ପ୍ରତି ଆଦର ଉତ୍ସାହ ଭରି ଦେଉଛି। ଦିନମାନରେ ଦୋକାନରୁ ଭୁବନେଶ୍ୱର ରଜ ମହୋତ୍ସବ ପାଳନ ନେଇ କମିଟି ପକ୍ଷରୁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅଷ୍ଟମ ଭୁବନେଶ୍ୱର ରଜ ମହୋତ୍ସବ ୨୦୨୫କୁ ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ କୁମାର ରାଉତ, କର୍ପୋରେଟର ମିହିର ରାଉତ, ପ୍ରୀତିନନ୍ଦା ରାଉତରାୟ, ଜିଲ୍ଲା ପରିଷଦ ବବିତା ରାଉତ, ମିନୁଶ୍ରୀ ଖୁଣ୍ଟିଆ, ମୋନାଲିସା ବେହେରା, ସରପଞ୍ଚ ଦେବରାଜ ଭୋଇ, ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ସନ୍ତୋଷ ନାଥ, ସମିତି ସଭ୍ୟ ଭୁବନ ମୋହନ ଦାସ, ସସ୍ମିତା ବରାଳ, ତୁଷାରକାନ୍ତ ପଢ଼ିଆରୀ, ବୀରେନ୍ଦ୍ର ଜେନା, ଜ୍ଞାନ ରଞ୍ଜନ ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ୪ଦିନ ଧରି ଭୁବନେଶ୍ୱର ରଜ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଆୟୋଜକ ଭୁବନେଶ୍ୱର ରଜ ମହୋତ୍ସବ ସମିତିର ବସନ୍ତ ସ୍ୱାଇଁ, ବସନ୍ତ ରଥ, ରାଜେନ୍ଦ୍ର ସ୍ୱାଇଁ, ସୁକାନ୍ତ ପରିଡ଼ା, ବିକ୍ରମ ସ୍ୱାଇଁ, ଗୋପିନାଥ ଦାଶ, ସନତ ସ୍ୱାଇଁ, ବିଚିତ୍ରାନନ୍ଦ ସ୍ୱାଇଁ ପ୍ରମୁଖ ସମେତ ଭୁବନେଶ୍ୱର ରଜ ମହୋତ୍ସବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଏହି ମହୋତ୍ସବକୁ ଆଗେଇ ନେଉଛନ୍ତି।

### ପହିଲି ରଜରେ ଆମିଷ ବଜାର ଖାଁ ଖାଁ

ଏଥର ରଜରେ ଫିକା ପଡ଼ିଛି ଆମିଷ ବେପାର। ପହିଲି ରଜ ଶନିବାର ପଡୁଥିବାରୁ ବିଭିନ୍ନ ଆମିଷ ବଜାରରେ ଖାଁ ଖାଁ ପାଲଟିଥିଲା। ଚଳିତ ବର୍ଷ ରଜ ତିନିଦିନ ଆମିଷ ବାର ପଡୁ ନ ଥିବା ବେଳେ ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ବି ରବିବାର ପଡୁଛି, ତେଣୁ ଏହି ଦିନରେ ଅଧିକାଂଶ ଆମିଷ ବଜାର ବନ୍ଦ ରହିବାର ସୂଚନା ରହିଛି।

## ପ୍ରଦର୍ଶନୀ ପଡ଼ିଆରେ ରିଲ୍‌ସ ଓ ସେଲ୍‌ଫିର ମଜ୍ଜା

ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଓଡ଼ିଶା ବିକାଶ ମେଳା ପରିସରରେ ଓଟିଡିସି ପକ୍ଷରୁ ଆୟୋଜିତ ହୋଇଛି ରଜ ମହୋତ୍ସବ-୨୦୨୫। ଏଠାରେ ପାରମ୍ପରିକ ବିଭିନ୍ନ ପିଠା ଖାଇବା ସହ ପରିବାର ସଦସ୍ୟଙ୍କ ପାଇଁ ମଧ ନେଇଥିବା ଦେଖିବାକୁ ମିଳିଥିଲା। ଏଠାରେ ଦୋଳିଗୁଡ଼ିକ ଫୁଲରେ ସଜାଯାଇଥିବାରୁ ସମସ୍ତେ ଏଠାରେ ରିଲ୍‌ସ ଓ ସହ ଫଟୋ ମଧ ଉଠାଇଥିଲେ। ଉତ୍ସବର ପ୍ରଥମ ଦିନରେ ୫ଶହରୁ ଊର୍ଦ୍ଧ୍ୱ ମହିଳା ଏଠାରେ ରଜ ପାଳନ କରିଛନ୍ତି। ସେହିପରି 'ପିଠା ଅନ୍ ହ୍ୱିଲ୍' ମାଧ୍ୟମରେ ବିଭିନ୍ନ ଛକରେ ପିଠା ବିକ୍ରି ଆରମ୍ଭ ହୋଇଛି। ସେହିଭଳି ଖଣ୍ଡଗିରି ନିକଟରେ ଚାଲିଥିବା ରଜ ଉତ୍ସବରେ ଲାଗିଥିବା ଦୋଳିର ମଜା ନେଇଥିଲେ ସ୍ଥାନୀୟ ଅଞ୍ଚଳବାସୀ। ନିକଟରେ ଥିବା ଖଣ୍ଡଗିରି ପାହାଡ଼ ବୁଲିବାକୁ ଆସିଥିବା ବଙ୍ଗୀୟ ପର୍ଯ୍ୟଟକ ମଧ୍ୟ ଏଠାରେ ସାମିଲ ହୋଇ ରଜ ମଉଜ କରିଥିଲେ।

ଚଳିତବର୍ଷ ପାତ୍ରପଡ଼ାରେ ପାତ୍ରପଡ଼ା-ଭଗବାନପୁର ଯୁବ ବାହିନୀ ଓ ମହାରାଜା କ୍ରିକେଟ୍ ଆସୋସିଏସନ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି ରଜ ଉତ୍ସବ। ୪ ଦିନିଆ ଉତ୍ସବରେ ଲାଗିଛି ୧୫୦ରୁ ଅଧିକ ଦୋଳି। ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସହ, ବିଧାୟକ, ସ୍ଥାନୀୟ କର୍ପୋରେଟର ଉଦ୍‌ଘାଟନ କରିଛନ୍ତି। ଏହାସହ ଝିଅମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ମେହେନ୍ଦି ପ୍ରତିଯୋଗିତା।

ପଟିଆସ୍ଥିତ ଏଲ୍ଏ ଲନ୍ ଠାରେ 'ପଟିଆ ଗଡ଼ ରଜ ଉତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ଅଭୟ ବଡଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ୩ ନମ୍ବର ନଂ ୱାର୍ଡର କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା, ପଟିଆ ଗ୍ରାମର ଯୁବନେତା ତଥା କର୍ପୋରେଟର ମିହିର କୁମାର ରାଉତ, କବୟିତ୍ରୀ ଲଳିତା ଜେନା ଯୋଗ ଦେଇଥିଲେ। ଏଠାରେ ୧୫ ଓ ୧୬ ରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମକୁ ମନୋଜ ତ୍ରିପାଠୀ ଓ ନବକିଶୋର ଜେନା ପରିଚାଳନା କରିଥିଲେ।

ଗୀତଗୋବିନ୍ଦ ସଦନ ଠାରେ ସମ୍ଭାବନା ପକ୍ଷରୁ 'ରଜ ମଉଜ' ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଓଡ଼ିଆଣୀମାନେ ସ୍ୱରଚିତ କବିତା ଓ ସଙ୍ଗୀତ ଗାନ କରିଥିଲେ। ତ୍ରୁଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ପୋଡ଼ପିଠା ଓ ରଜ ପାନର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରାକ୍ତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହିଳାମାନେ ପଲ୍ଲିଗୀତ ସହ ମନଛୁଆଁ ଓଡ଼ିଆ ସଙ୍ଗୀତ ପରିବେଷଣ କରିଥିଲେ।

ନୂଆପଲ୍ଲୀ ରାବଣ ପୋଡ଼ି ପଡ଼ିଆରେ ଅନୁଷ୍ଠିତ ମହୋତ୍ସବରେ ମହିଳାମାନେ ନିଜ ନିଜ ହାତ ତିଆରି ପିଠା ପଣା ସାଙ୍ଗକୁ ବିଭିନ୍ନ ଖାଦ୍ୟ ପରିବେଷଣ କରିଥିଲେ। ସେହିପରି ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବ ପରିସରରେ ରାମ ଦୋଳି, ବ୍ରେକ୍ ଡ୍ୟାନ୍ସ, ବେଲୁନ ଦୋଳି, ଡ୍ରାଗନ୍ ଦୋଳିର ମଜା ନେବା ସହ ମୀନା ବଜାରର ପ୍ରବଳ ଗହଳି ଜମିଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।







## ସୋଆରେ ରଜପିଠା ପ୍ରତିଯୋଗିତା

ଭୁବନେଶ୍ୱର, ୧୪।୬(ସମିସ): ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍ଥାନୀୟ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ଏଚ୍ଏମ୍) ପକ୍ଷରୁ ରଜ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଝିଅ ଓ ମହିଳାମାନେ ପ୍ରସ୍ତୁତ କରି ଆଣିଥିବା ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଚାରକ ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି, ଛପନ ଭୋଗର ପ୍ରତିଷ୍ଠାତା ସତ୍ୟବ୍ରତ ମହାନ୍ତି, ସେଫ୍ ସତ୍ୟସୌଭନ ଲେଙ୍କା ଓ ପ୍ରଫେସର ପତିତପାବନ ଲେଙ୍କା ଖାଦ୍ୟର ମାନ ନିରୂପଣ କରିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗଦେଇ ଥିଲେ। ଏହି ଅବସରରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ଡ. ଅଂଶୁମାନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ମଶାଲ ପକ୍ଷରୁ ରଜ ମହୋତ୍ସବ

'ମଶାଲ' ଅନୁଷ୍ଠାନ ପକ୍ଷରୁ ୨୫ ତମ ରାଜ୍ୟସ୍ତରୀୟ ରଜ ମହୋତ୍ସବ ଉତ୍କଳ ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରଜ ଦୋଳି ଓ ପାନ ସାଙ୍ଗକୁ ମୁଖ୍ୟ ଆକର୍ଷଣ ପାଲଟିଥିଲା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ। ଇଜେଡସିସି



କୋଲକତା ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାଦ୍ୟ ମେଳା, ପାନ ଷ୍ଟଲ, ଦୋଳି, ପିଠା, ପଣାର ସମ୍ଭାର ଦେଖିବାକୁ ମିଳିଥିଲା। ପ୍ରଥମ ପର୍ଯ୍ୟାୟକୁ ସମାଜସେବୀ ପବିତ୍ର କୁମାର ରାଉତରାୟ ଉଦ୍‌ଘାଟନ କରିବା ପରେ ଓଡ଼ିଶାରେ ବୌଦ୍ଧ ସ୍ଥଳୀଗୁଡ଼ିକ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହା ସାଙ୍ଗକୁ କଣ୍ଢେଇ ନାଚ, ଘୋଡ଼ା ନାଚ, ଶ୍ରେଷ୍ଠ ଓଡ଼ିଆଣୀ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହିଳା ସାମାଜିକ କର୍ମୀ ଶୁଭସ୍ମିତା ପଣ୍ଡାଙ୍କୁ ମଶାଲ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କୁ ନୃତ୍ୟ-ଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଓଡ଼ିଆ ଭୋକାଲିଷ୍ଟ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ଚଳଚ୍ଚିତ୍ର ନିର୍ମାତା ଶ୍ରୀକାନ୍ତ ଗୌତମ, ଅଭିନେତା କୁନା ତ୍ରିପାଠୀ, ହରିହର ମହାପାତ୍ର, ସଙ୍ଗୀତ ନାଟକ ଏକାଡ଼େମୀ ସଚିବ ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗ ଦେଇଥିଲେ। ମଶାଲ'ର ସଭ୍ୟ ସଚିବ ଶ୍ୟାମ ସୁନ୍ଦର ପାଢ଼ୀଙ୍କ ସଭାରେ ଅଧ୍ୟକ୍ଷତାରେ କରିଥିବାବେଳେ ନିର୍ଦ୍ଦେଶକ ସନ୍ଦୀପ କୁମାର ରଥ ଧନ୍ୟବାଦ ଦେଇଥିଲେ।

## ସ୍ନେହ ପକ୍ଷରୁ 'ରଜ ଉତ୍ସବ-୨୦୨୫'



ସୋସାଇଟି ଫର ନେଚର, ଏଜୁକେଶନ ଏକ ହେଲ୍ଥ ବା ସ୍ନେହ ଅନୁଷ୍ଠାନ ପକ୍ଷରୁ ସାଲିଆସାହି ସ୍ଥିତ ମେଫେୟାରନଗରରେ ରଜପର୍ବ 'ରଜ ଉତ୍ସବ-୨୦୨୫' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଲିଆସାହି ବସ୍ତିର ପ୍ରାୟ ୨୦୦ କିଶୋର କିଶୋରୀ ଏବଂ ମହିଳା ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମଟି ବର୍ଷରେ ବାସ୍ତିରେ ବାସକରୁଥିବା ଯୁବତୀ ଏବଂ ମହିଳାମାନଙ୍କର ଲୁକ୍କାୟିତ ପ୍ରତିଭା ଏବଂ ଆତ୍ମବିଶ୍ୱାସ ବିକାଶ ଲକ୍ଷ୍ୟ ନେଇ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଓଡିଆ ସିନେତାରକା ଉଷସୀ ମିଶ୍ର, ଦିପା ମିଶ୍ର, ଏନ୍ ଜି ରେଡି, ସାମାଜିକ କର୍ମୀ ଏବଂ କର୍ପୋରେଟର ଯୋଗଦେଇଥିଲେ। ନିଭିନ୍ନ ପ୍ରକାରର ପ୍ରତିଯୋଗିତା ଯଥା - ପିଠା ତିଆରି, ରଜ ସଜବାଜ, ମେହେନ୍ଦି, ପ୍ରତିଶା, ଡମସର ଆର୍ଟ ଆଦିର ଆୟୋଜନ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବକୁ ଉତ୍ସବ ମୁଖର କରିଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଖେଳାଳିମାନଙ୍କୁ ସ୍ନେହ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସଭାନେତ୍ରୀ ସୁବର୍ଣ୍ଣା ଘୋଷ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ମଦନପୁରରେ ରଜ ମହୋତ୍ସବ



**ବଡ଼ରଘୁନାଥପୁର:** ଭୁବନେଶ୍ୱର ଉପକଣ୍ଠ ମଦନପୁର ହାଇସ୍କୁଲ ପଡ଼ିଆରେ ମଦନପୁର ନବଜ୍ୟୋତି କ୍ଲବ ମଦନପୁର ଆନୁକୂଲ୍ୟରେ ଧୁମ୍ ଧାମରେ ରଜ ମହୋତ୍ସବ ପାଳିତ ହୋଇଛି। ଏହି ରଜ ମହୋତ୍ସବରେ ୧୦୦ଟି ରଜ ଦୋଳି ଲାଗିଥିବା ବେଳେ ମୀନା ବଜାର ପଡ଼ିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବିଭିନ୍ନ ପ୍ରକାର ଖେଳ ଏବଂ ବିଭିନ୍ନ ପ୍ରକାର ନୃତ୍ୟକୁ ଶହ ଶହ ଦର୍ଶକ ଦେଖିବା ସହ ମଜା ନେଇଥାଆନ୍ତି। ଆଜିର ରଜ ମହୋତ୍ସବ ରେ ମୁଖ୍ୟ ଅତିଥି ରୂପେ ଜଟଣୀ ନିର୍ବାଚନ ମଣ୍ଡଳୀ ର ବିଧାୟକ ବିଭୁତି ଭୁଷଣ ବଳବନ୍ତରାୟ, ପୂର୍ବତନ ଜିଲ୍ଲା ପରିଷଦ ଏବଂ ମଦନପୁର ଗ୍ରାମ ପଞ୍ଚାୟତ ର ସମିତି ସଭ୍ୟ ଅଜିତ ସାମନ୍ତରାୟ ଅତିଥି ରୂପେ ଯୋଗଦେଇ ଥିଲେ।

## ଚଉଷଠୀ ଯୋଗିନୀ ପୀଠରେ ରଜ ଉତ୍ସବ



**ବାଲିଅନ୍ତା:** ହୀରାପୁର ଚଉଷଠୀ ଯୋଗିନୀ ପୀଠ ପରିସରରେ ରଜ ମଉଜ ଫାଉଣ୍ଡେସନ ଆନୁକୂଲ୍ୟରେ ୮ମ ବାର୍ଷିକ ରଜ ମଉଜ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ଝିଅମାନଙ୍କ ପାଇଁ ୨ଟି ବିଭାଗରେ ନାଚ, ରଜ ଗୀତ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨୪ ଜଣଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଜିଲ୍ଲା ପରିଷଦ କୁନମୁନ ଲେଙ୍କା, ସମାଜସେବୀ ଚକ୍ରଧର ନାୟକ, ଧୀରେନ୍ଦ୍ର ମିଶ୍ର, ଅଶୋକମହାପାତ୍ର, ଜୟିରାମସ୍ୱାଇଁ, ଦିଲ୍ଲୀପପାତ୍ରରଜଫାଉଣ୍ଡେସନରଉପଦେଷ୍ଟା, ରବୀନ୍ଦ୍ର ନାଥ ନାୟକ, ସଭାପତି ଆନନ୍ଦ କୁମାର ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ଯୋଗ ଦେଇଥିଲେ। ସଭା ପରିଚାଳନା କରିଥିଲେ ରବୀନ୍ଦ୍ରନାଥ ନାୟକ।

## ଧଉଳିରେ ରଜ ମହୋତ୍ସବ

**ଧଉଳି:** ଓଡ଼ିଶାର ଗଣପର୍ବ ରଜରେ ଏକାମ୍ର ଶାନ୍ତିସ୍ତୂପ ଧଉଳି ଗିରିରେ ପର୍ଯ୍ୟଟକମାନଙ୍କ ବହୁ ସଂଖ୍ୟାରେ ଭିଡ ପରିଲକ୍ଷିତ ହେଉଥିଲା। ସେହିପରି ଧଉଳି ଗୋପୀନାଥପୁରସ୍ଥିତ ମା' ଦକ୍ଷିଣ ଚଣ୍ଡୀ ମହାସଂଘ ଓ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ମିଳିତ ଆନୁକୂଲ୍ୟରେ ୯ମ ରଜ ମହୋତ୍ସବ ଆରମ୍ଭ ହୋଇଯାଇଛି। ଏହି ରଜ ମହୋତ୍ସବ ୩ ଦିନ ଧରିଚାଲିବ। ଏହି ଅବସରରେ କାପୋକର ଅଧ୍ୟକ୍ଷ



ସଂଗ୍ରାମ କେଶରୀ ପାଇକରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ରଜଉତ୍ସବଟିକୁ ଉଦଘାଟନ କରିଥିଲେ। ସମାଜସେବୀ ରବୀନ୍ଦ୍ର କୁମାର ପାତ୍ର, ଆଇନଜୀବୀ ସୂର୍ଯ୍ୟକାନ୍ତ ସାହୁ ସମ୍ପାଦିକା ରଶ୍ମୀପ୍ରଭା ସାମନ୍ତରାୟ, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୂପମା ସାହୁ ଯୋଗଦେଇଥିଲେ।

ଉକ୍ତ ମହୋତ୍ସବରେ ଗ୍ରାମର କୁମାରୀ ଓ ମହିଳାମାନେ ରଜ ଦୋଳି ଖେଳିବା ସହିତ ବିଭିନ୍ନ ପ୍ରକାର ପ୍ରତିଯୋଗିତା ସହିତ ରଜ ପାନ, ବିଭିନ୍ନ ପ୍ରକାର ପିଠା ଖାଇ ରଜର ଆନନ୍ଦ ନେଇଥିଲେ। ବାଲକାଟି ଭାର୍ଗବୀ ନଦୀସ୍ଥିତ ମା ହାଣ୍ଡି ଶାଳ ଜଙ୍ଗଲରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଆୟୋଜିତ ୮-୧୨ ଟି ସୁସଜ୍ଜିତ ଦୋଳି ସହ ବିଭିନ୍ନ ଆଲୋକ ମାଳାରେ ସଜାଇ ରଜ ମଉଜ ଉତ୍ସବଟିକୁ ଅଞ୍ଚଳର କୁମାରୀ, ମହିଳାମାନେ ଯୋଗ ଦେଇ ରଜ ପାନଖାଇ, ଗୀତ ତାଳରେ ଦୋଳି ଖେଳିବାର ଆନନ୍ଦ ମଧ୍ୟ ନେଇଥିଲେ।



### ଅବ୍ୟବସ୍ଥା ଭିତରେ ଅଭିନ୍ନ ଚନ୍ଦ୍ର ହୋମିଓପାଥି ହସ୍ପିଟାଲ

# ବାହାରେ ଡାକ୍ତର, ପ୍ରେସ୍କ୍ରିପ୍ସନ୍ ଲେଖୁଛନ୍ତି ଇନ୍‌ଟର୍ଣ୍ଣ !

ଭୁବନେଶ୍ୱର, ୧୪।୬(ସମିସ)

ୟୁନିଟ୍-୪ସ୍ଥିତ ଡା. ଅଭିନ୍ନ ଚନ୍ଦ୍ର ହୋମିଓପାଥି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଦିନକୁ ଦିନ ଅବ୍ୟବସ୍ଥା ଭିତରକୁ ଠେଲି ହୋଇଯାଉଛି। ହସ୍ପିଟାଲରେ ଓପିଡି ରହିଛି, ହେଲେ ଡାକ୍ତରଙ୍କ ଦେଖାମିଳୁନି। ଓପିଡିରେ ରୋଗୀ ଦେଖା ସମୟରେ କେତେକ ଡାକ୍ତର ରୋଗୀ ନ ଦେଖି ବାହାରେ ବୁଲୁଛନ୍ତି। ଅଧିକାଂଶ ସମୟରେ ଡାକ୍ତର ନ ଥିବାରୁ ଓପିଡି ଫାଙ୍କା ପଡୁଛି। ରୋଗୀ ଚିକିତ୍ସା ନ ପାଇ ଫେରୁଛନ୍ତି।

ହସ୍ପିଟାଲର କିଛି ଡାକ୍ତର ନିୟମିତ ଭାବେ ଓପିଡିରେ କେମିତି ଉପସ୍ଥାନ ଜାହିର କରି ହସ୍ପିଟାଲ ପରିସରରୁ ଚମ୍ପଟ ମାରିବେ ସେହି ଚିନ୍ତା ରହୁଛନ୍ତି। ରୋଗୀ ଦେଖିବା ନାମରେ ହସ୍ପିଟାଲକୁ ଆସୁଛନ୍ତି ହେଲେ କେବଳ ଉପସ୍ଥାପନା ଜାହିର କରି ବାହାରେ ଯାଇ ନିଜ କାମ କରୁଛନ୍ତି। ଧରା ନ ପଡ଼ିବା ଭୟରେ ଇନ୍‌ଟର୍ଣ୍ଣ ପିଲାଙ୍କୁ ଓପିଡି ଦାୟିତ୍ୱ ଦେଇ ଚାଲିଯାଉଛନ୍ତି। ଏଠାରେ ଇନଟର୍ଣ୍ଣ ପିଲା ରୋଗୀ ଦେଖୁଛନ୍ତି। ରୋଗୀମାନଙ୍କୁ ଚିକିତ୍ସା ବତାଉଛନ୍ତି। ଏହାସହ ପ୍ରେସ୍କ୍ରିପ୍ସନ୍ ବି ନିଜେ ଲେଖୁଛନ୍ତି। ଇନ୍‌ଟର୍ଣ୍ଣ ପିଲାଙ୍କ ଅଭିଜ୍ଞତା ଦୃଷ୍ଟିରୁ ସେମାନଙ୍କୁ ଏଭଳି କରିବାକୁ ମେଡିକାଲ ସର୍କୁଲାରରେ ବାରଣ କରାଯାଇଛି। ଇନ୍‌ଟର୍ଣ୍ଣ ଛାତ୍ରଛାତ୍ରୀ ଚିକିତ୍ସା




କଲେ କିମ୍ବା ଔଷଧ ଲେଖିଲେ ଚିକିତ୍ସାଗତ ତ୍ରୁଟି ହେବାର ସମ୍ଭାବନା ରହିଛି। ରୋଗୀଙ୍କ ପ୍ରତି ଏହା ବିପଦ ସୃଷ୍ଟି ହୋଇପାରେ। ହସ୍ପିଟାଲର ଡାକ୍ତରମାନେ ଏହାଜାଣି ମଧ୍ୟ ସର୍କୁଲାର ନିୟମକୁ ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହୋଇଛି। ହସ୍ପିଟାଲ କର୍ତ୍ତୃପକ୍ଷ ମଧ୍ୟ ଏସବୁ ଦେଖି ସମ୍ପୂର୍ଣ୍ଣ ଭାବେ ନିରବଦ୍ରଷ୍ଟା ପାଲଟିଛନ୍ତି। ଇନଟର୍ଣ୍ଣ ପିଲାଙ୍କ ଭାଗ୍ୟ ଆଉ ଭବିଷ୍ୟତ ଏହି ଡାକ୍ତାରମାନଙ୍କ ହାତରେ ଥିବାରୁ ଏସବୁ କରିବାକୁ ସେମାନେ ବାଧ ହେଉଥିବା ଅଭିଯୋଗ ହେଉଛି।

ସେଣ୍ଟ୍ରାଲ ହୋମିଓପାଥି କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ସର୍କୁଲାର ଅନୁଯାୟୀ, ଛାତ୍ରଛାତ୍ରୀମାନେ ପାଠପଢ଼ା ଶେଷ କରିବା ପରେ ସେମାନେ ଗୋଟିଏ ବର୍ଷ ପାଇଁ କୌଣସି ବିଭାଗର ମୁଖ୍ୟ କିମ୍ବା ରେସିଡେଣ୍ଟାଲ ଡାକ୍ତରଙ୍କ ଅଧୀନରରେ ରହି ଶିକ୍ଷା ଗ୍ରହଣ କରନ୍ତି। ଇନ୍‌ଟର୍ଣ୍ଣମାନଙ୍କ କାର୍ଯ୍ୟରେ ହୋମିଓପାଥି ହସ୍ପିଟାଲର ଅଧକ୍ଷଙ୍କୁ ଚିକିତ୍ସା କରିପାରିବେ ବୋଲି ଆତ୍ମସନ୍ତୋଷ ମିଳିବା ପରେ ହିଁ ଛାତ୍ରଛାତ୍ରୀଙ୍କୁ ମେଡିସିନ୍ ଏବଂ ସର୍ଜରୀରେ ବ୍ୟାଚଲର ଡିଗ୍ରୀ ମିଳିଥାଏ। କିନ୍ତୁ ଏହି ସମୟ ମଧ୍ୟରେ ଏହି ଛାତ୍ରଛାତ୍ରୀମାନେ କୌଣସି ଚିକିତ୍ସା ସୁପାରିସ କରିପାରିବେନି। ଏହାସହ କୌଣସି ମେଡିକାଲ ଡକ୍ୟୁମେଣ୍ଟ୍ ଇସ୍ୟୁ କରିପାରିବେ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ହେଲେ ଏହି ନିୟମକୁ ହସ୍ପିଟାଲ ପରିସରରେ ନିୟମିତ ଭାବେ ଉଲ୍ଲଙ୍ଘନ କରାଯାଉଛି। ଇନ୍‌ଟର୍ଣ୍ଣମାନେ ରୋଗୀଙ୍କୁ ଚିକିତ୍ସା ବତାଉଛନ୍ତି ଏବଂ ନିଜ ହସ୍ତାକ୍ଷରରେ ପ୍ରେସ୍କ୍ରିପ୍ସନ ଲେଖୁଛନ୍ତି। ହସ୍ପିଟାଲ ପରିସରରେ ମୋଟ୍ ୧୬ଟି ଓପିଡ଼ି ରହିଛି। ଅଧିକାଂଶ ଓପିଡିରେ ଡାକ୍ତରଙ୍କ ଅନୁପସ୍ଥିତିରେ ଇନ୍‌ଟର୍ଣମାନେ ପାରାଲିସିସ୍, ଉଚ୍ଚ ରକ୍ତଚାପ, ଆଣ୍ଠୁଗଣ୍ଠି ବାତ, ଚର୍ମ ରୋଗ ଏବଂ ଶିଶୁ ରୋଗୀ ଭଳି ସମ୍ବେଦନଶୀଳ ରୋଗର ବେଆଇନ୍ ଭାବେ ଚିକିତ୍ସା ପ୍ରଦାନ କରୁଛନ୍ତି। ଏନେଇ ହସ୍ପିଟାଲ ଅଧକ୍ଷା ପୁଷ୍ପାଞ୍ଜଳୀ ପାତ୍ରଙ୍କ ସହ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା।

## ବିଜେଡି ପକ୍ଷରୁ ବଳରାମ ଦାସଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୪।୬(ସମିସ): ସନ୍ଥ କବି ବଳରାମ ଦାସଙ୍କ ଜୟନ୍ତୀ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଞ୍ଜକଳା ମଣ୍ଡପଠାରେ ଅବସ୍ଥିତ ବଳରାମ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳ ତାଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ସଭାରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଗଣେଶ କୁମାର ପ୍ରଧାନ, ମନୋରଞ୍ଜନ ମହାନ୍ତି, ବିଶ୍ୱ ରଞ୍ଜନ କୁଣ୍ଡୁ, ପ୍ରାଧାପକ ରମେଶ ଚନ୍ଦ୍ର ପାତାଳ ସିଂ, ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ରକ୍ତଦାତା ଦିବସରେ ପ୍ରେରଣା ଓ ସଚେତନତାର ବାର୍ତ୍ତା ବାଣ୍ଟିଲେ ହାଇଟେକ୍ ବିଦ୍ୟାର୍ଥୀ




ଭୁବନେଶ୍ୱର, ୧୪।୬(ସମିସ): ବିଶ୍ୱ ରକ୍ତଦାତା ଦିବସ ଅବସରରେ ଓଡ଼ିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହାଇଟେକ ଗ୍ରୁପର ପ୍ରତିଷ୍ଠାତା ଅଧକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କ ଆହ୍ୱାନରେ ହାଇଟେକ୍ ଶିକ୍ଷାସମୂହ ଅନୁଷ୍ଠାନ ଯଥା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଡେଣ୍ଟାଲ କଲେଜ, ଫିଜିଓଥେରାପି କଲେଜ ନର୍ସିଂ କଲେଜ ଓ ବିଜ୍ଞାନ ମହାବିଦ୍ୟାଳୟର ଦୁଇସହ ପଚାଶ ବିଦ୍ୟାର୍ଥୀ ଶନିବାର ଭୁବନେଶ୍ୱର ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଏକ ବିଶାଳ ସଚେତନତା ପଦଯାତ୍ରା କରି ଯାତାୟତ ପଥିକଙ୍କୁ ରକ୍ତଦାନର ମହାପୁଣ୍ୟ ଓ ରକ୍ତଦାନ କରି ଅନ୍ୟର ଜୀବନ ରକ୍ଷା କରିବା ପାଇଁ ବୁଝାଇଥିଲେ। ଏଥିସହ ପ୍ରତ୍ୟେକ ମଣିଷ ନିଜ ଜୀବନ କାଳ ମଧ୍ୟରେ ଅନ୍ୟୁନ ଗୋଟିଏ ଥର ରକ୍ତଦାନ କରିବାକୁ ନିବେଦନ କରିଥିଲେ। ଏହି ରକ୍ତଦାତା ସଚେତନତା ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ହାଇଟେକ ଫାର୍ମାସୀ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡକ୍ଟର ପ୍ରସନ୍ନ କୁମାର କର ହାଇଟେକ ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ଡକ୍ଟର ଚିତ୍ତରଞ୍ଜନ ସାହାଣୀ, କ୍ରୀଡା ଅଧିକାରୀ ସୁରେଶ୍ କୁମାର ନାୟକ, ସତ୍ୟ ବିପ୍ଳବ ମିଶ୍ର ଯୋଗ ଦେଇଥିଲେ। ହାଇଟେକ୍ ବ୍ଲକବ୍ୟାଙ୍କର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଜ୍ୟୋତି ମିତ୍ର ଡକ୍ଟର ପ୍ରତ୍ୟୁଷ ବେହେରା ଡକ୍ଟର ରଶ୍ମିରଞ୍ଜନ ସାହୁ ଓ ପ୍ରାଶାସନିକ ଅଧିକାରୀ ଡକ୍ଟର ଗୋପେଶ୍ୱର ଆଚାର୍ଯ୍ୟ ଅଖିଳ କୁମାର ପାଣିଗ୍ରାହୀଙ୍କ

## ଦୟାପଠାରେ ରଜ ମହୋତ୍ସବ

ଧଉଳି, ୧୪।୬(ସମିସ): ଧଉଳି ବିକାଶ ମଞ୍ଚ ପକ୍ଷରୁ ମଧ ଶାନ୍ତିସ୍ତୂପ ଧଉଳି ପାଦଦେଶ ଦୟାନଦୀ ପଠାରେ ପ୍ରଥମ ରଜ ମହୋତ୍ସବ ପାଳିତ ହୋଇଯାଇଛି। ମଞ୍ଚର ଉପଦେଷ୍ଟା ରବୀନ୍ଦ୍ର ପାତ୍ର ଏବଂ ଆବାହକ ଚିନ୍ମୟ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟଅତିଥିଭାବେ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, କାପୋକର ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଆଲୋକ ନାୟକ, ମାନସ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରାରେ ରଜ ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ରଜ ଉତ୍ସବ। ବିଭିନ୍ନତା ମଧ୍ୟରେ ଏକତା ସୃଷ୍ଟି କରେ ଏହି ଉତ୍ସବ ବୋଲି ଅଭିହିତ କରିଥିଲେ। ଏହି ଅବସରରେ ୩୦ ଟି ଦୋଳି ପ୍ରସ୍ତୁତି କରାଯାଇଥିବା ବେଳେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ସୁଜ୍ଞାନୀ ମହାପାତ୍ର ଆଦି କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ଦର୍ଶକଙ୍କୁ ମତୁଆଲା କରିଥିଲା।

## ଓଗାଳପଡ଼ାରେ ଅଦିନିଆ ଝାମୁଯାତ୍ରା

ଯାଁଳା, ୧୪।୬(ସମିସ): ରଜରେ ଝାମୁଯାତ୍ରା। ଏମିତି ଏକ ଅଦିନିଆ ଝାମୁଯାତ୍ରା ପାଇଁ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ଓଗାଳପଡ଼ାସ୍ଥିତ ମୃଗେଶ୍ୱର ମହାଦେବଙ୍କ ପୀଠ ଉତ୍ସବ ମୁଖର ହୋଇଉଠିଥାଏ। ଶନିବାର ମୃଗେଶ୍ୱରଙ୍କ ପୀଠରେ ପାରମ୍ପରିକ ଭାବରେ ଆରମ୍ଭ ହୋଇଛି ଏହି ଯାତ୍ରା। ମହା ବିଷୁବ ସଂକ୍ରାନ୍ତିର ଭଳି ଓଗାଳପଡ଼ା ଝାମୁଯାତ୍ରା ମଧ୍ୟ ପାଳିତ ହୁଏ। ଏଥିରେ ବି ପାଟୁଆ ମାନେ ନିଜ ନିଜର ମାନସିକ କରି ମୃଗେଶ୍ୱରଙ୍କ ପୀଠରେ ୫ ଦିନ ପୂର୍ବରୁ ରହିଥାଆନ୍ତି। ମାନସିକଧାରୀ ମାନେ ଏହି ପୀଠରେ ରହି ଝାମୁ ଚାଲିଲେ ନିଜର ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ଅଦିନିଆ ଝାମୁଯାତ୍ରା ପ୍ରାୟ ୭୫ ବର୍ଷ ଧରି ଏଠାରେ ପାଳିତ ହୋଇଆସୁଛି।

- କଣ୍ଟାରେ ଗଡ଼ିଲେ, ନିଆଁରେ ଝୁଲିଲେ
- ଆଜି ନିଆଁରେ ଚାଲିବେ ପାଟୁଆ



ଶନିବାର ଓଘୋରତପ ପର୍ବ। ଚଳିତ ବର୍ଷ ଆଖପାଖ ଅଞ୍ଚଳର ପ୍ରାୟ ୩୦ ଜଣ ପାଟୁଆ ବ୍ରତ ଧାରଣ କରି ନିଷ୍ଠାର ସହ ରହିଥିଲେ। ପହିଲି ରଜ ଅବସରରେ ପାଟୁଆମାନେ ସ୍ନାନ କରି ମନ୍ଦିର ବେଢ଼ାରେ କଣ୍ଟାରେ ଗଡ଼ିଥିଲେ। ପରେ ବେଢ଼ା ପରିସରରେ କରାଯାଇଥିବା ଅଘୋରତପ କୁଣ୍ଡରେ ଜଣେ ମାନସିକଧାରୀ ନିଆଁରେ ଝୁଲିଥିଲେ। ଆସନ୍ତା କାଲି ରଜ ସଂକ୍ରାନ୍ତି ଅବସରରେ ପାଟୁଆମାନେ ନିଆଁରେ ଝାମୁ ଚାଲିବା ପରେ ବ୍ରତ ସମାପନ କରିବେ।

## ସାହିତ୍ୟିକଙ୍କୁ ମିଳିଲା କୋଠଘର ସମ୍ମାନ

ଭୁବନେଶ୍ୱର, ୧୪।୬(ସମିସ): କୋଠଘର ଆମ ସାହିତ୍ୟ ପରିବାରର ସପ୍ତମ ବାର୍ଷିକ ଉତ୍ସବ ଗୀତଗୋବିନ୍ଦ ସଦନରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରଜମହୋତ୍ସବ ମଧ ପାଳିତ ହୋଇଛି। ସଭାପତି ଆଶୁତୋଷ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର, କାଦମ୍ବିନୀର ସମ୍ପାଦିକା ଡ. ଇତିରାଣୀ ସାମନ୍ତ, ପ୍ରାକ୍ତନ ପ୍ରଧାପିକା, ଡ. ପ୍ରତିଭା ମହାରଥୀ, କଣ୍ଠଶିଳ୍ପୀ ସୁଶ୍ରୀ ଶୈଳଭାମା, କୋଠଘର ସମ୍ପାଦିକା ଅମ୍ବିକା ସ୍ୱାଇଁ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୋଠଘର ପତ୍ରିକା ସମେତ ୧୨ଜଣ କବି, ଲେଖକଙ୍କର ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହାସହ ଲେଖକ ରବି ସ୍ୱାଇଁଙ୍କୁ ଶୈଳବାଳା ବିମ୍ବାଧର ସ୍ମୃତି ସମ୍ମାନ, ସୂର୍ଯ୍ୟ ମିଶ୍ରଙ୍କୁ କୋଠଘର ଶ୍ରେଷ୍ଠ କବି ସମ୍ମାନ, ଜ୍ଞାନ ଚାନ୍ଦ ଶତପଥୀଙ୍କୁ ଶ୍ରେଷ୍ଠ ସଂଗଠକ ଓ ଶିକ୍ଷାବିତ୍ ସମ୍ମାନ, ଅରୁଣ କୁମାର ବିଶ୍ୱାଳଙ୍କୁ ଶ୍ରେଷ୍ଠ କବିତା ସମ୍ମାନ, ଡ. ସୁଚେତା ରାଉତଙ୍କୁ କୋଠଘର ପ୍ରବନ୍ଧ ସମ୍ମାନ, କାନନ ବାଳା ପଟ୍ଟନାୟକଙ୍କୁ କୋଠଘର ଅନୁବାଦ ସମ୍ମାନ, ବିଦ୍ୟୁତ୍‌ଲତା ଦାସଙ୍କୁ ସୁରେଖା କୁମର ସ୍ମୃତି ସମ୍ମାନ, ଅଲେଖ ଚରଣ ରାଉତଙ୍କୁ ନିର୍ମଳ ତ୍ରିପାଠୀ ଗୀତିକବି ସମ୍ମାନ ପ୍ରଦାନ କରାଯାଇଥିଲା। ଏହାସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା। ପ୍ରାରମ୍ଭରେ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ହିମାଦ୍ରୀ ତନୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାରୱାଡି ଯୁବ ମୋର୍ଚ୍ଚା ପକ୍ଷରୁ ୫୨ ୟୁନିଟ ରକ୍ତ ସଂଗ୍ରହ

ଭୁବନେଶ୍ୱର, ୧୪।୬(ସମିସ): ଭୁବନେଶ୍ୱର ତେରାପନ୍ଥ ଭବନରେ ମାରୱାଡି ଯୁବ ମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ନିରଞ୍ଜନ ବିଶି, ଅତିଥି ଭାବେ ଜଗନ୍ନାଥ ପ୍ରଧାନ, ବିଷ୍ଣୁ ପ୍ରସାଦ କେଡ଼ିଆ, ଏମ୍‌ୱାଇଏମ୍ ସଭାପତି ଗୀତାଞ୍ଜଳି କେଜିରୱାଲ, ବ୍ଲଡ଼ କନଭେନର ସିମରନ ଅଗ୍ରୱାଲ, ବ୍ଲଡ଼ କମିଟି ଚେୟାରମାନ ମୁକେଶ ବାଗେରିଆ, ଆଇପିପି ସାକେତ ଅଗ୍ରୱାଲ, ହରିଶ ଅଗ୍ରୱାଲ, ମୁନାଲାଲ ଅଗ୍ରୱାଲ, ରାମଶଙ୍କର ରୁଙ୍ଗଟା, କୋମଳ ଅଗ୍ରୱାଲ, ଆଶିଷ ବଂଶଲ, ନରେନ୍ଦ୍ର ଅଗ୍ରୱାଲ ଏବଂ ଅଗ୍ରୱାଲ ସମ୍ମେଳନ ଖୋର୍ଦ୍ଧା ଚାପ୍ଟରର ସଭାପତି ରାଜେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପରମିତ ଜୈନ, ମୋହିତ ସୁନ୍ଦରକା ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।

## ଓସିପିଏଲ୍ ପକ୍ଷରୁ ରକ୍ତଦାନ ଶିବିର

- ଅନ୍ତର୍ଜାତୀୟ ରକ୍ତଦାନ ଦିବସରେ ୬୨ ୟୁନିଟ୍ ସଂଗ୍ରହ



ଭୁବନେଶ୍ୱର, ୧୪।୬(ସମିସ): ଅନ୍ତର୍ଜାତୀୟ ରକ୍ତଦାନ ଦିବସ ଅବସରରେ ଓଡ଼ିଶା କୋଲ୍ ଏଣ୍ଡ ପାୱର୍ ଲିମିଟେଡ଼ (ଓସିପିଏଲ୍) ଦ୍ୱାରା ମାନୋହରପୁର ଟାଉନ୍‌ସିପ୍ କମ୍ପ୍ଲେକ୍ସସ୍ଥିତ ଓସିପିଏଲ୍ ଡିସ୍‌ପେନସାରୀରେ ଏକ ସାମୁହିକ ରକ୍ତଦାନ ଶିବିରର ଆୟୋଜିତ ହୋଇଯାଇଛି। ଶିବିରରେ ଓସିପିଏଲ୍ ଏବଂ ଏହାର ସହଭାଗୀ ସଂସ୍ଥା ବିଜିଆର୍ ମାଇନିଂର କର୍ମଚାରୀମାନେ ଭାଗ ନେଇଥିଲେ। ଏହି ଅବସରରେ ଓସିପିଏଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କର୍ମଚାରୀମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ସ୍ଥାନୀୟ ରକ୍ତଦାନ ସଂସ୍ଥା ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଏବଂ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରିଥିଲେ। ଏହି ଶିବିରରେ ୬୨ ବୋତଲ ରକ୍ତ ସଂଗ୍ରହ କରାଯାଇଥିଲା। ଏହାପୂର୍ବରୁ ଓସିପିଏଲ୍‌ର ପ୍ରତିଷ୍ଠା ଦିବସ ଅବସରରେ ୨୦ ଜାନୁଆରୀ ୨୦୨୫ ରେ ଆୟୋଜିତ ହୋଇଥିବା ଅନ୍ୟ ଏକ ରକ୍ତଦାନ ଶିବିରରେ ୮୭ ବୋତଲ ରକ୍ତ ସଂଗ୍ରହ କରି ଦାନ କରାଯାଇଥିଲା। ଓସିପିଏଲ୍‌ର ଏହି ସାମାଜିକ ପ୍ରୟାସ ଓ ସେବାଭାବ ପ୍ରତି ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟାନ୍ୟ ବେସରକାରୀ ସଂଗଠନର ଅଧିକାରୀମାନେ ଗଭୀର ପ୍ରଶଂସା କରିଛନ୍ତି।

## ଡୁଡୁମା ବୁଲିବାକୁ ଯାଇ ଜଳପ୍ରପାତରେ ନିଖୋଜ

ଭୁବନେଶ୍ୱର/କୋରାପୁଟ/ଲମତାପୁଟ, ୧୪।୬(ସମିସ): ଶନିବାର ଅପରାହ୍ନରେ ଡୁଡୁମା ଜଳପ୍ରପାତରେ ଭୁବନେଶ୍ୱରର ଜଣେ ଯୁବକ ନିଖୋଜ ହୋଇ ଯାଇଛନ୍ତି। ନିଖୋଜ ଯୁବକ ଜଣକ ହେଲେ ଅନିମେଷ ଦାସ। ଅନିମେଷ ନିଜର ବଡ଼ଭାଇ, ଭାଉଜ ଏବଂ ପୁତୁରା ସହ କୋରାପୁଟ ବୁଲିବାକୁ ଆସିଥଲେ। ଆଜି ଡୁଡୁମା ଜଳପ୍ରପାତ ଯାଇଥିଲେ। ଭାଇ ଭାଉଜଙ୍କ ବାରଣ ସତ୍ତ୍ୱେ ସେ ଜଳପ୍ରପାତର ପ୍ରାୟ ୫୫୦ ଫୁଟ ତଳକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଉ ଫେରି ନଥିଲେ। ପରିବାର ବର୍ଗ ବୁଲାବୁଲି ସାରି ବହୁ ସମୟ ଅପେକ୍ଷା



କରିଥିଲେ। କିନ୍ତୁ ଅନିମେଷ ନ ଫେରିବା ଯୋଗୁଁ ସେମାନେ ତଳକୁ ଯାଇ ତାଙ୍କ ଚପଲ ଥିବା ଦେଖି ଅନିମେଶ ପାଣିରେ ନିଖୋଜ ଥିବା ଜାଣି ପାରିଥିଲେ। ପରିବର୍ଗ ଏବଂ ଡୁଡୁମାର ସ୍ଥାନୀୟ ବାସିନ୍ଦା ଖୋଜା ଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ପତ୍ତା ମିଳିନଥିଲା। ଶେଷରେ ସେମାନେ ମାଛକୁଣ୍ଡ ଥାନା ଓ ଲମତାପୁଟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଖୋଜାଖୋଜି ଜାରି ରଖିଛନ୍ତି। କିନ୍ତୁ ଅନିନେଶଙ୍କର ପତ୍ତା ମିଳିନାହିଁ। ସୂଚନା ଥାଉକି, ନିଖୋଜ ଅନୀମେଶ ପୁନେର ଏକ ଘରୋଇ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଥିବାବେଳେ ସେ ବର୍ତ୍ତମାନ କୋଲକାତାରେ ରହି ୱର୍କ ଫ୍ରମ୍ ହୋମ୍ କାମ କରୁଥିଲେ। ରଜ ଉପଲକ୍ଷେ ସେ ଭୁବନେଶ୍ୱର ଆସିଥିବାବେଳେ ଦୁଇ ଦିନ ପୂର୍ବରୁ ଭାଇ ଭାଉଜଙ୍କ ସହ କୋରାପୁଟ ଆସି ଶୁକ୍ରବାର ଦେଓମାଳି, ଗାଲିଗଦ୍ଦର୍ ବୁଲିଥିଲେ।

### ରଜରେ ଜମିଲା ପାନ ବଜାର

# ଅଫ୍‌ଲାଇନ୍‌ରେ ୧୫; ଅନ୍‌ଲାଇନରେ ୧୫୦

ଭୁବନେଶ୍ୱର, ୧୪।୬(ସମିସ)

ରଜ ସାଙ୍ଗକୁ ପାନ ଏବଂ ପିଠାଖିଆ ହେଉଛି ଓଡିଆଙ୍କ ପାଇଁ ଏକ ପରମ୍ପରା। ଏଇ ମଉକାରେ ରଜ ପାନ ଖଣ୍ଡେ ନିଶ୍ଚୟ କଳରେ ଯାକିଥାନ୍ତି



ସମସ୍ତେ। ସେଥିପାଇଁ ସହର ବିଭିନ୍ନ ଛକ ଓ ଗଳି କନ୍ଦିରେ ଦୋକାନୀ ନିଜ ପାନର ଆସର ମେଲାଇ ବସିଛନ୍ତି। କିଏ ଦୋକାନରେ ବନାରସି ସ୍ପେଶାଲ ପାନ ଲେଖିଛି ତ କିଏ ରଜ ସ୍ପେଶାଲ ପାନ ଲେଖି ଗ୍ରାହକଙ୍କୁ ପାନର ପସରା ସଜାଇ ଆକୃଷ୍ଟ କରୁଛି।

ବର୍ତ୍ତମାନ ସମୟରେ ଲୋକଙ୍କ ପାଖରେ ସମୟର ଅଭାବ ଯୋଗୁଁ ଅନଲାଇନରେ ରଜ ପିଠା ଓ ପାନ ଅନଲାଇନ ଆପ୍ ଯଥା ଜୋମାଟୋ ଓ ସ୍ୱିଗି ଆଦି ଆପରୁ ଅର୍ଡର କରି ଆଣୁଛନ୍ତି। ଯେଉଁଠି ଦାମ ଅଧିକ ଥାଇ ବି ଲୋକ ଆଣିବାକୁ ପଛାଉ ନାହାନ୍ତି। ବଜାର ପରି ଅନଲାଇନରେ ମଧ ଭିନ୍ନ ଭିନ୍ନ ସ୍ୱାଦର ପାନ ରହିଛି। ବଜାରରେ ଯେଉଁଠି ଖିଲିପାନ ଗୋଟାକୁ ୧୫ ରୁ ୩୦ ରହୁଛି ଅନ୍‌ଲାଇନରେ ତାହା ୧୫୦ରୁ ହଜାରେ ପର୍ଯ୍ୟନ୍ତ ରହୁଛି। ମିଠା ଚେରି ପାନ, ସ୍ୱିଟ ମୋମେଣ୍ଟ ପାନ, ଲଡୁ ମିଠା ପାନ, ଦିଲ ବାହାର ପାନ, ଦିଲ ୱାଲା ପାନ, ଡାଏଟ୍ ପାନ, ଆୟୁରଭେଦିକ୍ ପାନ, ଓରିଓ ଫ୍ଲେବର, ଛୁଟକୁ ପାନ, କିଟ୍‌କ୍ୟାଟ ପାନ ଚକୋଚିପସ୍ ପାନ, ମହାରାଜା ପାନ, ଦିଲଖୁସ ପାନ, ଡାଏଫ୍ରୁଟ୍‌ସ ପାନ, ସତରଙ୍ଗୀ ଆଦି ଭଳି କି ଭଳି ପାନ ରହୁଛି। ସହିପରି ବଜାରରେ

- ମିଳୁଛି ୯ ପ୍ରକାର ସୁଗନ୍ଧର ପାନ
- ପିଠା ଗୋଟାକୁ ୭୦, ପ୍ଲେଟ୍‌କୁ ୫ ଶହ

ଜାଗମରାସ୍ଥିତ ଗଣେଶଙ୍କ 'ରଜ ସ୍ପେଶାଲ ବନାରସୀ ପାନ' ରେ ୯ଟି 'ଫ୍ଲେଭର୍'ର ପାନ ଉପଲବ୍ଧ ହେଉଥିବା ବେଳେ ଫ୍ଲେଭର୍ ଚଟଣି, ଲିକୁଇଡ୍ ମସଲା, ଲିଚି ଓ ଚକୋଲେଟ୍ ଫ୍ଲେଭର୍‌ର ପାନର ଦାମ୍ ୩୦ଟଙ୍କା ରହିଛି। ସେହିଭଳି ଲୋକଙ୍କ ଡାଏଟ୍‌କୁ ଦୃଷ୍ଟିରେ ରଖି 'ଡ୍ରାଏଫ୍ରୁଟ' ପାନ ମଧ ଉପଲବ୍ଧ ହେଉଛି।

କେବଳ ପାନ ନୁହଁ ପିଠା ମଧ ଅନଲାଇନରେ କିଣୁଛନ୍ତି ଲୋକ। ପୋଡ ପିଠା, କ୍ଷୀର ପୋଡ ପିଠା, ସିଝା ମଣ୍ଡା, ଚନ୍ଦ୍ରକାନ୍ତି, ଆରିଷା, ବିରି ମଣ୍ଡା, କରଞ୍ଜି, ବିରି ପୋଡ଼ ପିଠା, କ୍ଷୀର ପୋଡ଼ ପିଠା ସହ ରାବିଡି ଓ ରସାବଳୀ ମଧ ଅର୍ଡର ହେଉଥିବା ଦେଖିବାକୁ ମିଳୁଛି। ଗୋଟେ ପିଠାର ଦାମ ୭୦ ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ପିଠା ପ୍ଲେଟର ଦାମ ରହିଛି ୫୦୦ ଟଙ୍କା।

# ପହିଲି ରଜରେ ନନ୍ଦନକାନନ ବୁଲିଲେ ୨୫ ହଜାର

ନନ୍ଦନକାନନ, ୧୪।୬(ସମିସ): ପହିଲି ରଜରେ ଶନିବାର ନନ୍ଦନକାନନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରଥମ ଦିନରେ ନନ୍ଦନକାନନ ବୁଲିଛନ୍ତି ୨୪, ୮୫୬ ଜଣ ଦର୍ଶକ। ଏମାନଙ୍କ ମଧ୍ୟରୁ ୨୩, ୦୮୦ ଜଣ ଦର୍ଶକ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ବୁଲି ଦେଖିଥିଲା ବେଳେ ୧, ୭୭୬ ଜଣ ରାଜ୍ୟ ଉଦ୍ଭିଦ ଉଦ୍ୟାନ ବଟାନିକାଲ ଗାର୍ଡେନ ପରିଦର୍ଶନ କରିଥିଲେ। ଗତ ବର୍ଷ ପହିଲି ରଜରେ ୧୯, ୦୩୪ ଜଣ ଦର୍ଶକ ବୁଲିବାକୁ ଆସିଥିଲେ। ଯାହାକି ଗତବର୍ଷ ତୁଳନାରେ ୫୮୨୨ଜଣ ଅଧିକ ଦର୍ଶକ ନନ୍ଦନକାନନ ବୁଲିଛନ୍ତି। ରଜରେ ପରିଦର୍ଶକଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।




ସୁରକ୍ଷା ବଜାୟ ରଖିବା ଏବଂ ପରିଦର୍ଶକଙ୍କୁ ସହାୟତା କରିବା ପାଇଁ ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ ଏବଂ ପୂର୍ବତନ ସେନା କର୍ମଚାରୀଙ୍କ ସମେତ ମୋଟ ୧୦୬ ଜଣ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ଗ୍ରୀଷ୍ମ ଋତୁରେ ପରିଦର୍ଶକଙ୍କ ଜଳକଷ୍ଟ ଦୂର କରିବା ପାଇଁ ୧୨ଟି ସ୍ଥାୟୀ ଏବଂ ୨୦ଟି ଅତିରିକ୍ତ ଅସ୍ଥାୟୀ ସମେତ ୩୨ଟି ପାନୀୟ ଜଳ ଯୋଗାଣ କେନ୍ଦ୍ର ଯୋଗାଇ ଦିଆଯାଇଥିଲା। କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଚାଲୁଥିବା ରକ୍ଷଣାବେକ୍ଷଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ପରିଦର୍ଶକଙ୍କ ବୁଲିବାକୁ ସୁବିଧାଜନକ କରିବା ପାଇଁ କିଛି ରାସ୍ତା ପୁନଃଗଠିତ କରାଯାଇଥିଲା। ଏହା ବ୍ୟତୀତ ଦିନସାରା ଭିଡ଼ ପରିଚାଳନା, ମାର୍ଗଦର୍ଶନ ଏବଂ ପରିଦର୍ଶକ ସହାୟତା ପ୍ରଦାନ କରିବାଓ ଚିଡ଼ିଆଖାନା ପରିଚାଳନାକୁ ସହାୟତା କରିବା ପାଇଁ ୩୨ ଜଣ ଚିଡ଼ିଆଖାନା ସ୍ୱେଚ୍ଛାସେବୀ କାର୍ଯ୍ୟରେ ନିୟୋଜିତ ଥିଲେ। ଓଡ୍ରାଫ ଦଳ ଏବଂ ଡାକ୍ତରୀ ଦଳ ମଧ୍ୟ ନିୟୋଜିତ କରାଯାଇଛି।

ଏହି ଅବସରରେ ନନ୍ଦନକାନନ ଏକ ଶିକ୍ଷା କାର୍ଯ୍ୟକ୍ରମ 'ବଡିଂ ବାର୍ଡସ' ମଧ ଆୟୋଜନ କରାଯାଇଥିଲା। ଯେଉଁଥିରେ ୪ଟି ବିଭିନ୍ନ ବିଦ୍ୟାଳୟର ୨୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଏବଂ ପକ୍ଷୀଙ୍କ ତଥ୍ୟ ଉପରେ ଚିତ୍ରାଙ୍କନ, ଖେଳ ସହିତ ପକ୍ଷୀ ପାଳନର ମୌଳିକତା ଶିଖିଥିଲେ। ବିଶେଷ ସୂଚନା ଅନୁସାରେ ରଜ ତୃତୀୟ ଦିବସ ୧୬ଜୁନ ସୋମବାର ପଡୁଥିବାରୁ ଏହିଦିନ ପ୍ରାଣୀ ଉଦ୍ୟାନ ଏବଂ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିଦର୍ଶକଙ୍କ ପାଇଁ ଖୋଲା ରହିବ ବୋଲି ଉପ ନିର୍ଦ୍ଦେଶକ ସନଥନାରାୟଣ ସୂଚନା ଦେଇଛନ୍ତି। ମଙ୍ଗଳବାର ୧୭କୁ ଉଭୟ ଉଦ୍ୟାନ ବନ୍ଦ ରହିବ।

### ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

# ଡିଏଫଓ ଅଫିସ୍ ଘେରାଉ

କେନ୍ଦୁଝର,୧୪।୬(ସମିସ): ଦୁଇ ଦୁଇଟି ଘଟଣାରେ ବନ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ଦାବିରେ ଆଜି ସଂଧ୍ୟାରେ ବନ କର୍ମଚାରୀମାନେ କେନ୍ଦୁଝର ଡିଏଫ୍ଓ ଅଫିସ୍ ଘେରାଉ କରିଛନ୍ତି। ତେବେ ମୁଖ୍ୟ ଗେଟ୍‌ରେ ପୁଲିସ ବନ କର୍ମଚାରୀଙ୍କୁ ନ ଛାଡ଼ିବାରୁ କିଛି



ସମୟପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ବନ କର୍ମଚାରୀମାନେ ବନଖଣ୍ଡ କାର୍ଯ୍ୟାଳୟ ଭିତରକୁ ଯାଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ। ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ଆନ୍ଦୋଳନସ୍ଥଳକୁ ଆସି ପ୍ରତିଶ୍ରୁତି ଦେଇଥିଲେ। ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ ଏବଂ ଅନ୍ୟ ଦାବି ଉପରେ ବନଖଣ୍ଡ ଅଧିକାରୀ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଗତକାଲି ବଡବିଲ ରେଞ୍ଜ ଗୁଆଲି ସେକ୍ସନ କାରୋ ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବନ କର୍ମଚାରୀ ସେଠାକୁ ଯାଇଥିବା ବେଳେ କେନ୍ଦୁଡିହି ଗ୍ରାମ ନିକଟରେ କିଛି ଦୁର୍ବୃତ୍ତ ସେମାନଙ୍କ ଗାଡ଼ିକୁ ଅଟକାଇବା ସହ ରେଞ୍ଜର୍ ସଞ୍ଜୀବ ରାଉତ, ଗୁଆଲି ଫରେଷ୍ଟର୍ ଶରତ ପଟ୍ଟନାୟକ, ପ୍ରୋଟେକସନ ସ୍କ୍ୱାଡ୍‌ର କର୍ମଚାରୀ ମୁରଲୀଧର ନାୟକ, ବଚନ ମୁଣ୍ଡା, ଶିବ ନାଏକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେହିପରି ଗତ ୩୦ ତାରିଖରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ବାମେବାରୀ ଫରେଷ୍ଟର ରାଜେନ୍ଦ୍ର ଜେନା ଏବଂ ସ୍କ୍ୱାଡ୍ କର୍ମଚାରୀ ସଞ୍ଜୟ ମୁଣ୍ଡାଙ୍କୁ ସ୍ଥାନୀୟ ଲୋକ ମରଣାନ୍ତକ ଆକ୍ରମଣ କରି ରେଳ ଲାଇନ ନିକଟରେ ପକାଇ ଦେଇଥିଲେ। ଏହି ଘଟଣାରେ ୧୫ ଦିନ ପରେ ମଧ୍ୟ ଅପରାଧୀଙ୍କୁ ଗିରଫ କରାଯାଇନାହିଁ। ଏହାର ପ୍ରତିବାଦରେ ଆଜି ଓଡ଼ିଶା ନନ୍-ଗେଜେଟେଡ୍ ଫରେଷ୍ଟ ସର୍ଭିସ ଆସୋସିଏସନ, କେନ୍ଦୁଝର ଶାଖା ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ବନ କର୍ମଚାରୀମାନେ ସନ୍ଧ୍ୟାରେ କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟ ଆସି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଥିଲେ।

### ଶେଷ ପର୍ଯ୍ୟାୟରେ ବାଲେଶ୍ୱର ପାଣିପାଗ ରାଡାର୍ ବିଲ୍ଡିଂ କାମ

# କେବେ ଲାଗିବ ରାଡାର୍?

ବାଲେଶ୍ୱର,୧୪।୬(ସମିସ): ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବାଲେଶ୍ୱର ପାଣିପାଗ ରାଡାର ବିଲ୍ଡିଂ। ଏହି ତିନି ମହଲା ବିଶିଷ୍ଟ ରାଡାର୍ ବିଲଡିଂର ଶେଷ ପର୍ଯ୍ୟାୟ କାମ ଆରମ୍ଭ ହୋଇଛି। ଆସନ୍ତା ୩ରୁ ୪ ମାସ ଭିତରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ସୂଚନା ମିଳିଛି। ବର୍ତ୍ତମାନ ପିଡବ୍ଲୁଡି ବିଭାଗ ପକ୍ଷରୁ ଛାତ ଉପରେ ଢଳେଇ କାମ ହେଉଛି, ଯାହା ଉପରେ ରାଡାର୍ ବସିବ। ଏହି କାମ ସରିବା ପରେ ଏହି ବିଲ୍ଡିଂକୁ ବାଲେଶ୍ୱର ପାଣିପାଗ ବିଭାଗ କାର୍ଯ୍ୟାଳୟ ସ୍ଥାନାନ୍ତର ହେବ। ହେଲେ ରାଡାର୍ କେବେ ଲାଗିବ, ତାହା କେହି କହିପାରୁନାହାନ୍ତି।

ସୂଚନାଯୋଗ୍ୟ, ମୌସୁମୀ ତଥା ଘୂର୍ଣ୍ଣିବଳୟ, ବର୍ଷା ଓ ବାତ୍ୟାର ପୂର୍ବାନୁମାନ ପାଇଁ ୨୦୧୩ ମସିହାରେ ଚାନ୍ଦିପୁର ରାସ୍ତାର ନୂଆନଈ ନିକଟରେ ୩ ଏକର ଜମିରେ ପାଣିପାଗ ବିଭାଗର ନୂତନ ବିଲଡିଂ କାମ ପିଡବ୍ଲୁଡି ବିଭାଗ ପକ୍ଷରୁ





ଆରମ୍ଭ ହୋଇଥିଲା। ୫ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ତିନି ମହଲା ବିଲଡିଂକୁ ପିଡବ୍ଲୁଡି ୨୦୧୪ରେ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବାର ଅବଧି ରହିଥିଲା। ମାତ୍ର ତାହା ସମୟ ଅନୁସାରେ କାମ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଏହାରି ଭିତରେ ୧୧ବର୍ଷରୁ ଅଧିକ ଦିନ ବିତିଗଲାଣି। ଦୀର୍ଘ ବର୍ଷ ପରେ ୨୦୨୪ ଜୁନ୍ ୧୩ରେ ଏହି କାମ ତ୍ୱରାନ୍ୱିତ ହେବା ପରେ ଆଗାମୀ ଛଅ ମାସ ଭିତରେ କାମ ସମ୍ପୂର୍ଣ୍ଣ ହେବା ନେଇ ସୂଚନା ମିଳିଥିଲା। ଏହି ତିନି ମହଲାର ଛାତ ଉପରେ 'ସି' ବ୍ୟାଣ୍ଡ ରାଡାର୍ ସ୍ଥାପନ ହେବ। ଯାହା ୨୫୦ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳର ସୂଚନା ଆଗୁଆ ସଂଗ୍ରହ କରିବ। ପଶ୍ଚିମବଙ୍ଗଠୁ ଆରମ୍ଭ କରି ପାରାଦୀପ ପର୍ଯ୍ୟନ୍ତ ଏହି ରାଡାର୍ ପୂର୍ବାନୁମାନ କରିପାରିବ। ବିଶେଷକରି ଘୂର୍ଣ୍ଣିବଳୟ, ପ୍ରବଳ ବର୍ଷା, ବଜ୍ରପାତ ଏବଂ ବାତ୍ୟା ଆଦି ସମ୍ପର୍କରେ କିଛି ସମୟ ପୂର୍ବରୁ ସୂଚନା ସଂଗ୍ରହ କରିବ। ଫଳରେ ସେହି ସୂଚନା ଅନୁସାରେ ବାଲେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇପାରିବ। ବର୍ତ୍ତମାନ ଏହି ତିନି ମହଲା ବିଲଡିଂର ଶେଷ ପର୍ଯ୍ୟାୟ କାମ ଚାଲୁଅଛି।

ଏ ନେଇ ବାଲେଶ୍ୱର ପାଣିପାଗ ବିଭାଗ ମୁଖ୍ୟ ମଦନ ମୋହନ ଦାସ କହିଛନ୍ତି, ରାଡାର୍ ବିଲଡିଂର ଶେଷ ପର୍ଯ୍ୟାୟ କାମ ଏବେ ଆରମ୍ଭ ହୋଇଛି। ରାଡାର୍ ବସିବା ପାଇଁ କାମ ହେଉଛି। ଆଗାମୀ ତିନି ଚାରି ମାସ ଭିତରେ ବାକି ସମସ୍ତ କାମ ପରେ ପିଡବ୍ଲୁଡି ବିଲଡିଂ ହସ୍ତାନ୍ତର କରିବ। ତାପରେ ରାଡାର୍ ବସିବ। ବିଲଡିଂ ହସ୍ତାନ୍ତର ପରେ କାର୍ଯ୍ୟାଳୟ ସେଠାକୁ ସ୍ଥାନାନ୍ତର ହେବ।

## ଦୁଇ ଦୁର୍ଘଟଣାରେ ୨ ମୃତ

ଆନନ୍ଦପୁର, ୧୪।୬ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥରେ ଦୁଇଟି ପୃଥକ୍ ଦୁର୍ଘଟଣାରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଉଭୟଙ୍କ ସମ୍ପର୍କୀୟ ଆସି ନଥିବାରୁ ମୃତଦେହ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରଖାଯାଇଛି। ସୂଚନାନୁସାରେ, ଶନିବାର ଅପରାହ୍ନ ୩ଟାରେ କୋଳିମାଟି ନିକଟରେ ଏକ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ବାହାନଗା ଅଞ୍ଚଳର ସୁଦୀପ ମହାରଣା (୨୮)ଙ୍କ ମୃତ୍ୟୁ ହୋଇଥିଲା। ବାଇକରେ ଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ସେହପରି ଅପରାହ୍ନ ସାଢ଼େ ୨ଟା ବେଳେ ଘସିପୁରା ବାଇପାସ୍ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ସଠିକ ସ୍ପଷ୍ଟ ହୋଇପାରିନାହିଁ। ଘସିପୁରା ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

# ବାତ୍ୟା ଆଶ୍ରୟସ୍ଥଳ ମରାମତିକୁ ନେଇ ଗୋଷ୍ଠୀ ସଂଘର୍ଷ

ଅସ୍ତରଙ୍ଗ,୧୪।୬(ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅସନ ଗ୍ରାମରେ ଥିବା ଏକ ବାତ୍ୟା ଆଶ୍ରୟସ୍ଥଳୀର ମରାମତି ଓ ରଙ୍ଗ ମାରିବାକୁ ନେଇ ଶନିବାର ପୂର୍ବାହ୍ଣରେ ଦୁଇଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୮ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ଅସନ ଗ୍ରାମର ଦେବକୀ ମଲ୍ଲିକଙ୍କ ପକ୍ଷରୁ ଥାନାରେ ୧୭ଜଣଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ ହୋଇଛି। ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ଏବଂ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିଆରସିଂ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ସୂଚନାନୁଯାୟୀ, ବ୍ଲକ୍ ଆପାତ୍‌କାଳୀନ ବିପର୍ଯ୍ୟୟ ପାଣ୍ଠିରୁ ୬ ଲକ୍ଷ ଟଙ୍କା ବ୍ୟୟବରାଦରେ



ଅସନ ବାତ୍ୟା ଆଶ୍ରୟସ୍ଥଳକୁ ମରାମତି ଓ ରଙ୍ଗ କରିବା ପାଇଁ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସମ୍ପୃକ୍ତ ଆଳସାହି ପଞ୍ଚାୟତ ବିଜେଡି ସମର୍ଥିତ ସରପଞ୍ଚ ସେଠାରେ ଥିବା ୱାର୍ଡ ସଭ୍ୟମାନଙ୍କୁ ଦାୟିତ୍ୱ ଦେଇଥିଲେ। ଗତ ୩ଦିନ ଧରି ୱାର୍ଡସଭ୍ୟାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଜାରି ରହିଥିବା ବେଳେ ଶନିବାର ବାତ୍ୟା ଆଶ୍ରୟସ୍ଥଳୀକୁ ରଙ୍ଗ ମାରୁଥିବା ସମୟରେ ବିଜେପି ସମର୍ଥିତ ପଡ଼ୋଶୀ ପାଟସୁନ୍ଦରପୁର ଗ୍ରାମ ଓ ଅସନ ଗ୍ରାମର ଅନ୍ୟ ଏକ ମିଳିତ ଗୋଷ୍ଠୀ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ମାରଣାସ୍ତ୍ର ଧରି ରଙ୍ଗ କାମ କରୁଥିବା ଲୋକମାନଙ୍କୁ ଅଚାନକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୮ ଜଣ ଆହତ ହୋଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗ୍ରାମରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏ ସମ୍ପର୍କରେ ଅସ୍ତରଙ୍ଗ ଥାନା ଅଧିକାରୀ ଶ୍ରୀ ବଳିଆରସିଂ କୁହନ୍ତି, ପରିସ୍ଥିତି ଉପରେ ପୁଲିସ ନଜର ରଖିବା ସହ ହୋଇଥିବା ଗୋଟିଏ ଲିଖିତ ଅଭିଯୋଗ ଉପରେ ମାମଲା ରୁଜୁ କରାଯାଇଛି।

## ପୋଖରୀ କୂଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସିମୁଳିଆ,୭।୬(ସମିସ): ପୋଖରୀ କୂଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ୍ ଅଧୀନ ଈଶ୍ୱରପୁର ପଞ୍ଚାୟତ ଚନ୍ଦ୍ରପଡ଼ା ଗ୍ରାମର ବୁଦ୍ଧିରାମ ଦାଶଙ୍କ ପୁତ୍ର ବସନ୍ତ ଦାଶ। ଗତକାଲି ବସନ୍ତ ଘରୁ ବାହାରକୁ ଯାଇ ଆଉ ଫେରିନଥିଲେ। ଆଜି ଅଡା କେନାଲରୁ ୨୦୦ ମିଟର ଦୂରରେ ଥିବା ପଦ୍ମ ପୋଖରୀ କୂଳରେ ସେ ପଡ଼ିଥିବାର ଅଞ୍ଚଳବାସୀ ଦେଖିଥିଲେ। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବସନ୍ତକୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାକୁ ମୃତ ବୋଲି ଘୋଷଣା କରିଥିଲେ। ଖବର ପାଇ ସିମୁଳିଆ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇବାସହ ଅଧିକ ତଦନ୍ତ ଜାରି ରଖିଛି।

### ପୁଲିସ୍‌କୁ ପୀଡ଼ିତା ମହିଳା ଆର୍‌ଆଇଙ୍କ ଚେତାବନୀ

# 'ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବି'

ପିପିଲି, ୧୪।୬(ସମିସ): ମହିଳା ଆର୍‌ଆଇଙ୍କୁ ପିପିଲି ଅତିରିକ୍ତ ତହସିଲଦାର ପ୍ରବୋଧ କୁମାର ମହାନ୍ତି ଅସଦାଚରଣ କରିବା ଘଟଣା ଭିନ୍ନ ମୋଡ଼ ନେଇଛି। ଆଜି ପରିବାରଲୋକଙ୍କ ସହ ପୀଡ଼ିତାଜଣଙ୍କ ପିପିଲି ଥାନାଧିକାରୀଙ୍କୁ ଭେଟିବା ସହ ନ୍ୟାୟ ପାଇଁ ଗୁହାରି କରିଛନ୍ତି। ଶୀଘ୍ର ଅତିରିକ୍ତ ତହସିଲଦାରଙ୍କୁ ଗିରଫ କରା ନଗଲେ, ସେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି।

ସେ କହିଛନ୍ତି ଯେ ଘଟଣାକୁ ୨୧ଦିନ ବିତିବା ପରେ ମଧ୍ୟ ପୁଲିସ୍ ଖାଲି ମାମଲା ରୁଜୁ କରି ବସି ପଡ଼ିଛି। ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ବଦଳି ପରେ ସଂପୃକ୍ତ ଅତିରିକ୍ତ ତହସିଲଦାର ବ୍ରହ୍ମଗିରି ତହସିଲ ଅଫିସ୍‌ରେ କାର୍ଯ୍ୟରତ ଥିବା ବେଳେ ପୁଲିସ୍ କିନ୍ତୁ ତାଙ୍କୁ ଖୋଜି ପାଉନଥିବା ବାହାନା କରୁଛି। ପୁଲିସ୍‌ର ଏହି ନିଷ୍କ୍ରିୟତା ଯୋଗୁଁ ଅଭିଯୁକ୍ତଙ୍କ ସାହସ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରିକି, ତାଙ୍କ ନାମରେ ହୋଇଥିବା ମାମଲା କିଛି ହେବ ନାହିଁ ବୋଲି ରୋକଠୋକ୍ କହି ବୁଲୁଛନ୍ତି। ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ରଖି ତାଙ୍କୁ ମାମଲାରୁ ଖସାଇବାକୁ ବିଭିନ୍ନ ମହଲରୁ ଉଦ୍ୟମ ଚାଲିଛି ବୋଲି ପୀଡ଼ିତାଜଣଙ୍କ ସଂଗିନ୍ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଏଥିଯୋଗୁଁ ତାଙ୍କ ପରିବାର ମାନସିକ ଚାପରେ ରହିଛନ୍ତି। ତେବେ ଥାନାଧିକାରୀ ଏହି ଘଟଣାରେ ତଦନ୍ତ ଚାଲିଥିବା କହି ପରିବାରଲୋକଙ୍କୁ ଆଶ୍ୱାସନା ଦେଇଥିବା ଜଣାଯାଇଛି।

ଅନ୍ୟପଟେ, ଘଟଣା ଘଟିବା ଦିନଠାରୁ ପିପିଲି ତହସିଲ୍‌ଦାର ଏକ ତଦନ୍ତ କମିଟି (ସେକ୍ସୁଆଲ ହାରାସ୍‌ମେଣ୍ଟ) ଗଠନ କରିଥିଲେ ବି ଅତିରିକ୍ତ ତହସିଲ୍‌ଦାର ହାଜର ହେଉ ନଥିବାରୁ ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଆହୁରି ସନ୍ଦେହ ବଢ଼ାଇଛି। ମହିଳା ଆର୍‌ଆଇଜଣଙ୍କ ନ୍ୟାୟ ପାଇବା ଆଶାରେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି। ତାଙ୍କ ମାମଲାର ସ୍ଥିତି ଜାଣିବା ପାଇଁ ପିପିଲି ଥାନା ଅଧିକାରୀଙ୍କୁ ଏକ ଲିଖିତ ଦରଖାସ୍ତ ଦେଇଥିବା ଜଣାପଡ଼ିଛି।

## ବାପାକୁ ପିଟିପିଟି ହତ୍ୟା

ସାରସକଣା,୧୪।୬(ସମିସ): ଜନ୍ମକଲା ବାପକୁ ପିଟିପିଟି ହତ୍ୟା କଲା ନିଶାସକ୍ତ ପୁଅ। ଏଭଳି ଏକ ଘଟଣା ଘଟିଛି ସାରସକଣା ବ୍ଲକ ଯେକା ଗ୍ରାମରେ। ସୂଚନାନୁସାରେ, ଗୁରୁବାର ଗ୍ରାମର ଜଟିଆ ମୁଣ୍ଡାଙ୍କ ସହ ନିଶାସକ୍ତ ବଡ଼ପୁଅ ଚନ୍ଦନର ପାଟିତୁଣ୍ଡ ହୋଇଥିଲା। ଶେଷରେ ଉତ୍ତ୍ୟକ୍ତ ହୋଇ ଚନ୍ଦନ ଏକ କଠଫାଳିଆରେ ବାପ ଜଟିଆଙ୍କୁ ପ୍ରବଳ ମାଡ଼ ମାରିଥିଲା। ଫଳରେ ଜଟିଆ ଗୁରୁତର ହୋଇପଡ଼ିଥିଲେ। ସାନପୁଅ ବାପକୁ ଉଦ୍ଧାର କରି ଶୀର୍ଷା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପରେ ଗୁରୁତର ହେବାରୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ଜଟିଆଙ୍କ ମୃତ୍ୟୁ ଘଟିଛି। ସାନପୁଅର ଲିଖିତ ଅଭିଯୋଗ ପରେ ଝାରପୋଖରିଆ ପୁଲିସ ଅଭିଯୁକ୍ତ ଚନ୍ଦନକୁ ଗିରଫ କରିଛି। ପୂର୍ବରୁ ମଧ୍ୟ ଚନ୍ଦନ ନିଶାସକ୍ତ ଅବସ୍ଥାରେ ଘରେ ଗଣ୍ଡଗୋଳ କରୁଥିଲା।

### ଦଣ୍ଡମୁକ୍ତ ଅଞ୍ଚଳରେ ଛାତ୍ରଙ୍କୁ ଦଣ୍ଡିତ

# ଡୁଙ୍ଗୁରିପାଲି ସ୍କୁଲରେ ଛାତ୍ରଙ୍କୁ କାମ କରାଉଥିବା ଭିଡିଓ ଭାଇରାଲ

ପାଟଣାଗଡ଼,୧୪।୬(ସମିସ): ସରକାର ସ୍କୁଲକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି। ଛାତ୍ରଛାତ୍ରୀ କିଭଳି ସ୍କୁଲପ୍ରତି ଆକୃଷ୍ଟ ହେବେ ସେଥିପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଛି। କିନ୍ତୁ ଏହି ଦଣ୍ଡମୁକ୍ତ ଅଞ୍ଚଳରେ ସ୍କୁଲର ଶିକ୍ଷକ ଛାତ୍ରମାନଙ୍କୁ କରଣି ଧରାଇ ମିସ୍ତ୍ରୀ କାମ କରାଉଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଭିଡିଓ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡ଼ା ବ୍ଲକ୍ ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ବୋଲି ଜଣାପଡ଼ିଛି। ଏକ କୋଠରି କାମ





ପାଇଁ ଛଅଜଣ ଛାତ୍ରଙ୍କୁ ଶ୍ରମିକ ଭାବେ ନିଯୁକ୍ତ କରିଥିବା ଦେଖିବାକୁ ମିଳିଛି। ଦୁଇଜଣ ଛାତ୍ର କରଣି ଧରି ମିସ୍ତ୍ରୀ ଭାବେ କାର୍ଯ୍ୟକରୁଥିବାବେଳେ ଅନ୍ୟ ଚାରିଜଣ ଶ୍ରମିକ ଭାବେ ଏକ ସିମେଣ୍ଟ ବସ୍ତାଧରି ଉକ୍ତସ୍ଥାନକୁ ନେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ସେହି ସ୍କୁଲ ରାସ୍ତାଦେଇ ଯାଉଥିବା ଜଣେ ନାଗରିକ ଛାତ୍ରମାନେ କାମ କରୁଥିବା ଦେଖି ଭିଡିଓ ଉତ୍ତୋଳନ କରିଥିଲେ ଓ ପଚାରିବାରୁ ଏକ କୋଠରି ରଙ୍ଗ କାମ କରୁଥିବା କହିଥିଲେ। ପରେ ଏହି ଘଟଣାକୁ ସ୍କୁଲର ପ୍ରଧାନଶିକ୍ଷକ ଚାପି ଦେଇଥିବା ସୂଚନା ମିଳିଛି। ତେବେ ଉକ୍ତ ଭିଡିଓଟି କେଉଁ ସମୟର ତାହା ଜଣାପଡ଼ି ନ ଥିବାବେଳେ ବେଲପଡ଼ା ବ୍ଲକ୍ ଏବିଇଓଙ୍କୁ ପଚାରିବାରୁ ପ୍ରମାଣ ଅଛିକି ବୋଲି କହିଥିଲେ ଓ ପରେ ଆଉ ଫୋନ ଗ୍ରହଣ କରି ନ ଥିଲେ। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗଙ୍କୁ ପଚାରିବାରୁ ଆପଣଙ୍କ ଠାରୁ ଘଟଣା ବିଷୟରେ ଜାଣିଲି, ତଦନ୍ତ କରାଯାଇ ଦୃଢ଼ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ନିଟ୍ ପରୀକ୍ଷାରେ ନାଳନ୍ଦା ପବ୍ଲିକ ସ୍କୁଲ ଛାତ୍ରଙ୍କ ସଫଳତା



କଟକ,୧୪।୬(ସମିସ): ନିଟ୍ ପରୀକ୍ଷାରେ ନାଳନ୍ଦା ପବ୍ଲିକ ସ୍କୁଲର ଛାତ୍ର ଆଦର୍ଶ ପଣ୍ଡା କୃତିତ୍ୱ ଅର୍ଜନ କରିଛନ୍ତି। ସର୍ବଭାରତୀୟସ୍ତରରେ ସେ ୫୬୮୭ ସ୍ଥାନ ଅଧିକାର କରିଥିବାବେଳେ ଏଥିପାଇଁ ତାଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଅଧକ୍ଷା ଯଶସ୍ୱିନୀ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅବକାଶ ଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

## ଲିଙ୍ଗିପୁରରେ ଖୋଲିଲା ଶ୍ରୀଲେଦର୍ସର ନୂଆ ଶୋ'ରୁମ୍

ଭୁବନେଶ୍ୱର,୧୪।୬ (ସମିସ): ରାଜଧାନୀର ଲିଙ୍ଗପୁର ସ୍ଥିତ ନୂଆଗାଁରେ ଶ୍ରୀଲେଦର୍ସର ନୂଆ ଶୋ'ରୁମ୍ ଖୋଲିଛି। ଅଭିନେତ୍ରୀ ସୁଶ୍ରୀ ଶିବାନୀ ସଙ୍ଗୀତା ଏବଂ ଶୁଭାଶିଷ ଦେ ମିଳିତ ଭାବେ ଏହାକୁ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବାନୀ କହିଛନ୍ତି ଯେ ଏହି ଶୋ' ରୁମରେ ପୁରୁଷ, ମହିଳା ଏବଂ ଶିଶୁଙ୍କ ପାଇଁ ଜୋତା, ଚପଲ, ପର୍ସ, ହ୍ୟାଣ୍ଡବ୍ୟାଗ୍, ବ୍ରିଫକେସ, ସ୍କୁଲ୍‌ବ୍ୟାଗ ଆଦି ଅନେକ ସାମଗ୍ରୀ ରହିଛି। ସମସ୍ତେ ଏଠାରୁ ନିଜ ମନପସନ୍ଦର ସାମଗ୍ରୀ ପାଇପାରିବେ। ଏହି ଶୋ'ରୁମ୍‌ରେ ମିଳୁଥିବା ଉତ୍ପାଦନ ଉଚ୍ଚମାନର। ଏହା ସବୁ ଗ୍ରାହକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ସେହିପରି ଶୁଭାଶିଷ ଦେ କହିଛନ୍ତି ଯେ ପ୍ରତିଷ୍ଠାତା ତଥା ସ୍ୱାଧୀନତା ସଂଗ୍ରାମୀ ତଥା ମୋ ବାପା ସ୍ୱର୍ଗତ ସୁରେଶ ଚନ୍ଦ୍ର ଦେଙ୍କ ଦ୍ୱାରା ପ୍ରତିଷ୍ଠିତ ନୀତି ଏବଂ ସିଦ୍ଧାନ୍ତକୁ ଆଗକୁ ବଢ଼ାଇବା ପାଇଁ ଆମେ ପ୍ରୟାସ କରୁଛୁ। ଏହି ଧାରାରେ ଲିଙ୍ଗିପୁର



ସ୍ଥିତ ଶୋ' ରୁମ ସାମିଲ ହୋଇଛି। ୫,୨୦୦ ବର୍ଗଫୁଟ ପରିମିତ ଏହି ଶୋ'ରୁମ୍ ବାପାଙ୍କୁ ସମର୍ପିତ। ଏଠାରେ ପାର୍କିଂ ପାଇଁ ମଧ୍ୟ ଉତ୍ତମ ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫରରେ ୧୦୦୦ ଟଙ୍କାରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ କ୍ରୟ ଉପରେ ୧୦%ର ସ୍ୱତନ୍ତ୍ର ରିଆତି ଏବଂ ୨୫୦୦ ଟଙ୍କାରୁ ଅଧିକ ମୂଲ୍ୟର କ୍ରୟ ଉପରେ ୧୫%ର ସ୍ୱତନ୍ତ୍ର ରିହାତି ସାମିଲ। ଏହି ଆକର୍ଷଣୀୟ ଅଫରଗୁଡିକ ଜୁନ ୩୦ ପର୍ଯ୍ୟନ୍ତ ବୈଧ।

# ଓଡ଼ିଶାର ମସଲା ସମ୍ରାଟ ଡ. ଶରତ କୁମାର ସାହୁ



ଓଡ଼ିଶାର ଅଗ୍ରଣୀ ମସଲା ଉଦ୍ୟୋଗ ତଥା ପୂର୍ବ ଭାରତର ଅନନ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ରୁଚି ଫୁଡ୍‌ଲାଇନର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡ଼ଃ ଶରତ କୁମାର ସାହୁ ଆଜି ୭୬ ବର୍ଷରେ ପଦାର୍ପଣ କରିଛନ୍ତି। ୧୯୭୬ ମସିହାରେ ଓଡ଼ିଶାରେ ପ୍ରଥମ ମସଲା ଉଦ୍ୟୋଗ ପ୍ରତିଷ୍ଠା କରି ସେ ମସଲା ସମ୍ରାଟ ବା ମସଲା ମଣିଷର ଆଖ୍ୟା ପାଇଥିବା ବେଳେ ତାଙ୍କଦ୍ୱାର ପ୍ରତିଷ୍ଠିତ ରୁଚି ଆଜି ୫୦ ବର୍ଷରେ ପଦାର୍ପଣ କରିଛି। ସେ ଓଡ଼ିଶାରେ ପ୍ରଥମ ମସଲା, ପ୍ରଥମ ଇଟାଲିୟାନ୍ ପାସ୍ତା, ପ୍ରଥମ ଫ୍ରୋଜେନ୍ ଫୁଡ୍ ଉଦ୍ୟୋଗ ଆଦି ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାକରଣରେ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛନ୍ତି। ରୁଚି ଓ ଫ୍ରୋଜିଟ୍‌ର ଗୁଣାତ୍ମକ ଖାଦ୍ୟକୁ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ପହଞ୍ଚାଇ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି।

**୭୬ ତମ ଜନ୍ମଦିନରେ ଶୁଭେଚ୍ଛା**

ଡ଼ଃ ଶରତ କୁମାର ସାହୁ ଏକ ବ୍ୟକ୍ତି ନୁହନ୍ତି ବରଂ ଏକ ଅନୁଷ୍ଠାନ। ମାଟିକୁ ଛୁଇଁଲେ ସୁନା ହୋଇଯାଏ ନ୍ୟାୟରେ, ପ୍ରଭୁ ଲକ୍ଷେଶ୍ୱରଙ୍କ ଅପାର କରୁଣାରୁ ସେ ଅନେକ ଅସମ୍ଭବକୁ ସମ୍ଭବରେ ପରିଣତ କରି, ଓଡ଼ିଶା ଶିଳ୍ପ ଜଗତରେ ଏକ ଜ୍ୱଳନ୍ତ ଉଦାହରଣ ହୋଇପାରିଛନ୍ତି ସମସ୍ତଙ୍କ ପାଇଁ। ସେ ଜଣେ ଦରଦୀ, ପରୋପକାରୀ, ମିଷ୍ଟଭାଷୀ, ନମ୍ର, ଶାନ୍ତ, ସରଳ ବ୍ୟକ୍ତି ତଥା ଅନେକ ପ୍ରତୀଭାର ଅଧିକାରୀ। ଓଡ଼ିଶା ଓ ଓଡ଼ିଆକୁ ନେଇ ଗର୍ବ କରିଥିବା ଶ୍ରୀଯୁକ୍ତ ସାହୁ ରୁଚି ପ୍ରତିଭା ଫାଉଣ୍ଡେସନ୍ ପ୍ରତିଷ୍ଠା କରି ଅଗଣିତ ବିଦ୍ୟାର୍ଥୀ ଓ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରି ଓଡ଼ିଶାରେ ପ୍ରତିଭା ପୂଜନର ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ଜଣେ ପୁରୁଖା କ୍ରୀଡାବିତ୍ ଭାବେ ଶୃଙ୍ଖଳା ଓ ଧୈର୍ଯ୍ୟକୁ ପାଥେୟ କରି ସେ ଜୀବନରେ ସଫଳତାର ସୋପାନ ଚଢ଼ି ଚାଲିଛନ୍ତି। ଖାଲି ବ୍ୟବସାୟ ନୁହେଁ ବରଂ ସମାଜର ବହୁବିଧ ଉନ୍ନତି କରିବା ପାଇଁ ସେ ସଂକଳ୍ପବଦ୍ଧ। ଓଡ଼ିଶାର କ୍ରୀଡ଼ା, ସାହିତ୍ୟ, କଳା, ସଂସ୍କୃତି ଆଦିର ଉନ୍ନତି ପାଇଁ ତାଙ୍କର ସାହାଯ୍ୟ, ସହଯୋଗ ଓ ସନ୍ଦେଶ ସର୍ବଦା ସ୍ମରଣୀୟ। ଅନାଗତ ଭବିଷ୍ୟତକୁ ଦେଖିପାରୁଥିବା ଏହି ମହିମା ମଣ୍ଡିତ ମଣିଷ ସଦା ସର୍ବଦା ଚେଷ୍ଟିତ ନିଜ ମାଆ ମାଟିର ସମ୍ମାନ ଓ ଗୌରବକୁ ବଢାଇବା ପାଇଁ। ହସ ବାଣ୍ଟି ପାରୁଥିବା ଏହି ସାଧାରଣ ମଣିଷଟି ଅନେକ ହୃଦୟର ମଉଡ଼ମଣି। ଜଣେ ଦକ୍ଷ ସଂଗଠକ, ଆୟୋଜକ, କ୍ରୀଡ଼ାବିତ୍, ବକ୍ତା, ବ୍ୟବସାୟୀ, ଓ ସର୍ବୋପରି ସମାଜସେବକ ଭାବେ ସାରା ଓଡ଼ିଶାବାସୀଙ୍କ ପାଖରେ ସେ ବେଶ୍ ପରିଚିତ। ରୁଚିର ବାସ୍ନାରେ ସାରା ଭାରତକୁ ସୁଗନ୍ଧିତ କରିପାରିଥିବା ଓଡ଼ିଶାର ଜଣେ ସୁ ସନ୍ତାନ, ମାଟିର ମଣିଷ ଶ୍ରୀ ସାହୁ। ୭୬ବର୍ଷରେ ପଦାର୍ପଣ କରିଥିବା ଡ଼ଃ ସାହୁ ଏବେ ବି ବେଶ୍ ଚଳଚଞ୍ଚଳ ଅନେକ କିଛି କରିବା ପାଇଁ। ସେ ସ୍ୱପ୍ନଦ୍ରଷ୍ଟାଙ୍କର ଆଗାମୀ ପ୍ରକଳ୍ପ ରାମଦାସପୁର ଠାରେ ଗଢି ଉଠୁଥିବା ରୁଚିର ନୂଆ ପ୍ରକଳ୍ପ ପୁନଶ୍ଚ ସାରା ଓଡ଼ିଶା ପାଇଁ ଆଣିବ ଏକ ନୂଆ ସମ୍ଭାବନା।

ଆଜି ଏହି ଅବସରରେ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ସଲିନା ସାହୁ, ରଶ୍ମୀ ସାହୁ, ରୁଚିର ମୁଖ୍ୟ ପ୍ରବନ୍ଧକ ମହେନ୍ଦ୍ର ଷଡଙ୍ଗୀ ଓ ରୁଚିର ସମସ୍ତ କର୍ମଚାରୀ ଡ. ସାହୁଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ଅନେକ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷମାନେ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କର ଉତ୍ତରୋତ୍ତର ମଙ୍ଗଳ କାମନା କରିଥିଲେ।

# କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରେ ଲାଗିବ ୧ ଲକ୍ଷରୁ ଅଧିକ ଗଛ

ଭୁବନେଶ୍ୱର, ୧୪।୬(ସମିସ): ବିଶ୍ୱ ପରିବେଶ ଦିବସ ୨୦୨୫ ଅବସରରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ 'ମୋ ଗଛ ମୋ ପରିବାର' ନାମକ ମେଗା ବୃକ୍ଷରୋପଣ ଅଭିଯାନ ଆରମ୍ଭ କରାଯାଇଛି। ଦୁଇ ଜିଲ୍ଲାରେ ଲକ୍ଷେରୁ ଅଧିକ ଫଳଗଛ ଲଗାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଓଡ଼ିଶାର ୩୦ହଜାରରୁ ଅଧିକ ଗ୍ରାମୀଣ ପରିବାରର ଉନ୍ନତିରେ ସହାୟକ ହେବ। ଆମ୍ବ, ଗୁଆ, ପଣସ ଏବଂ ସଜନା ଭଳି ଚାରା ରୋପଣ କରାଯିବ। ବଳଭଦ୍ରପୁର ଗ୍ରାମ ଏବଂ ବେଦାନ୍ତର ପ୍ଲାଣ୍ଟ ପରିସରରେ ଏକ ସମ୍ପ୍ରଦାୟ ନେତୃତ୍ୱରେ ଏକ ରୋପଣ ଅଭିଯାନ ମାଧ୍ୟମରେ ପଦକ୍ଷେପ ଆରମ୍ଭ ହୋଇଥିଲା, ଯେଉଁଥିରେ କର୍ମଚାରୀ, ବରିଷ୍ଠ ନେତୃତ୍ୱ, ସ୍କୁଲ ପିଲା, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସମେତ ୬୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ପରିବାରର ସଦସ୍ୟ ଭାବରେ ପ୍ରତ୍ୟେକ ଗଛକୁ



ପାଳନ କରିବା ପାଇଁ ଏହା ଏକ ପ୍ରତିଜ୍ଞା। ଏହା ଅଞ୍ଚଳର ସର୍ବବୃହତ ପରିବେଶ- ଆନ୍ଦୋଳନ ମଧ୍ୟରୁ ଅନ୍ୟତମ ଭାବେ ପରିଚୟ ପାଇଛି।

ଏହି ଅଭିଯାନ ମୃତ୍ତିକାକୁ ସୁରକ୍ଷିତ ସହିତ ଗଛଗୁଡ଼ିକର ଜୀବନକାଳ ମଧ୍ୟରେ ପ୍ରାୟ ୧.୫ ଲକ୍ଷ ଟନ୍ କାର୍ବନ ନିର୍ଗମନକୁ ପ୍ରତିହତ କରିବ ବୋଲି ଆଶା କରାଯାଉଛି।ଏହା ବର୍ଦ୍ଧିତ ଜୈବ ବିବିଧତାରେ ଯୋଗଦାନ କରିବ ଏବଂ ପ୍ରାକୃତିକ ଜଙ୍ଗଲର ପୁନରୁତ୍ଥାନକୁ ସମର୍ଥନ କରିବ। ମୃତ୍ତିକା ସଂରକ୍ଷଣକୁ ମଜବୁତ କରିବ ଏବଂ କ୍ଷୟ ରୋକିବାରେ ସହାୟକ ହେବ।ବେଦାନ୍ତ ଲାଞ୍ଜିଗଡ଼ରେ, ସ୍ଥାୟୀତ୍ୱ କେବଳ ଏକ ଦାୟିତ୍ୱ ନୁହେଁ - ଏହା ଜୀବନର ଏକ ଉପାୟ ବୋଲି ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି । 'ମୋ ଗଛ ମୋ ପରିବାର' ମାଧ୍ୟମରେ ଆମେ ଆଶା, ଏକତା ଏବଂ ସମୃଦ୍ଧିର ବୀଜ ବୁଣୁଛୁ ବୋଲି ସେ ଉଲ୍ଲେଖ କରିଛନ୍ତି।

# ପରିଚୟ ଦେଇଛି ବନ୍ୟପ୍ରାଣୀ ଫଟୋଗ୍ରାଫି



ବନ୍ୟପ୍ରାଣୀ ଫଟୋଗ୍ରାଫିକୁ ପୁରୁଷମାନଙ୍କ କାର୍ଯ୍ୟ ବୋଲି କୁହାଯାଏ । କାରଣ ଏହା ଏକ ଆହ୍ୱାନପୂର୍ଣ୍ଣ ବୃତ୍ତି ଭାବରେ ଜଣାଯାଏ । ଏଥିରେ ଧୈର୍ଯ୍ୟ, ସାହସ, କୌଶଳ ଓ ଦୃଢତାର ଆବଶ୍ୟକତା ରହିଥାଏ । କିନ୍ତୁ ସମୟ ବଦଳିଛି । ଫଟୋଗ୍ରାଫି ଯାହା କେବଳ ପୁରୁଷଙ୍କ କ୍ଷେତ୍ରରେ ସମ୍ଭବ ଥିଲା, ତାହା ଏବେ ମହିଳାମାନେ କରି ଦେଖାଉଛନ୍ତି । ପ୍ରକୃତିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ କ୍ୟାମେରା ଲେନ୍ସରେ କଏଦ କରି ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ଅନେକ ପ୍ରେରଣାଦାୟୀ କାହାଣୀ ସାମ୍ନାକୁ ଆଣିଛନ୍ତି। ସମାଜର କଟକଣା, କଟାକ୍ଷ, ରଢ଼ିବାଦୀ ଚିନ୍ତାଧାରାକୁ ଆଡ଼େଇ ଫଟୋଗ୍ରାଫି କରି ସେମାନଙ୍କ ସାହସ ଓ ଦକ୍ଷତାକୁ ପ୍ରତିପାଦନ କରିଛନ୍ତି । ସେହିପରି କେତେକ ପ୍ରସିଦ୍ଧି ଲାଭ କରିଥିବା ଭାରତୀୟ ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫରଙ୍କୁ ନେଇ ଏହି ଉପସ୍ଥାପନା ।

## ଅପରୂପା ଦେ



ଅପରୂପା ଦେ ଜଣେ ବନ୍ୟପ୍ରାଣୀ ଫୋଟୋଗ୍ରାଫର ଭାବେ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି । ସେ ନିଜର ଫଟୋଗ୍ରାଫି କଳା ମାଧ୍ୟମରେ ପରିବେଶ, ପଶୁପକ୍ଷୀ ସମେତ ଭାରତର ଜୈବବିବିଧତାକୁ ଦର୍ଶାଇଥାନ୍ତି । ଫଟୋଗ୍ରାଫି ପାଇଁ ସେ ବହୁ ବର୍ଷ ସମୟ ଦେଇଛନ୍ତି । ଫୋଟୋଗ୍ରାଫି ମାଧ୍ୟମରେ ଅନେକ ହଜି ଯାଉଥିବା ପ୍ରଜାତିଙ୍କ ସହ ସେ ଲୋକମାନଙ୍କୁ ପରିଚିତ କରାଇଥାନ୍ତି । ତାଙ୍କ ଉତ୍ତୋଳିତ ଫଟୋ କେବଳ ବନ୍ୟପ୍ରାଣୀଙ୍କ ପାଇଁ ଥିବା ଭଲ ପାଇବାକୁ ଦର୍ଶାଏ ନାହିଁ, ବରଂ ପରିବେଶ ସଂରକ୍ଷଣ ପାଇଁ ସମାଜକୁ ବାର୍ତ୍ତା ପ୍ରେରଣ କରିଥାଏ ।

## ଆରତ୍କୁ ଖୁରାନା



ଭାରତରେ ପ୍ରସିଦ୍ଧି ଲାଭ କରିଥିବା ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫରଙ୍କ ମଧ୍ୟରୁ ଆରତ୍କୁ ଖୁରାନା ଅନ୍ୟତମ । ସେ ଆଇନ୍‌ରେ ସ୍ନାତକ କରି ଫଟୋଗ୍ରାଫି ଦୁନିଆରେ ପାଦ ଥାପିଥିଲେ । ସେ ସର୍ବଦା ଆକାଶରେ ଉଡ଼ି ଯାଉଥିବା ଦଳ ଦଳ ପକ୍ଷୀଙ୍କ ଚମକଯୁକ୍ତ ରଙ୍ଗ ଓ ସୁନ୍ଦରତାକୁ ଦେଖି ବିମୋହିତ ହେଉଥିଲେ । ୧୬ ବର୍ଷ ବୟସରେ କ୍ୟାମେରା ଧରି ଫଟୋଗ୍ରାଫି ଆରମ୍ଭ କରିଥିଲେ । ଏହା ଦ୍ୱାରା ସେ ବଣ, ଜଙ୍ଗଲ, ପାହାଡ଼ ମଧ୍ୟରେ ଥିବା ପ୍ରକୃତ ସୁନ୍ଦରତାକୁ ଅନୁଭବ କରିଥିଲେ । କିନ୍ତୁ ପୁରୁଷ ପ୍ରାଧାନ୍ୟ ସମାଜରେ ଜଣେ ମହିଳା ଭାବେ ଏହି କାର୍ଯ୍ୟ କରିବା ଏତେ ସହଜ ନ ଥିଲା । ସେ ଖୁବ୍ ନିଷ୍ଠାର ସହ ଫୋଟୋଗ୍ରାଫି ଶିଖିଥିଲେ । ଏଥିପାଇଁ ତାଙ୍କୁ ପରିବାର ଲୋକେ ମଧ୍ୟ ସମର୍ଥନ କରିଥିଲେ । ୨୬ବର୍ଷ ବୟସରେ ସେ ପରିବାର ଲୋକଙ୍କୁ ବୁଝାଇ ସୋଲୋ ଟ୍ରିପ୍ କରିଥିଲେ । ସେ ଏକାକୀ ସଡ଼କ ଯାତ୍ରାରେ ଭାରତର ୫୫ଟି ବ୍ୟାଘ୍ର ସଂରକ୍ଷଣ ବୁଲିଥିଲେ । ଏଥିପାଇଁ ଛଅମାସରେ ୩୭,୦୦୦ କିଲୋମିଟର ଦୂରତା ଅତିକ୍ରମ କରିଥିଲେ ।

## ଐଶ୍ବର୍ଯ୍ୟା ଶ୍ରୀଧର



ପ୍ରଥମ ଭାରତୀୟ ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫର ଭାବେ ଐଶ୍ବର୍ଯ୍ୟା ୨୩ ବର୍ଷ ବୟସରେ 'ଫଟୋଗ୍ରାଫର ଅଫ୍ ଦି ଇୟର' ପୁରସ୍କାର ଜିତିଥିଲେ । ପିଲାବେଳୁ ତାଙ୍କର ବନ୍ୟପ୍ରାଣୀ ଫଟୋଗ୍ରାଫି ପ୍ରତି ରୁଚି ରହିଥିଲା । ଯାହାର ଫଳସ୍ୱରୂପ ସେ ମାତ୍ର ଏଗାର ବର୍ଷ ବୟସରେ ଫଟୋଗ୍ରାଫି ଆରମ୍ଭ କରିଥିଲେ । ତାଙ୍କ ପିତା ବମ୍ବେ ନାଚୁରାଲ୍ସ ହିଷ୍ଟ୍ରି ସୋସାଇଟିର ସଦସ୍ୟ ଥିଲେ । ତେଣୁ ସେ ନିଜ ପିତାଙ୍କ ସହ ସବୁ ସ୍ଥାନକୁ ଯାଉଥିଲେ । ତାଙ୍କ ପିତାଙ୍କ ଠାରୁ ସେ ଫଟୋଗ୍ରାଫି ଦିଗରେ ପ୍ରେରଣା ପାଇଥିଲେ । ଆଖପାଖରେ ଯାହା ସବୁ ଦେଖୁଥିଲେ ତାକୁ କ୍ୟାମେରାରେ ଉଠାଉଥିଲେ । ଫଳରେ ସ୍ନାତକ ଶିକ୍ଷା ସମାପ୍ତି ପରେ ସେ ବନ୍ୟପ୍ରାଣୀ ଫଟୋଗ୍ରାଫର ହୋଇଥିଲେ । ଘଞ୍ଚ ଜଙ୍ଗଲ ମଧ୍ୟରେ ହିଂସ୍ର ପ୍ରାଣୀଙ୍କ ଫଟୋ ଉତ୍ତୋଳନ କରିବାକୁ ସେ ଡରନ୍ତିନି । ଜଙ୍ଗଲର ପ୍ରାକୃତିକ ପରିବେଶ ମଧ୍ୟରେ ରହିବାକୁ ସେ ଖୁବ୍ ଭଲପାଆନ୍ତି । ଫଟୋଗ୍ରାଫି କେବଳ ନିଶା ନୁହେଁ, ଏଥିରୁ ଜୀବନର ଅନେକ କଥା ଶିଖିବାକୁ ମିଳିଥାଏ ବୋଲି ସେ କୁହନ୍ତି । ସେ ନିଜର ଫଟୋଗ୍ରାଫି ପାଇଁ 'ସାଞ୍ଚୁରୀ ଏସିଆ ୟଙ୍ଗ୍ ନାଚୁରାଲ୍‌ଷ୍ଟି ଆୱାର୍ଡ' ସମେତ 'ଇଣ୍ଟରନ୍ୟାସ୍‌ନାଲ୍ କ୍ୟାମେରା ଫେୟାର୍ ଆୱାର୍ଡ' ପାଇଛନ୍ତି ।

# କଳାଦାଗ ଦୂର କରିବ ଆଇପ୍ୟାଚ୍

ବ୍ୟସ୍ତ ଜୀବନଶୈଳୀ, ନିଦ୍ରାଭାବ କାରଣରୁ ଅନେକ ସମୟରେ ଆଖିତଳ କଳାପଡ଼ିଯାଏ । ଏଥିସହ କୁଞ୍ଚନ ସମସ୍ୟା ମଧ୍ୟ ଦେଖାଯାଏ । ଏହା ମୁହଁର ସୌନ୍ଦର୍ଯ୍ୟକୁ କମ୍ କରିଥାଏ । ତେଣୁ ଅଧିକାଂଶ ଲୋକେ ଏହି କଳାଦାଗକୁ ମେକ୍‌ଅପ୍ କରି ଲୁଚାଇ ଥାଆନ୍ତି । ହେଲେ ଏହା ସବୁବେଳେ କରିବା ଅନେକଙ୍କ ପକ୍ଷେ ସମ୍ଭବ ନୁହେଁ, ତେଣୁ ଚାହିଁଲେ ଘରେ ଆଇପ୍ୟାଚ୍ ପ୍ରସ୍ତୁତ କରି ଆଖିତଳ ଦାଗ ଦୂର କରିପାରିବେ ।



- ଗୋଟିଏ ପାତ୍ରରେ ଏକ ଚାମଚ ଆଲୋଭେରା ଜେଲ୍, କାକୁଡ଼ି ରସ, ଗୋଲାପ ଜଳ ଓ ଏକ ଭିଟାମିନ୍ କ୍ୟାପ୍‌ସୁଲ୍ ମିଶାନ୍ତୁ । ଏହାକୁ କଟନପ୍ୟାଡରେ ବୁଡ଼ାଇ ଫ୍ରିଜ୍‌ରେ ଦଶ ମିନିଟ୍ ରଖି ଆଖି ତଳେ ଲଗାଇପାରିବେ । ଏହା ଆଖିତଳ ଦାଗ ସହ ଚର୍ମ କୁଞ୍ଚନ ଦୂର କରିଥାଏ ।
- ଦୁଇଟି ଗ୍ରୀନ୍ ଟି ପ୍ୟାଚ୍‌କୁ ଗରମ ପାଣିରେ ବୁଡ଼ାଇ ଥଣ୍ଡା କରନ୍ତୁ । ଏଥିରେ ମହୁ, ଗୋଲାପ ଜଳ, ଭିଟାମିନ୍ – ଇ କ୍ୟାପ୍‌ସୁଲ ମିଶାନ୍ତୁ । ଏହାକୁ ଆଖି ତଳେ ଲଗାଇ କିଛି ସମୟ ରଖନ୍ତୁ ।
- ସେହିପରି ଗୋଟିଏ କଞ୍ଚାଆଳୁ ଛିଲ୍‌କାରେ ଘଷି ସେଥିରେ ଏକ ଚାମଚ କ୍ଷୀର ଓ ଗୋଲାପଜଳ ମିଶାଇ ଫେଣ୍ଟି ଦିଅନ୍ତୁ । ଏହାକୁ ଫ୍ରିଜ୍‌ରେ ରଖି ଥଣ୍ଡା ହୋଇଗଲେ ଆଖି ତଳେ ଲଗାନ୍ତୁ ।

মୋ ହାଣ୍ଡିଶାଳରୁ...

# ଆମ୍ବ ପୋଡ଼ପିଠା



### ଆବଶ୍ୟକ ସାମଗ୍ରୀ

ପାଚିଲା ଆମ୍ବ- ତିନୋଟି, ଅରୁଆ ଚାଉଳ - ଦୁଇ କପ୍, ଚିନି - ଏକ କପ୍, ଛେନା - ଏକ କପ୍, ନଡ଼ିଆ - ଏକ କପ୍, କାଜୁ- ଅଧା କପ୍, ଗୁଜୁରାତି - ଦୁଇଟି, ଗୋଲମରିଚ - ତିନି ଚାରୋଟି, ବିଟ ଲୁଣ - ଅଧ ଚାମଚ, କିସ୍‌ମିସ୍ - ଆଠ ଦଶଟି, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପାଚିଲା ଆମ୍ବରୁ ଚୋପା ଛଡ଼ାଇ ରସକୁ ବାହାର କରି ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ । ଏହାପରେ ସେହି ଗ୍ରାଇଣ୍ଡିଂ ଜାର୍‌ରେ ବତୁରା ଅରୁଆ ଚାଉଳ, ଛେନା, କୋରା ନଡ଼ିଆ, କଟା କାଜୁ, ଗୋଲମରିଚ, ଗୁଜୁରାତି, ଚିନି ସମେତ ଅଳ୍ପ ବିଟ ଲୁଣ ଓ ପାଣି ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହା ପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ । ତେଲ ଗରମ ହୋଇଆସିଲେ ସେଥିରେ କାଜୁ, କିସ୍‌ମିସ୍ ଓ ନଡ଼ିଆ କୋରା ପକାଇ ପିଠାଖଡ଼ିକାରେ ଏପାଖ ସେପାଖ କରି ଦିଅନ୍ତୁ । ଏହାପରେ ବାଟି ରଖିଥିବା ଚାଉଳ ପେଷ୍ଟକୁ ଦେଇ ପିଠାଖଡ଼ିକାରେ ଗୋଳାଇ ଦିଅନ୍ତୁ । ଏହାପରେ ଆମ୍ବରସକୁ ଦେଇ ବହଳିଆ ହେବା ଯାଏ ଘାଣ୍ଟନ୍ତୁ । କିଛି ସମୟ ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଗୋଟିଏ ପ୍ରେସର୍ କୁକର୍ ନେଇ ସେଥିରେ ସାମାନ୍ୟ ତେଲ ଘସି ଶାଳ ତଥା କଦଳୀ ପତ୍ର ଦେଇ ବଟାକୁ ପକାଇ ଭଲ ଭାବେ ଖେଳାଇ ଦିଅନ୍ତୁ । ଏହା ଉପରେ ଏକ ପତ୍ର ଘୋଡ଼ାଇ ଗ୍ୟାସ୍‌ରେ ବସାଇ ବାମ୍ଫ ଦିଅନ୍ତୁ । ଅଧ ଘଣ୍ଟା କିମ୍ବା ୪୫ ମିନିଟ୍ ପରେ ଗ୍ୟାସ ବନ୍ଦ କରି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ । ଏହାକୁ ଗୋଟିଏ ପ୍ଲେଟ୍‌କୁ କାଢ଼ି ଖଣ୍ଡ କରି ପରଷନ୍ତୁ 'ଆମ୍ବ ପୋଡ଼ପିଠା' ।

# ଗିଂଘମ୍ ଫେଶନ୍



ସାଧାରଣତଃ ଖରାଦିନେ ସମସ୍ତେ ସୂତାପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ଏହା ହାଲୁକା ସହ ଆରାମଦାୟ ହୋଇଥାଏ । ଖରାଦିନେ ସୂତା ପୋଷାକ ଭଳି ପ୍ରିଣ୍ଟର ମଧ୍ୟ ଗୁରୁତ୍ୱ ରହିଥାଏ । ଯାହା ଆଖିକୁ ସୁନ୍ଦର ଦେଖାଯିବା ସହ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ । ତେଣୁ ଏହି ଦିନେ ଗିଂଘମ୍ ପ୍ରିଣ୍ଟର ଚାହିଦା ଅଧିକ ରହିଥାଏ । ଏ ପ୍ରକାର ପ୍ରିଣ୍ଟ ଥିବା ପୋଷାକ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ ।

### ଡ୍ରେସ୍

ଏଥିରୁ ଉଭୟ ଆଧୁନିକ ଓ ନବେ ଦଶକର ଭାଇବ୍ସ ମିଳିଥାଏ । ଏହାକୁ ପିନ୍ଧି ପାର୍ଟି, ଫଙ୍କସନ ଆଦିକୁ ଯାଇପାରିବେ । ଏହା ଷ୍ଟାଇଲିଶ୍ ସହ ଆକର୍ଷଣୀୟ ଦିଶିଥାଏ ।

### ପ୍ୟାଣ୍ଟ

ଗିଂଘମ୍‌ର ଅର୍ଥ କେବଳ ବଜାର ତଥା ପିକ୍‌ନିକ୍ ଯିବା ଆଉଟ୍‌ଫିଟ୍‌ରେ ସୀମିତ ନୁହେଁ, ଏ ପ୍ରକାର ପ୍ରିଣ୍ଟ ପ୍ୟାଣ୍ଟରୁ ଏକ ସ୍ମାର୍ଟ ଲୁକ୍ ମିଳିଥାଏ ।

### ସଟ୍‌ସ

ଖରାଦିନେ ଆରାମ ସହିତ ଷ୍ଟାଇଲିଶ୍ ଲୁକ୍ ପାଇବାକୁ ଚାହିଁଥିଲେ, ଗିଂଘମ୍ ପ୍ରିଣ୍ଟ ଥିବା ସଟ୍‌ସ ପିନ୍ଧିପାରିବେ । ଏଥିରୁ ଏକ ଫିନିଶ୍ ଲୁକ୍ ମିଳିଥାଏ । ଏଥି ସହ ଧଳା କିମ୍ବା ପେଷ୍ଟାଲ୍ ରଙ୍ଗର ଟପ୍ସ ପିନ୍ଧିଲେ ଭଲ ମାନିଥାଏ ।

### ଗିଂଘମ୍ ଆସେସରିଜ୍

ଗିଂଘମ୍ ପ୍ରିଣ୍ଟ ପୋଷାକ ଭଳି ଗିଂଘମ୍ ଆସେସରିଜ୍‌ର ମଧ୍ୟ ଚାହିଦା ରହିଛି । ଗିଂଘମ୍ ହେଡ୍‌ବ୍ୟାଣ୍ଡରୁ ନେଇ ଟୋଟ୍ ବ୍ୟାଗ୍, ହେୟାର୍ କ୍ଲିପ୍ ଆଦି ରହିଛି । ଏହାକୁ ଲଗାଇ ଏଥିରୁ ଏକ କ୍ୟୁଟ୍ ଲୁକ୍ ପାଇପାରିବେ । ବିଶେଷ କରି ଯୁବତୀମାନଙ୍କୁ ଏହି ଆସେସରିଜ୍ ଖୁବ୍ ପସନ୍ଦ ।

# କେଶଝଡ଼ା ରୋକିବ ଅଦା ପାଣି

କେଶ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ତେଣୁ ସମସ୍ତେ ଘନ, ଲମ୍ବା କେଶ ଚାହାନ୍ତି । ଏଥିପାଇଁ ବିଭିନ୍ନ ରସାୟନିକ ପ୍ରସାଧନ ମଧ୍ୟ ଲଗାଇଥାନ୍ତି । ହେଲେ ବର୍ତ୍ତମାନର ଜୀବନଶୈଳୀ, ଧୂଳିମାଟି, ପ୍ରଦୂଷଣ ଯୋଗୁଁ ଅଧିକ କେଶଝଡ଼ା ସମସ୍ୟା ଦେଖାଯାଉଛି । ସେହିପରି କେଶ ଧଳା ଏବେର ଏକ ମୁଖ୍ୟ ସମସ୍ୟା ପାଲଟିଛି । ତେଣୁ କେଶକୁ ପ୍ରାକୃତିକ ଉପାୟରେ ସୁସ୍ଥ ରଖିବାକୁ ଚାହୁଁଥିଲେ, ଅଦା ପାଣି ବ୍ୟବହାର କରିପାରିବେ ।

### ସ୍ପ୍ରେ ପ୍ରସ୍ତୁତି

ଏଥିପାଇଁ ଏକ କପ୍ ପାଣିରେ ତିନି ଇଞ୍ଚ ଅଦା ପକାଇ ଫୁଟାନ୍ତୁ । ଏହାକୁ ଦୁଇମିନିଟ୍ ଫୁଟାଇ ଏକ ପାତ୍ରକୁ କାଢ଼ି ଛାଣି ଗୋଟିଏ ବୋତଲରେ ଭର୍ତ୍ତି କରିଦିଅନ୍ତୁ । ସେହିପରି କେଶ ରୁକ୍ଷ ଓ ଶୁଷ୍କ ଥିଲେ ସେଥିରେ ଅଲିଭ୍ ଅଏଲ୍ ଓ ମହୁ ମିଶାନ୍ତୁ । ଏଥିସହ ରୁପି ସମସ୍ୟା ଥିଲେ ଲେମ୍ବୁ ମିଶାଇପାରିବେ ।

### ଲଗାଇବା ବିଧି -

ସ୍ପ୍ରେ ବୋତଲରେ ଷ୍ଟୋର୍ କରି ରଖିଥିବା ଅଦା ପାଣିକୁ କେଶରେ ଅଳ୍ପ ଅଳ୍ପ ସ୍ପ୍ରେ କରି ଏହାକୁ ହାଲୁକା ହାତରେ ମସାଜ୍ କରନ୍ତୁ । କେଶରେ ଅଧିକ ରୁପି ଥିଲେ କେଶ ଧୋଇବାର ଅଧ ଘଣ୍ଟା ପୂର୍ବରୁ ଏହାକୁ ଲଗାଇ ସଫା କରନ୍ତୁ । ଏପରି ଦୁଇ ତିନି ସପ୍ତାହ ଲଗାଇବା ଦ୍ୱାରା ରୁପି ସମସ୍ୟା ଦୂର ହୋଇଥାଏ ।



# ଲାଟିନା ମେକ୍‌ଅପ୍



ସମୟ ଅନୁସାରେ ଅନେକ ମେକ୍‌ଅପ୍ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ସେହିପରି ଏବେ ଲାଟିନା ମେକ୍‌ଅପ୍ ଚର୍ଚ୍ଚାରେ ରହିଛି । ଏହାକୁ ଯୁବତୀମାନେ ଖୁବ୍ ପସନ୍ଦ ମଧ୍ୟ କରୁଛନ୍ତି । ତେବେ ଲାଟିନା ମେକ୍‌ଅପ୍ ଲାଟିନ୍ ଆମେରିକା ମହିଳାଙ୍କ ସୌନ୍ଦର୍ଯ୍ୟ, ଷ୍ଟାଇଲରୁ ଅନୁପ୍ରାଣିତ । ଏହା ମହିଳାଙ୍କୁ ଆକର୍ଷଣୀୟ ସହ ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ଏହି ମେକ୍‌ଅପ୍ ପ୍ରକ୍ରିୟାରେ ତ୍ୱଚାରେ ପ୍ରାକୃତିକ ଚମକ ଆସିଥାଏ । ବିଶେଷ କରି ବୋଲ୍‌ଡ ଲିପ୍ସ, ଶାର୍ପ ଫେସ୍ ଓ ଆଖି ମେକ୍‌ଅପ୍‌କୁ ଧ୍ୟାନ ଦିଆଯାଇଥାଏ । ଏହି ମେକ୍‌ଅପ୍ କିପରି କରିବେ ଜାଣିବା ସେ ବିଷୟରେ...

### ଫେସ୍‌ୱାସ୍

ପ୍ରଥମେ ତ୍ୱଚାକୁ ଫେସ୍‌ୱାସ୍‌ରେ ଭଲ କରି ଧୋଇ ଦିଅନ୍ତୁ । ଏହାପରେ ହାଇଡ୍ରେଟିଂ ଟୋନର୍ ସହ ସିରମ୍ ଲଗାଇ ତ୍ୱଚାକୁ ଏକ ନରମ ବେସ୍ ଦିଅନ୍ତୁ ।

### ଫାଉଣ୍ଡେସନ୍

ମୁହଁର ରଙ୍ଗ ଅନୁଯାୟୀ, କ୍ରିମ୍ ବା ମ୍ୟାଟ୍ ଫିନିଶ୍ ଦେଉଥିବା ଫାଉଣ୍ଡେସନ୍ ଲଗାନ୍ତୁ । ବ୍ଲେଣ୍ଡର ସାହାଯ୍ୟରେ ତ୍ୱଚାରେ ଭଲ କରି ମିଶାନ୍ତୁ । ତ୍ୱଚାର ଦାଗକୁ ଦୂର କରିବା ପାଇଁ କନ୍‌ସିଲର୍ ଲଗାନ୍ତୁ । ନାକ , ଗାଲ ଏବଂ ଆଖିରେ କନ୍‌ସିଲର୍ ଲଗାଇବା ଦ୍ୱାରା ଏକ ଫିନିଶ୍ ଲୁକ୍ ମିଳିଥାଏ ।

### କଂଟୁରିଙ୍ଗ୍

ବ୍ରୋଞ୍ଜର ବ୍ୟବହାର କରି ଚିକ୍ , ଫୋର୍‌ହେଡ୍ ଏବଂ ଜ-ଲାଇନ୍‌କୁ କଂଟୁର କରନ୍ତୁ । ବ୍ରୋଞ୍ଜରକୁ ଆଖି ପାଖରେ ଭଲରେ ମିଶାଇ ହାଇଲାଇଟର୍ ଲଗାନ୍ତୁ । ଏହା ଆଖିକୁ ଆକର୍ଷଣୀୟ ଲୁକ୍ ଦେଇଥାଏ ।

### ବୋଲ୍‌ଡ ଆଇବ୍ରୋ

ବ୍ରୋ ପେନ୍‌ସିଲ୍‌ରେ ଆଇବ୍ରୋକୁ କୁଣ୍ଡାଇ ସଜାଡ଼ନ୍ତୁ । ଏହାପରେ ଆଇବ୍ରୋରେ କନ୍‌ସିଲର୍ ଏବଂ ହାଇଲାଟର୍ ଲଗାଇ ଏହାକୁ ତ୍ୱଚାର ରଙ୍ଗ ସହ ମିଶାନ୍ତୁ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।

## ୨୭ ବର୍ଷ ପ୍ରତୀକ୍ଷାର ଅନ୍ତ

# ଦକ୍ଷିଣ ଆଫ୍ରିକା ହାତରେ ଆଇସିସି ଟ୍ରଫି

ଲର୍ଡ୍ସ,୧୪।୬ (ଏଜେନ୍ସି):

କ୍ରିକେଟର ମକ୍କା ଭାବେ ବିବେଚିତ ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଇତିହାସ ରଚିଛି ଦକ୍ଷିଣ ଆଫ୍ରିକା। ଏଠାରେ ଗତ ୪ ଦିନ ଧରି ଚାଲିଥିବା ବିଶ୍ୱଟେଷ୍ଟ ଚାମ୍ପିଅନସିପ(ଡବ୍ଲ୍ୟୁଟିସି)ର ଫାଇନାଲ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ବା ଗତଥରର ବିଜେତା ଅଷ୍ଟ୍ରେଲିଆକୁ ୫ ୱିକେଟରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହା ଫଳରେ ବିଜୟୀ ଦଳ ଦୀର୍ଘ ୨୭ ବର୍ଷ ପରେ ୧୧ଟି ସେମିଫାଇନାଲ ଓ ଗୋଟିଏ ଫାଇନାଲରେ ହାରିବା ପରେ ଆଇସିସି ଟ୍ରଫି ବିଜୟୀ ହୋଇଛି। ପୂର୍ବରୁ ୧୯୯୮ରେ ଦକ୍ଷିଣ ଆଫ୍ରିକା ଆଇସିସି ନକ୍ଆଉଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ପ୍ରଥମ ଆଇସିସି ଟ୍ରଫି ବିଜୟୀ ହୋଇଥିଲା। 'ଆଇସିସି ନକ୍ଆଉଟ ଟୁର୍ଣ୍ଣାମେଣ୍ଟ' ପରବର୍ତ୍ତୀ ସମୟରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଭାବରେ ନାମିତ ହୋଇଥିଲା। ଏବେ ବିଶ୍ୱଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆକୁ ମାତ ଦେଇ ଦକ୍ଷିଣ ଆଫ୍ରିକା ନାମରେ ଥିବା ଚୋକର୍ସ ଟ୍ୟାଗ୍‌କୁ ହଟାଇବାରେ ପ୍ରଥମ ପାଦ ଥାପିଛି। ଏହି ଫାଇନାଲରେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ଇନିଂସରେ ୧୩୬ ରନ୍‌ର ଦମ୍‌ଦାର ଇନିଂସ ଖେଳି ଦଳକୁ ବିଜୟୀ କରାଇଥିବା ଓପନର ଆଇଡେନ ମାର୍କରାମଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।





ପରାଜୟରେ ମ୍ରିୟମାଣ ଅଷ୍ଟ୍ରେଲୀୟ ଖେଳାଳି

## ୫ ୱିକେଟରେ ଅଷ୍ଟ୍ରେଲିଆ ପରାସ୍ତ

ଏହି ମ୍ୟାଚରେ ବିଉ ୱେବ୍‌ଷ୍ଟର ୭୨ ଓ ଷ୍ଟିଭେନ ସ୍ମିଥ ୬୬ ରନ୍ କରିବା ଫଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୧୨ ରନ୍ କରିଥିଲା। ଜବାବରେ ପ୍ୟାଟ୍ କମିନ୍ସ ୬ଟି ୱିକେଟ ନେବା ଫଳରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ୧୩୮ ରନ୍‌ରେ ଅଟକିଥିଲା। ଡେଭିଡ ବେଡିଂହାମ ୪୫ ଓ ତେମ୍ବା ବଭୂମା ୩୬ ରନ୍ କରିଥିଲେ। ପ୍ରଥମ ଇନିଂସରେ ୭୪ ରନ୍‌ରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୭୩ ରନ୍‌ରେ ୭ ୱିକେଟ ହରାଇଥିଲେ ମଧ୍ୟ ମିଚେଲ ଷ୍ଟାର୍କଙ୍କ ଅପରାଜିତ ୫୮ ଓ ଆଲେକ୍ସ କ୍ୟାରୀଙ୍କ ୪୩ ରନ୍ ସହାୟତାରେ ଦଳ ୨୦୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଅଷ୍ଟ୍ରେଲିଆର ପ୍ରଥମ ପାଳିରେ ୫ ୱିକେଟ ନେଇଥିବା କାଗିସୋ ରାବାଡା ଦ୍ୱିତୀୟ ଇନିଂସରେ ମଧ୍ୟ ୪ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ।

ଏହା ପରେ ଆରମ୍ଭ ହୋଇଥିଲା ଇତିହାସ ରଚିବାର ଚେଷ୍ଟା। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଆଗରେ ୨୮୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୭୦ ରନ୍‌ରେ ୨ ୱିକେଟ ହରାଇଥିଲା। କିନ୍ତୁ ତୃତୀୟ ୱିକେଟ ଯୋଡିରେ ଦଳର ସବୁଠାରୁ ଅଭିଜ୍ଞ ବ୍ୟାଟର ଓପନର ଆଇଡେନ୍ ମାର୍କରାମ ଓ ତେମ୍ବା ବଭୂମା ଉଭୟ ଧୈର୍ଯ୍ୟପୂର୍ଣ୍ଣ ଓ ଆକ୍ରମଣାତ୍ମକ ବ୍ୟାଟିଂ କରି ୨୫୦ ବଲ୍‌ରୁ ୧୪୭ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାର ଦେଶରେ ପହଞ୍ଚାଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୬୫ ରନ୍ ଆବଶ୍ୟକ ଥିଲାବେଳେ ଅଧିନାୟକ ବଭୂମା ଓ ୬ ରନରୁ ଦୂରରେ ଥିଲାବେଳେ ମାର୍କରାମ ଆଉଟ ହୋଇଯାଇଥିଲେ। କିନ୍ତୁ ଡେଭିଡ ବେଡିଂହାମ ଅଧିକ କ୍ଷତି ହେବାକୁ ନ ଦେଇ ଦଳକୁ ଐତିହାସିକ ବିଜୟ ପ୍ରଦାନ କରିଥିଲେ। ବଭୂମା ୧୩୪ ବଲ୍‌ରୁ ୫ ଚୌକା ସହ ୬୬ ଏବଂ ମାର୍କରାମ ତାଙ୍କ ଟେଷ୍ଟ ଜୀବନର ଶ୍ରେଷ୍ଠ ଇନିଂସ ସହ ୨୦୭ ବଲ୍‌ରୁ ୧୪ ଚୌକା ସହ ୧୩୬ ରନ୍‌ରେ ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକାର ଦୁଇ ଓପନରଙ୍କୁ ଆଉଟ କରିବା ବ୍ୟତୀତ ଅନ୍ୟ ସମୟରେ ଅଷ୍ଟ୍ରେଲିଆର ତଥାକଥିତ ପ୍ରଭାବଶାଳୀ ଓ ବିଶ୍ୱଚାମ୍ପିଅନ ବୋଲର ପ୍ରଭାବବିହୀନ ହୋଇଯାଇଥିଲେ।


ଆଇଡେନ୍ ମାର୍କରାମ- ୧୩୬

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୨୧୨/୧୦ (ବିଉ ୱେବ୍‌ଷ୍ଟର-୭୩, ଷ୍ଟିଭେନ ସ୍ମିଥ୍-୬୬, କାଗିସୋ ରାବାଡ଼ା- ୫/୫୧, ମାର୍କୋ ଜାନସେନ-୩/୪୯)।

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୧୩୮/୧୦ (ଡେଭିଡ୍ ବେଡିଂହାମ-୪୫, ତେମ୍ବା ବଭୂମା-୩୬, ପ୍ୟାଟ୍ କମିନ୍ସ-୬/୨୮, ମିଚେଲ ଷ୍ଟାର୍କ-୨/୪୧)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୨୦୭/୧୦ (ମିଚେଲ ଷ୍ଟାର୍କ-୫୮*, ଆଲେକ୍ସ କ୍ୟାରୀ-୪୩, ରାବାଡା-୪/୫୯, ଲୁଙ୍ଗି ଏନ୍‌ଗିଡି-୩/୩୮)।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ:** ୨୮୨/୫ (ଆଇଡେନ୍ ମାର୍କରାମ-୧୩୬, ତେମ୍ବା ବଭୂମା-୬୬, ମିଚେଲ ଷ୍ଟାର୍କ-୩/୬୬, ଜୋଶ ହାଜ୍‌ଲେଉଡ୍-୧/୫୮)।

**ପ୍ଲେୟର ଅଫ୍ ଦି ମ୍ୟାଚ୍**
**ଆଇଡେନ୍ ମାର୍କରାମ**

### ଅପରାଜେୟ ଅଧିନାୟକ ବଭୂମା

ଦକ୍ଷିଣ ଆଫ୍ରି ଟେଷ୍ଟ ଦଳର ନେତୃତ୍ୱ ନେବାପରଠାରୁ ଏଯାଏ ଗୋଟିଏ ହେଲେ ଟେଷ୍ଟରେ ହାରି ନାହାନ୍ତି। ଏହା ଫଳରେ ସେ ଟେଷ୍ଟ ଅଧିନାୟକ ଭାବେ ଅପରାଜିତ ରହିଛନ୍ତି। ସେ ୧୦ଟି ଟେଷ୍ଟରେ ନେତୃତ୍ୱ ନେଇଥିଲାବେଳେ ୯ଟିରେ ବିଜୟୀ ହୋଇଛନ୍ତି ଓ ଅନ୍ୟ ଗୋଟିଏ ମ୍ୟାଚ୍ ଡ୍ର ରଖିଛନ୍ତି। ଏହା ମଧ୍ୟରେ ଏକ ଐତିହାସକ ସିରିଜ୍ ବିଜୟ ଓ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ରହିଛି। ତାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଲର୍ଡ୍ସରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆକୁ ୫ ୱିକେଟରେ ପରାସ୍ତ କରି ଇତିହାସ ସୃଷ୍ଟି କରିଛନ୍ତି।

### ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ବିଜେତା

| ବର୍ଷ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୨୦୧୯-୨୧ | ନ୍ୟୁଜିଲାଣ୍ଡ | ଭାରତ |
| ୨୦୨୧-୨୩ | ଅଷ୍ଟ୍ରେଲିଆ | ଭାରତ |
| ୨୦୨୩-୨୫ | ଦକ୍ଷିଣ ଆଫ୍ରିକା | ଅଷ୍ଟ୍ରେଲିଆ |

### ଆଇସିସି ଟ୍ରଫି ଫାଇନାଲ: ୧୫ ବର୍ଷ ପରେ ହାରିଲା ଅଷ୍ଟ୍ରେଲିଆ

ଦୀର୍ଘ ୧୫ ବର୍ଷ ପରେ ଆଇସିସି ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଅଷ୍ଟ୍ରେଲିଆ ପରାଜିତ ହୋଇଛି। ଇଂଲଣ୍ଡର ଲର୍ଡ୍ସରେ ଶନିବାର ଶେଷ ହୋଇଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି। ଏହା ପୂର୍ବରୁ ଶେଷଥର ୨୦୧୦ ଟି-୨୦ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ଚାମ୍ପିଅନ ଇଂଲଣ୍ଡ ନିକଟରୁ ପରାଜିତ ହୋଇଥିଲା। ଏହା ମଧ୍ୟରେ ଅଷ୍ଟ୍ରେଲିଆ ୨୦୧୫ ଦିନିକିଆ ବିଶ୍ୱକପ୍ ଦୁବାଇରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍, ୨୦୨୧-୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଓ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ ଜିତି ଚାମ୍ପିଅନ ହୋଇଥିଲା। ଅଷ୍ଟ୍ରେଲିଆ ବିଭିନ୍ନ ଫର୍ମାଟରେ ୧୪ଟି ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛି। ଏହା ମଧ୍ୟରୁ ମାତ୍ର ୪ଟିରେ ପରାଜିତ ହୋଇଛି।

### ଏଫ୍‌ଆଇଏଚ୍ ପୁରୁଷ ପ୍ରୋ-ଲିଗ୍

## ଭାରତର କ୍ରମାଗତ ୫ମ ପରାଜୟ




ଆଣ୍ଟେୱର୍ପ, ୧୪।୬ (ଏଜେନ୍ସି): ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍‌ର ୟୁରୋପ ଟୁର୍‌ରେ ପରାଜୟ ଭାରତର ପିଛା ଛାଡୁନାହିଁ। ଏଠାରେ ଶନିବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲାରେ ଭାରତ ୨-୩ ଗୋଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଯାଇଛି। ଏହା ଫଳରେ ୟୁରୋପ ଟୁର୍‌ରେ ଦଳ କ୍ରମାଗତ ପଞ୍ଚମ ପରାଜୟ ବରଣ କରିଛି। ପୂର୍ବରୁ ନେଦରଲାଣ୍ଡସ ଓ ଆର୍ଜେଣ୍ଟିନା ନିକଟରୁ ଦଳ ୨ଥର ଲେଖାଏଁ ପରାଜିତ ହୋଇଥିଲା। ଆଜିର ମୁକାବିଲାରେ ଅଭିଷେକ ଡବଲ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ ମଧ୍ୟ ଲଢୁଆ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ବିଜୟୀ ଦଳ ପକ୍ଷରୁ ନାଥାନ ଏଫ୍ରାମସ, ଜୋଏଲ ରିଣ୍ଟାଲା ଓ ଟମ୍ କ୍ରେଗ୍ ଗୋଟିଏ ଲେଖାଏ ଗୋଲ ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲେ। ଭାରତ ପକ୍ଷରୁ ଆଘାତ ପାଇଥିବା ଅଧିନାୟକ ହରମନପ୍ରୀତ୍ ସିଂ ଏହି ମ୍ୟାଚ୍ ଖେଳୁ ନ ଥିଲେ।

### ମ୍ୟୁନିକ୍ ସୁଟିଂ ବିଶ୍ୱକପ୍

## ଆର୍ଯ୍ୟା-ଅର୍ଜୁନଙ୍କୁ ସ୍ୱର୍ଣ୍ଣପଦକ



ମ୍ୟୁନିକ୍, ୧୪।୬ (ଏଜେନ୍ସି): ଏଠାରେ ଚାଲିଥିବା ଆଇଏସ୍‌ଏସଏଫ୍ (ସୁଟିଂ) ବିଶ୍ୱକପ୍‌ରେ ଭାରତର ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଯୋଡି ଆର୍ଯ୍ୟା ବୋଷ ଓ ଅର୍ଜୁନ ବାବୁଟାଙ୍କ ଯୋଡି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏଠାରେ ଶନିବାର ଅନୁଷ୍ଠିତ ମିକ୍ସଡ ଟିମ୍ ଇଭେଣ୍ଟରେ ଆର୍ଯ୍ୟା -ଅର୍ଜୁନଙ୍କ ଯୋଡି ୧୭-୭ ପଏଣ୍ଟରେ ଚୀନ୍‌ର ଜିଫେଇ ୱାଙ୍ଗ୍ ଓ ଲିହାସ ଶେଙ୍ଗ୍‌ଙ୍କ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ଭାରତ ମ୍ୟୁନିକ୍ ସୁଟିଂ ବିଶ୍ୱକପ୍‌ରେ ୨ଟି ସ୍ୱର୍ଣ୍ଣ ସହ ୪ଟି ପଦକ ଜିତିବାରେ ସମର୍ଥ ହୋଇଛି। ପୂର୍ବରୁ ସୁରୁଚି ଶର୍ମା ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କ ବ୍ୟତୀତ ସିଫ୍ଟ କୌର ସାମ୍‌ରା ଓ ଏଲାଭେନିଲ ୨ଟି କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଥିଲେ। ଶନିବାର ଅନୁଷ୍ଠିତ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତର ଅନ୍ୟ ପ୍ରତିଯୋଗୀ ଏଲାଭେନିଲ ଭାଲାରିଭାନ ଓ ଅଙ୍କୁଶ ଯାଦବଙ୍କ ଯୋଡି ୬ଷ୍ଠ ସ୍ଥାନରେ ରହି ନିରାଶ କରିଥିଲେ।

### ଆଇସିସି ନିୟମରେ ପରିବର୍ତ୍ତନ

## ୨୫ ଓଭର ଦିନିକିଆ ମ୍ୟାଚ୍‌ରେ ଗୋଟିଏ ନୂଆ ବଲ୍

ଦୁବାଇ, ୧୪।୬ (ଏଜେନ୍ସି): ଆଇସିସି ପକ୍ଷରୁ କେତେକ ନିୟମରେ ପରିବର୍ତ୍ତନ କରାଯାଇଛି। ଏବେ ଦିନିକିଆ ମ୍ୟାଚ୍ ୨୫ ଓଭର ବିଶିଷ୍ଟ ହେଲେ ଇନିଂସରେ ଗୋଟିଏ ନୂଆ ବଲ୍ ବ୍ୟବହାର କରାଯିବ। ଏହି ନିୟମ ଜୁଲାଇ ୨ରୁ ଲାଗୁ ହେବ। ଏବେ ଦିନିକିଆ ମ୍ୟାଚ୍‌ରେ ୨ଟି ନୂଆବଲ ଖେଳାଯାଉଛି। ଯାହା ଫଳରେ ଫିଲ୍ଡିଂ କରୁଥିବା ଦଳ ଫାଇଦାରେ ରହୁଛି। ଏଣୁ ୩୪ ଓଭର ପରେ ଫିଲ୍ଡିଂ କରୁଥିବା ଦଳ ଏହି ଦୁଇଟି ବଲ୍‌ରୁ ଗୋଟିକରେ ବୋଲିଂ କରିବ।

ଶିବମ ଦୁବେଙ୍କ ସ୍ଥାନରେ ହର୍ଷିତ ରାଣାଙ୍କୁ କନକସନ ବଦଳ ଖେଳାଳି ଭାବେ ବ୍ୟବହାର କରାଯିବାକୁ ନେଇ ବେଶ ଆଲୋଚନା ହୋଇଥିଲା। ଏହା ବିବାଦ ଘେରକୁ ଆସିବା ପରେ ଏବେ କନକସନ ନିୟମରେ କିଛି ପରିବର୍ତ୍ତନ କରାଯାଇଛି। ଗୋଟିଏ ଦଳ ଚୂଡାନ୍ତ ଏକାଦଶ ଖେଳାଳି ତାଲିକା ଦେଲାବେଳେ ଓ ଦଳରେ ଥିବା ଖେଳାଳିଙ୍କ ସମ୍ପର୍କରେ ୫ଟି କାଟାଗୋରୀ ସମ୍ପର୍କରେ ସୂଚନା ଦେବେ। ସେଗୁଡିକ ହେଲା ୱିକେଟରକ୍ଷକ, ବ୍ୟାଟର, ସିମ୍ ବୋଲର, ସ୍ପିନ୍ ବୋଲର ଓ ଅଲରାଉଣ୍ଡର। କନକସନ ବଦଳ ଅବସ୍ଥା ଆସିଲେ ମ୍ୟାଚ୍ ରେଫରି ଏହି ତାଲିକାରୁ ସମାନ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦେବେ। ସେହିପରି ବାଉଣ୍ଡରୀରେ କ୍ୟାଚ୍ ଧରିବା ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ବାଉଣ୍ଡରୀରେ ବଲ ଧରି ନିୟନ୍ତ୍ରଣ ହରାଇଲାବେଳେ ଅନେକ ଖେଳାଳି ବାଉଣ୍ଡରୀ ବାହାରକୁ ଚାଲିଯାଉଛନ୍ତି। କିନ୍ତୁ ସେମାନେ ଏକାଥରକେ ପଡ଼ିଆ ଭିତରକୁ ଆସି ନ ପାରିଲେ ତାହାକୁ ବାଉଣ୍ଡାରୀ ବିବେଚନା କରାଯିବ। ଏହି ନିୟମ ଅକ୍ଟୋବର ୨୦୨୬ରେ ଲାଗୁ କରାଯିବ। ପଡ଼ିଆ ବାହାରେ ଦୁଇଥର ଡେଇଁ ବଲ ଛୁଇଁଲେ ତାହାକୁ ବାଉଣ୍ଡାରୀ ବିବେଚନା କରାଯିବ। ସେହିପରି ବଲକୁ ଧରି ପଡ଼ିଆ ଭିତରକୁ ପକାଇବାରେ ଆଉଜଣେ କ୍ୟାଚ୍ ଧରିବା ବେଳକୁ ପୂର୍ବ ଖେଳାଳିଜଣଙ୍କ ପଡ଼ିଆ ଭିତରକୁ ଆସି ନ ଥିଲେ ତାହାକୁ ବାଉଣ୍ଡାରୀ ଭାବେ ବିବେଚନା କରାଯିବ।

### ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍

## ପ୍ରଣତିଙ୍କୁ କାଂସ୍ୟ ପଦକ

ସିଓଲ, ୧୪।୬ (ଏଜେନ୍ସି): ଭାରତର ପ୍ରତିଯୋଗୀ ତଥା କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଜିମ୍ନାଷ୍ଟିକ୍ ହାଇପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ପ୍ରଣତି ନାୟକ ଏଠାରେ ଅନୁଷ୍ଠିତ ୨୦୨୫ ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଏହି ଇଭେଣ୍ଟରେ ପ୍ରଣତି ୧୩,୪୬୬ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କଠାରୁ ଅଧିକ ପଏଣ୍ଟ ପାଇଥିବା ଚୀନ୍‌ର ୟିହାନ ଝାଙ୍ଗ୍ ଓ ଭିଏତନାମ୍‌ର ଏନ୍‌ଗୁଏନ୍ ଥି କ୍ୟୁନ୍ ନ୍‌ଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିଥିଲା। ଏଥିରେ ଭାଗ ନେଇଥିବା ଅନ୍ୟ ଭାରତୀୟ ପ୍ରତିଯୋଗୀ ପ୍ରତିଷ୍ଠା ସାମନ୍ତ ଅଳ୍ପକେ ପଦକ ଜିତିବାରୁ ବଞ୍ଚିତ ହୋଇ ଚତୁର୍ଥ ସ୍ଥାନରେ ରହିଥିଲେ। ଏହି ବିଜୟ ଫଳରେ ପ୍ରଣତି ଭାରତୀୟ ଭାବେ ଏସିଆନ୍ ଚାମ୍ପିଅନସିପ୍‌ରେ ସର୍ବାଧିକ ୩ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ତାଙ୍କ ପୂର୍ବରୁ ଦୀପା କର୍ମାକାର ୨ଟି ପଦକ ଜିତିଥିଲେ। ୨୦୧୯ ଉଲାନବାତାର ଓ ୨୦୨୨ ଦୋହାରେ ଅନୁଷ୍ଠିତ ଚାମ୍ପିଅନସିପ୍‌ରେ ପ୍ରଣତି ଅନ୍ୟ ଦୁଇଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ।



### ଜାତୀୟ କରାଟେ ପ୍ରତିଯୋଗିତା

## ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୭ ପଦକ

ଭୁବନେଶ୍ୱର, ୧୪।୬ (ସମିସ): ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ କରାଟେ ପ୍ରତିଯୋଗିତାର ତୃତୀୟ ଦିନ ସୁଦ୍ଧା ଓଡ଼ିଶାର ପ୍ରତିଯୋଗୀମାନେ ତୃତୀୟ ଦିନରେ ୫ସ୍ୱର୍ଣ୍ଣ, ୮ରୌପ୍ୟ, ୪କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ଦ୍ୱିତୀୟ ଦିନରେ ପ୍ରତିଯୋଗୀମାନେ ୨ସ୍ୱର୍ଣ୍ଣ, ୨ରୌପ୍ୟ, ୫କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଗତକାଲି ଯୁବ ୭୦ କିଲୋ ଫାଇଟିଂ ଶ୍ରେଣୀରେ ଅଂଶୁମାନ ଆଚାର୍ଯ୍ୟ ଓ ୭୬ କିଲୋରୁ ଊର୍ଦ୍ଧ୍ୱ ଶ୍ରେଣୀ ଫାଇଟିଂରେ ଦିବ୍ୟପ୍ରସାଦ ନାୟକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଆଜି ତୃତୀୟ ଦିନରେ ଅଶ୍ଳେଷା ପଣ୍ଡା, ବୈଶାଳୀ ପାତ୍ର, ଶ୍ରେୟା କାନୁନଗୋ, ଆଦ୍ୟାଶା ପ୍ରିୟଦର୍ଶିନୀ ଓ ଲିନ୍‌ସି ସିଂହ। ଲିନ୍ସି ସିଂହ, ଆକାଂକ୍ଷା ମହାନ୍ତି, ଆଦ୍ୟାଶା ନାୟକ, ଏନ୍ ଜିସିକା, ଇଶାନି ପଣ୍ଡା, ବଂଶିକା ମହାପାତ୍ର, ସୌମ୍ୟା ଶୁଭଦର୍ଶିନୀ, ଅନନ୍ୟା ସାହୁ ଓ ରାଜେଶ୍ୱରୀ ସିଂ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।



ଯାଜପୁର ଜିଲ୍ଲା ଖଣ୍ଡିତରଠାରେ ଚାଲିଥିବା ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତାରେ ଶନିବାର ଅନୁଷ୍ଠିତ ମୁକାବିଲାର ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ

## ସ୍କୁଲ ଓପନ ଚେସ ଜିତିଲେ ପ୍ରାଂଶୁ



ଭୁବନେଶ୍ୱର, ୧୪।୬ (ସମିସ): ଭୁବନେଶ୍ୱର ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାଶ ଚତୁର୍ଥ ତ୍ରିନାଥ ଦାସ ସ୍ମାରକୀ ଓପନ ସ୍କୁଲ ଚେସ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଶନିବାର ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ରୁଚିକା ହାଇସ୍କୁଲର ସତ୍ୟମାଧବ ଶତପଥୀ, ନାରାୟଣ ଇ-ଟେକ୍ନୋ ସ୍କୁଲ୍‌ର ଆୟାବନ୍ତ ମହାନ୍ତି, ନୋଏଡା ରିୟାନ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ସାରାଂଶ ମିଶ୍ର ଓ ଜିଡି ଗୋଏଙ୍କା ପବ୍ଲିକ୍ ସ୍କୁଲ୍‌ର ରେୟାଂଶ ଦାସ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। କ୍ୟାପ୍ଟେନ ଅମିତ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS